ବର୍ଷ-୨୬, ସଂଖ୍ୟା-୨୧୨
ଭୁବନେଶ୍ୱର
ଅଗଷ୍ଟ ୦୭, ୨୦୨୬ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 212
Bhubaneswar
August, 07 2026, Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଗିଲ୍ ଆହତ



# ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୬।୮(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାରଠାରୁ ୩ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯିବେ। ଓଡ଼ିଶା ଫୁଡ୍ ପ୍ରୋସେସିଂ -୨୦୨୬ ଆଣ୍ଡ ଇନ୍‌ଭେଷ୍ଟର ରୋଡ୍ ଶୋ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେବେ। ଆସନ୍ତା ୭ ଏବଂ ୮ ତାରିଖରେ ବିଭିନ୍ନ ସଂସ୍ଥା ସହ ଏକାଧିକ ବୈଠକ ଅନୁଷ୍ଠିତ ହେବ। ଆଲୁମିନିୟମରୁ କିପରି ବିଭିନ୍ନ ଉତ୍ପାଦ ପ୍ରସ୍ତୁତ ହେବ। ସେହିପରି ବିଭିନ୍ନ ଡାଉନ ଷ୍ଟ୍ରିମ୍ କମ୍ପାନୀ ସହ ଏହି ରୋଡ୍ ଶୋ'ରେ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ରାଜ୍ୟରେ କିପରି ଅଧିକରୁ ଅଧିକ ଡାଉନ ଷ୍ଟ୍ରିମ୍ କମ୍ପାନୀ ନିବେଶ କରିବେ ସେଦିଗରେ ସରକାର ଅଧିକ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି। ବିଭିନ୍ନ ଫୁଡ୍ ପ୍ରୋସେସିଂ କମ୍ପାନୀ ସହ ମଧ ମୁଖ୍ୟମନ୍ତ୍ରୀ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶିଳ୍ପ ସଚିବ ହେମନ୍ତ ଶର୍ମା ଏବଂ ଅନ୍ୟ କେତେଜଣ ବରିଷ୍ଠ ଅଧିକାରୀଙ୍କ ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ୮ ତାରିଖରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଫେରିବା



କାର୍ଯ୍ୟକ୍ରମ ରହିଛି। କୌଣସି କାରଣ ବଶତଃ ଯଦି ବିଳମ୍ବ ହୁଏ ତେବେ ମୁଖ୍ୟମନ୍ତ୍ରୀ ଏହାର ପରଦିନ ଅର୍ଥାତ୍ ୯ ତାରିଖ ସକାଳୁ ଫେରିପାରନ୍ତି।

ନିବେଶକ ସମ୍ମିଳନୀରେ ଅଂଶଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ଆଜି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ଗସ୍ତ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଖାଦ୍ୟ ପ୍ରକ୍ରିୟାକରଣ, ଆଲୁମିନିୟମ ଓ ଇସ୍ପାତ, କଞ୍ଜ୍ୟୁମର ପ୍ରଡକ୍ଟସ୍, ରିଫାଇନାରି ଓ ନୟ ଆଦି କ୍ଷେତ୍ରରେ ନିବେଶ ପାଇଁ ନାଲ୍‌କୋ, ହାୟର୍ ଇଣ୍ଡିଆ, ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍ ଓ ଜିନ୍ଦଲ ଷ୍ଟିଲସ୍ ପରି ଅନେକ ଉଦ୍ୟୋଗ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବା ସହିତ ବୁଝାମଣାପତ୍ର (ଏମ୍ଓୟୁ) ମଧ୍ୟ ସ୍ୱାକ୍ଷରିତ ହେବ। ଓଡ଼ିଶାକୁ ଦେଶର ଅଗ୍ରଣୀ ଶିଳ୍ପ ସମୃଦ୍ଧ ରାଜ୍ୟ ଭାବେ ଗଢ଼ି ତୋଳିବା ପାଇଁ ଆମ ସରକାର ବଦ୍ଧପରିକର। ଆମର ଏହି ପ୍ରୟାସ ରାଜ୍ୟର ଅର୍ଥନୀତିକୁ ସୁଦୃଢ଼ କରିବା ସହ ଯୁବବର୍ଗଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ସେ କହିଛନ୍ତି। ଏହି ଗସ୍ତରେ ଅଗ୍ରଣୀ ଉଦ୍ୟୋଗପତି ଓ ପ୍ରତିଷ୍ଠିତ କମ୍ପାନିମାନଙ୍କ ସହିତ ମୁଖ୍ୟମନ୍ତ୍ରୀ ଓଡିଶାରେ ପୁଞ୍ଜିନିବେଶ ସମ୍ପର୍କରେ ଆଲୋଚନା କରିବେ। ଓଡିଶା ପ୍ରତିନିଧି ଦଳ ଗ୍ରେଟର ନୋଏଡାର କିଛି କାରଖାନା ଗସ୍ତ କରିବାର ମଧ କାର୍ଯ୍ୟକ୍ରମ ରହିଛି।

# ଜେନ୍ ଜି ଦେଶବିରୋଧୀ ନୁହନ୍ତି : ମୋହନ ଭାଗବତ

ମୁମ୍ବାଇ୬।୮(ମହାଭାରତ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ମୁଖ୍ୟ ମୋହନ ଭାଗବତ ଆଜି ମୁମ୍ବାଇରେ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବା ସମୟରେ ଜନ୍ତର ମନ୍ତର ଆନ୍ଦୋଳନ ଏବଂ ଜେନ୍ ଜି ମାନଙ୍କ ବିଷୟରେ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇ କହିଛନ୍ତି ଯେ ଯଦି ଜେନ୍ ଜି ଆନ୍ଦୋଳନ କରୁଛନ୍ତି ତେବେ ସେମାନଙ୍କୁ ଦେଶବିରୋଧୀ ବୋଲି କହିବା ଠିକ୍ ନୁହେଁ। ଭାଗବତ କହିଛନ୍ତି, ଏହି ପିଢ଼ି ପୂର୍ବ ପିଢ଼ିଠାରୁ ଭିନ୍ନ ଏବଂ ଏମାନେ ପ୍ରତ୍ୟେକ କଥାର ଯୁକ୍ତିସଙ୍ଗତ ଉତ୍ତର ଚାହାନ୍ତି।



ଜେନ୍ ଜିଙ୍କ ଉପରେ ବିଶ୍ୱାସ ପ୍ରକଟ କରି ଭାଗବତ କହିଛନ୍ତି, ଆମେ ଜେନ୍ ଜି ବୟସରେ ଥିବାବେଳେ ବଡ଼ମାନଙ୍କ କଥା ବିନା ପ୍ରଶ୍ନରେ ମାନୁଥିଲୁ। କିନ୍ତୁ ଆଜିର ଜେନ୍ ଜି ପ୍ରତ୍ୟେକ କଥାର ଯୁକ୍ତିସଙ୍ଗତ ଉତ୍ତର ଚାହୁଁଛନ୍ତି। ଏହାର ପ୍ରତିବାଦ କରିବାର ମାନେ ନୁହେଁ ଯେ ସେମାନେ ଦେଶ ବିରୋଧୀ। ସେମାନେ ଆମର ନିଜ ଲୋକ, ଆମର ପରବର୍ତ୍ତୀ ପିଢ଼ି। ବର୍ତ୍ତମାନ ପିଢ଼ିଠାରୁ ଜେନ୍ ଜି ଏବଂ ଜେନ୍ ଆଲଫାମାନେ ଅଧିକ ସଚ୍‌ଚୋଟ। ମୁଁ ସେମାନଙ୍କୁ ଅନ୍ଧ ଭାବେ ବିଶ୍ୱାସ କରୁଛନ୍ତି ବୋଲି ଭାଗବତ କହିଛନ୍ତି। ଦେଶପ୍ରେମ ଓ ସମାଜସେବାର ସତ୍ୟନିଷ୍ଠ ବାର୍ତ୍ତା ସେମାନଙ୍କୁ ପ୍ରଭାବିତ କରିପାରେ ବୋଲି ଭାଗବତ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଜନ୍ତର ମନ୍ତର ଆନ୍ଦୋଳନ ଏବଂ ଦିଲ୍ଲୀରେ ଛାତ୍ରଙ୍କ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଏବଂ ପେଲେଟ୍ ଗନ୍ ବ୍ୟବହାର ସଂକ୍ରାନ୍ତରେ ଭାଗବତ କହିଛନ୍ତି, ଲାଠିଚାର୍ଜ କାହିଁକି ହେଲା ଏବଂ ପେଲେଟ୍ ଗନ୍ କାହିଁକି ବ୍ୟବହାର କରାଗଲା, ଏହାର କାରଣ ଅଧ୍ୟୟନ କରିବା ଆବଶ୍ୟକ।

ଭାଗବତ କହିଛନ୍ତି, ଶିକ୍ଷା ବ୍ୟବସ୍ଥାରେ କେବଳ ଗୋଟିଏ କିମ୍ବା ଦୁଇଟି ପରିବର୍ତ୍ତନ ପର୍ଯ୍ୟାପ୍ତ ନୁହେଁ। ଏଥିରେ ବ୍ୟାପକ ସଂସ୍କାରର ଆବଶ୍ୟକତା ରହିଛି। ଶିକ୍ଷାକୁ ବ୍ୟବସାୟରେ ପରିଣତ କରାଯିବା ଉଚିତ ନୁହେଁ। ସମସ୍ତଙ୍କୁ ସୁଲଭ ଶିକ୍ଷା ମିଳିବା ଦରକାର। ଭାରତର ବଜେଟରେ ଶିକ୍ଷା ପାଇଁ ବ୍ୟୟ ୬ ପ୍ରତିଶତ ପର୍ଯ୍ୟନ୍ତ ବଢ଼ାଇବା ଉଚିତ। ବିଦ୍ୟାଳୟ ବିକାଶରୁ ଆରମ୍ଭ କରି ଗୁଣାତ୍ମକ ଶିକ୍ଷା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଜନସାଧାରଣଙ୍କ ଅଂଶଗ୍ରହଣ ଆବଶ୍ୟକ। ଶିକ୍ଷକମାନଙ୍କ ପ୍ରଶିକ୍ଷଣ ଉପରେ ଅଧିକ ଗୁରୁତ୍ୱ ଦେବା ଦରକାର। ସୋସିଆଲ ମିଡିଆର ବ୍ୟବହାର ସମ୍ପର୍କରେ ସେ କହିଛନ୍ତି, ସୋସିଆଲ ମିଡିଆ ପ୍ରତି ଆମର ଦୃଷ୍ଟିଭଙ୍ଗୀ ବଦଳାଇବା ଆବଶ୍ୟକ। ଆତ୍ମଶୃଙ୍ଖଳା ଜରୁରୀ। ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ଲଗାଇବାର ଆବଶ୍ୟକତା ନାହିଁ। ସେହିପରି ପାକିସ୍ତାନ ଓ ଚୀନ୍ ପ୍ରସଙ୍ଗରେ ଭାଗବତ କହିଛନ୍ତି, ସଂଘର୍ଷ ସମୟରେ ସରକାର ଯେଉଁ ପଦକ୍ଷେପ ନେଉଛନ୍ତି, ତାହାକୁ ସମର୍ଥନ କରିବା ଉଚିତ। ଆମେ ଉଭୟ ରାଷ୍ଟ୍ର ସହ କଥାବାର୍ତ୍ତା ଜାରି ରଖିବା ଉଚିତ। ସ୍ଥାୟୀ ଘୃଣା କୌଣସି ସମାଧାନ ନୁହେଁ। ମାନବିକତାକୁ ସର୍ବଦା ପ୍ରାଥମିକତା ଦେବା ଉଚିତ ବୋଲି ସେ କହିଛନ୍ତି। ଏନଏମଏସିସି ( ନୀତା ମୁକେଶ ଅମ୍ବାନୀ ସାଂସ୍କୃତିକ କେନ୍ଦ୍ର)ରେ ଆୟୋଜିତ ଆଇଆଇଏମୟୁଏନ୍‌ର ବାର୍ଷିକ ଚାମ୍ପିଅନସିନ୍ ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇ ଭାଗବତ ଏହି ଟିପ୍ପଣୀ ଦେଇଛନ୍ତି।

### ୬୪.୪୨ ଲକ୍ଷ ଟଙ୍କାର ହେରଫେର

## ପୂର୍ବତନ ମ୍ୟାନେଜର ଗିରଫ

ବାରିପଦା,୬।୮(ମହାଭାରତ): ମୟୂରଭଞ୍ଜ ସେଣ୍ଟ୍ରାଲ କୋ-ଅପରେଟିଭ୍ ବ୍ୟାଙ୍କ (ଏମସିସିବି) ବ୍ୟାଙ୍କର ବାହଳଦା ଶାଖାରେ ହୋଇଥିବା ପ୍ରାୟ ୬୪.୪୨ ଲକ୍ଷ ଟଙ୍କାର ଆର୍ଥିକ ହେରଫେର ଓ ସରକାରୀ ଅର୍ଥ ଆତ୍ମସାତ୍ ମାମଲାରେ ବାରିପଦା ଦୁର୍ନୀତି ନିବାରଣ ବିଭାଗ (ଭିଜିଲାନ୍‌ସ) ଦୁଇ ଜଣଙ୍କୁ ଗିରଫ କରିଛି।

ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବହଳଦା ଶାଖାର ପୂର୍ବତନ ମ୍ୟାନେଜର ଡିରେନ୍ କୁମାର ମିଶ୍ର ଓ ପ୍ରାକ୍ତନ କିରାଣୀ ମଳୟ କୁମାର ଦତ୍ତ। ୨୦୧୯ ରୁ ୨୦୨୪ ମସିହା ମଧ୍ୟରେ ଅଭିଯୁକ୍ତମାନେ ବ୍ୟାଙ୍କର ଅନ୍ୟ ୩ଜଣ ସହଯୋଗୀ କର୍ମଚାରୀଙ୍କ ସହ ମିଶି ଜାଲିଆତି କରିଥିଲେ। ଗ୍ରାହକମାନଙ୍କ ଅଜାଣତରେ ଓ ବିନା ସମ୍ମତିରେ ସେମାନଙ୍କର ୨୯ଟି ଅସଲି ଫିକ୍ସଡ୍ ଡିପୋଜିଟ୍ (ଏଫ୍‌ଡି) ବିପରୀତରେ କାଗଜପତ୍ର ଜାଲିଆତି କରି ନକଲି 'ଲୋନ' ଆକାଉଣ୍ଟ ଖୋଲିଥିଲେ। ଏହି ଚଞ୍ଚକତା ମାଧ୍ୟମରେ ଅଭିଯୁକ୍ତମାନେ ସମୁଦାୟ ୬୪,୪୨,୦୭୪ ଟଙ୍କା ହଡ଼ପ କରି ନିଜସ୍ୱ କାର୍ଯ୍ୟରେ ବିନିଯୋଗ କରିଥିଲେ।

ଏହି ଘଟଣାରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ୦୫.୦୮.୨୦୨୬ ତାରିଖରେ ମାମଲା ନଂ-୧୪ ରୁଜୁ କରାଯାଇଛି। ଦୁର୍ନୀତି ନିବାରଣ (ସଂଶୋଧିତ) ଆଇନ୍, ୨୦୧୮ ର ଧାରା ୧୩(୨) ଗ୍ଧାଙ୍ଗ ୧୩(୧)(ବ) ଏବଂ ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି) ର ୪୦୯/୧୨୦-ବି ଦଫାରେ ଏହି କେସ୍ ଦାୟର ହୋଇଥିବା ଅରୁଣ କୁମାର ନାୟକ, ଏସ୍‌ପି ଭିଜିଲାନ୍ସ, ବାଲେଶ୍ୱର କହିଛନ୍ତି।




ଭୁବନେଶ୍ୱରସ୍ଥିତ ଲୋକସେବା ଭବନଠାରେ ଛତିଶଗଡ଼ ରାଜ୍ୟପାଳ ରମେନ ଡେକା ଜୀ ଏବଂ ରାୟପୁର ଉତ୍ତରର ବିଧାୟକ ଶ୍ରୀ ପୁରନ୍ଦର ମିଶ୍ର ଜୀଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସୌଜନ୍ୟମୂଳକ ସାକ୍ଷାତ।

## ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ବୀମା ବନ୍ଦ ଉପରେ ଚାଲିଛି ତର୍ଜମା

ଭୁବନେଶ୍ୱର,୬।୮(ମହାଭାରତ): ସାମ୍ବାଦିକଙ୍କ ପାଇଁ ଉଦ୍ଦିଷ୍ଟ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା ବନ୍ଦ ହେବା ଚର୍ଚ୍ଚାରେ ପ୍ରତିକ୍ରିୟା ରଖିଛନ୍ତି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା ମୁକେଶ ମହାଲିଙ୍ଗ । ଏ ନେଇ ତର୍ଜମା ଚାଲିଥିବା ମନ୍ତ୍ରୀ କହିଛନ୍ତି । ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ସରକାର ଯୋଜନା କରୁଥିବା ଚର୍ଚ୍ଚା ହେଉଛି । ଯାହାକୁ ନେଇ ସାମ୍ବାଦିକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ବୃଦ୍ଧି ପାଇଛି । ଏ ନେଇ ସ୍ୱାସ୍ଥ୍ୟ ବିଭାଗ ଓ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମଧ୍ୟରେ ବୈଠକ ହୋଇଛି । ମନ୍ତ୍ରୀ କହିଛନ୍ତି ଯେ ସାମ୍ବାଦିକଙ୍କ ସ୍ୱାସ୍ଥ୍ୟକୁ ନେଇ ସରକାର ଦାୟିତ୍ୱବାନ ଅଛନ୍ତି । ଯଦି ସାମ୍ବାଦିକମାନେ ଆୟୁଷ୍ମାନରେ ସାମିଲ ନହେବା ପାଇଁ ମନା କରୁଛନ୍ତି ତେବେ ସରକାର ଏହାର ତର୍ଜମା କରିବେ । ଉଲ୍ଲେଖ ଯୋଗ୍ୟ, ୨୦୧୮ ମସିହାରେ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା ଆରମ୍ଭ ହୋଇଥିଲା ।

## ଘର ଭାଙ୍ଗିଲେ ହାତୀପଲ, ୪ ଗୁରୁତର

ବଲାଙ୍ଗୀର,୬।୮(ମହାଭାରତ): ବଲାଙ୍ଗୀର ଜିଲା ମୁରିବାହାଲ ରେଞ୍ଜ ଅନ୍ତର୍ଗତ ସରଗୁଲ ଗାଁରେ ଏବେ ହାତୀ ଆତଙ୍କ ଦେଖାଦେଇଛି। ଗାଁରେ ଏକ ପରିବାର ଘର ଭିତରେ ଶୋଇଥିବା ବେଳେ ୧୫ ଟିକିଆ ହାତୀପଲ ଗାଁ ଭିତରକୁ ପଶି ଆସି ଘର ଭାଙ୍ଗି ଉତ୍ପାତ ଆରମ୍ଭ କରିଛନ୍ତି। ହାତୀପଲ ଘର ଭାଙ୍ଗିଦେବାରୁ ଘର କାନ୍ଥ ପଡ଼ି ପରିବାରର ୪ ଜଣ ଗୁରୁତର ହୋଇ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି।ସୂଚନାଯୋଗ୍ୟ, ସରଗୁଲ ଗାଁର ଲିଙ୍ଗରାଜ ଭୋଇ। ଗତକାଲି ରାତିରେ ଖାଇ ସାରି ଘରେ ଭିତରେ ଶୋଇଥିଲେ। ପାଟଣାଗଡ଼ ଟିକ୍ରାପଡ଼ା ଜଙ୍ଗଲ ପଟରୁ ହଠାତ୍ ମାଡ଼ି ଆସିଥିଲେ ହାତୀପଲ ଲିଙ୍ଗରାଜଙ୍କ ଘର ଉପରେ ଆକ୍ରମଣ କରି ଘରଭାଙ୍ଗି ଦେବାରୁ ଲିଙ୍ଗରାଜ ତାଙ୍କ ସ୍ତ୍ରୀ ଓ ଦୁଇ ଛୁଆ ଉପରେ କାନ୍ଥ ପଡ଼ିଯାଇଥିଲା।

ସେମାନେ କାନ୍ଥ ଭିତରେ ରହିଯିବାରୁ ଗୁରୁତର ହୋଇପଡ଼ିଥିଲେ। ତୁରନ୍ତ ପ୍ରଥମେ ସେମାନଙ୍କୁ ପଟଣାଗଡ଼ ହସ୍ପିଟାଲରେ ଭର୍ତ୍ତି କରଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ବଲାଙ୍ଗୀର ମେଡିକାଲକୁ ଅଣାଯାଇ ଚିକିତ୍ସା କରିଥିବା ଜଣାପଡ଼ିଛି। ପରିବାରର ୪ ଜଣଙ୍କ ମଧ୍ୟରୁ ଲିଙ୍ଗରାଜ ଭୋଇ ଓ ତାଙ୍କ ପୁଅ ଦୁଇ ଜଣ ଗୁରୁତର ଥିବା ବେଳେ ଅନ୍ୟ ଦୁଇ ଜଣଙ୍କ ସ୍ତ୍ରୀ ସୁମିତ୍ରା ଭୋଇ ଓ ଝିଅ ଅବସ୍ଥା ଠିକ୍ ଥିବା ଜଣାପଡ଼ିଛି। ଗତ ୨ ବର୍ଷ ହେଲା ମୁରିବାହାଲ ରେଞ୍ଜ ଅଞ୍ଚଳରେ ହାତୀ ଆତଙ୍କ ଦେଖିବାକୁ ମିଳିଛି। ହାତୀ ଆକ୍ରମଣରେ ପୂର୍ବରୁ ଜଣେ ବନ କର୍ମଚାରୀ ଓ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଥିଲା।

## ୨ ହଜାରକୁ ବୃଦ୍ଧି ପାଇବ ଡାକ୍ତରୀ ସିଟ୍ ସଂଖ୍ୟା

ଭୁବନେଶ୍ୱର,୬।୮(ମହାଭାରତ):: ରାଜ୍ୟରେ ସ୍ୱାସ୍ଥ୍ୟସେବାକୁ ଲୋକଙ୍କ ନିକଟତର କରିବା ଏବଂ ଡାକ୍ତର ଅଭାବ ପୂରଣ କରିବାକୁ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ଭାଜପା ସରକାର କ୍ଷମତାକୁ ଆସିବା ପରେ ଡାକ୍ତରୀ ସିଟ୍ ସଂଖ୍ୟା ବୃଦ୍ଧିକୁ ଗୁରୁତ୍ୱ ଦେଉଛନ୍ତି। ଗତ ୨ ବର୍ଷରେ ୩୦୦ ସିଟ୍ ବୃଦ୍ଧି ପାଇଛି। ରାଜ୍ୟରେ ଏମ୍‌ବିବିଏସ୍ ପାଠ୍ୟକ୍ରମ ସିଟ୍ ସଂଖ୍ୟା ୧୮୦୦ରେ ପହଞ୍ଚିଥିବାବେଳେ ଚଳିତବର୍ଷ ଏହି ସଂଖ୍ୟା ୨ହଜାରକୁ ବୃଦ୍ଧି କରିବା ଲାଗି ଆଶା କରାଯାଉଥିବା ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମହାଲିଙ୍ଗ କହିଛନ୍ତି, ଗତ ୨ ବର୍ଷରେ ଓଡ଼ିଶାକୁ ୩ଟି ମେଡିକାଲ କଲେଜରେ ୧୦୦ ଲେଖାଏ ସିଟ୍‌ରେ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ଅନୁମତି ମିଳିଛି। ସେଥିମଧ୍ୟରେ ଜିଏମ୍‌ସିଏଚ୍-ଫୁଲବାଣୀ, ପିଏମ୍‌ପି ଏମ୍‌ସିଏଚ୍-ତାଳଚେର, ଅନୁଗୋଳ ଏବଂ ଏସ୍‌ଆର୍‌ଏମ୍ କଳାହାଣ୍ଡି ମେଡିକାଲ କଲେଜ ଓ ହସ୍ପିଟାଲ ରହିଛି। ପ୍ରତିବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ୧୫୦ରୁ ୨୦୦ ଏମ୍‌ବିବିଏସ୍ ସିଟ୍ ବୃଦ୍ଧି ପାଇଁ ଲକ୍ଷ୍ୟ ରହିଛି।

## ଚାନ୍ଦିପୁରରୁ ଅଗ୍ନି-୪ର ହେଲା ସଫଳ ପରୀକ୍ଷଣ

ନୂଆଦିଲ୍ଲୀ,୬।୮(ମହାଭାରତ):ଭାରତ ଗୁରୁବାର ଓଡ଼ିଶାର ଚାନ୍ଦିପୁର ସ୍ଥିତ ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜରୁ ମଧ୍ୟମ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର 'ଅଗ୍ନି-୪'ର ସଫଳ ପରୀକ୍ଷଣ କରିଛି। ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁସାରେ, ଷ୍ଟ୍ରାଟେଜିକ୍ ଫୋର୍ସସ୍ କମାଣ୍ଡର ନେତୃତ୍ୱରେ ଏହି ପରୀକ୍ଷଣ କରାଯାଇଥିଲା।ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ, ଅଗ୍ନି-୪ କ୍ଷେପଣାସ୍ତ୍ରର ପରୀକ୍ଷଣ ସମସ୍ତ ଅପରେସନାଲ ଓ ପ୍ରଯୁକ୍ତି ଭିତିକ ମାନଦଣ୍ଡକୁ ସଫଳତାର ସହ ପୂରଣ କରିଛି। ଏହି ପରୀକ୍ଷଣ ଷ୍ଟ୍ରାଟେଜିକ୍ ଫୋର୍ସସ୍ କମାଣ୍ଡ ଅଧୀନରେ କରାଯାଇଥିଲା।

ଅଗ୍ନି-୪ ହେଉଛି ଦୁଇ ପର୍ଯ୍ୟାୟ ବିଶିଷ୍ଟ ଏକ ସର୍ଫସ୍-ଟୁ-ସର୍ଫସ୍ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର। ଏଥିରେ ସଲିଡ୍ ଫ୍ୟୁଏଲ୍ ରକେଟ୍ ମୋଟର ବ୍ୟବହାର କରାଯାଇଛି। ଏହି କ୍ଷେପଣାସ୍ତ୍ର ପ୍ରାୟ ୪,୦୦୦ କିଲୋମିଟର ଦୂରର ଲକ୍ଷ୍ୟକୁ ଭେଦ କରିବାର କ୍ଷମତା ରଖିଛି। ଏହା ପୂର୍ବରୁ ଜୁଲାଇ ମାସରେ ଡିଆରଡିଓ ଓଡ଼ିଶାର ଚାନ୍ଦିପୁର ସ୍ଥିତ ଇଣ୍ଟିଗ୍ରେଟେଡ୍ ଟେଷ୍ଟ ରେଞ୍ଜରେ ପିନାକା ଲଙ୍ଗ ରେଞ୍ଜ ଗାଇଡେଡ୍ ରକେଟ୍ ର ସଫଳ ପରୀକ୍ଷଣ କରିଥିଲା। ଜୁଲାଇ ୮ ତାରିଖରେ ହୋଇଥିବା ଏହି ପରୀକ୍ଷଣରେ ରକେଟ୍‌କୁ ୬୦ କିଲୋମିଟର ସର୍ବନିମ୍ନ ଦୂରତା ପାଇଁ ପରୀକ୍ଷା କରାଯାଇଥିଲା। ଇସ୍ରୋ କହିଥିଲା ଯେ, ଏହି ପରୀକ୍ଷଣର ସମସ୍ତ ଲକ୍ଷ୍ୟ ସଫଳତାର ସହ ପୂରଣ ହୋଇଛି। ରକେଟ୍ ନିର୍ଦ୍ଧାରିତ ଉଡ଼ାଣ ପଥ ଅନୁସରଣ କରି ଲକ୍ଷ୍ୟସ୍ଥଳରେ ସଠିକ୍ ଭାବେ ପହଞ୍ଚିଥିଲା।

# ମାଗଣା ବିଜୁଳି ଯୋଜନା'ରେ ୫୦ ଲକ୍ଷରୁ ଅଧିକ ରୁଫଟପ୍ ସୋଲାର ସ୍ଥାପନର ମାଇଲଖୁଣ୍ଟ

ନୂଆଦିଲ୍ଲୀ,୬।୮(ମହାଭାରତ):ସାରା ଦେଶରେ ୫୦.୦୬ ଲକ୍ଷରୁ ଅଧିକ ପରିବାର ଏବେ ଛାତଉପରେ ସୌର ବିଜୁଳି ସ୍ଥାପନ କରି ଲାଭାନ୍ୱିତ ହେବା ସହ 'ପିଏମ୍ ସୂର୍ଯ୍ୟ ଘର- ମାଗଣା ବିଜୁଳି ଯୋଜନା' ଦେଶରେ ଏକ ଐତିହାସିକ ମାଇଲଖୁଣ୍ଟ ଅତିକ୍ରମ କରିଛି।

ଏହାର ଶୁଭାରମ୍ଭର ମାତ୍ର ଦୁଇ ବର୍ଷରୁ ସାମାନ୍ୟ ଅଧିକ ସମୟ ମଧ୍ୟରେ ଏହି ସଫଳତା ହାସଲ ହୋଇଛି, ଯାହା ବିଗତ ଦଶ ବର୍ଷ ମଧ୍ୟରେ ହୋଇଥିବା ୭.୯୪ ଲକ୍ଷ ରୁଫଟପ୍ ସୋଲାର ସଂଯୋଗ ତୁଳନାରେ ଏକ ବଡ଼ ଅଗ୍ରଗତିକୁ ଦର୍ଶାଉଛି। ୭୫,୦୨୧ କୋଟି ଟଙ୍କାର ବ୍ୟୟବରାଦ ସହ ବିଶ୍ୱର ଏହି ବୃହତ୍ତମ ରୁଫଟପ୍ ସୋଲାର କାର୍ଯ୍ୟକ୍ରମର ଦ୍ରୁତ ରୂପାୟନକୁ ଏହା ପ୍ରତିଫଳିତ କରୁଛି। 'ପିଏମ୍ ସୂର୍ଯ୍ୟ ଘର-ମାଗଣା ବିଜୁଳି ଯୋଜନା' ହେଉଛି ଭାରତ ସରକାରଙ୍କ ନୂତନ ଏବଂ ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ ଅଧୀନରେ ଥିବା ଏକ ପ୍ରମୁଖ ରୁଫଟପ୍ ସୋଲାର ଯୋଜନା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ, ଏହି ଯୋଜନା ଆଜି ପ୍ରତ୍ୟେକ ଛଅ ଦିନରେ ୧ ଲକ୍ଷ ପରିବାରକୁ ଲାଭାନ୍ୱିତ କରୁଛି, ଯାହା ଏହାକୁ ବିଶ୍ୱର ଅନ୍ୟତମ ଦ୍ରୁତ ଅଭିବୃଦ୍ଧିଶୀଳ ସ୍ୱଚ୍ଛ ଶକ୍ତି କାର୍ଯ୍ୟକ୍ରମରେ ପରିଣତ କରିଛି। ଗତ ନଅ ମାସ ମଧ୍ୟରେ ସ୍ଥାପନର ଗତି ୩.୨ ଗୁଣ ବୃଦ୍ଧି ପାଇଛି। ଅକ୍ଟୋବର ୨୦୨୫ରେ ଦୈନିକ ୫,୦୩୮ ଟି ସ୍ଥାପନରୁ ବୃଦ୍ଧି ପାଇ ଜୁଲାଇ ୨୦୨୬ ରେ ଦୈନିକ ପ୍ରାୟ ୧୬,୩୨୮ ଟି ସୌର ପ୍ରକଳ୍ପ ସ୍ଥାପନ କରାଯାଇ ପାରିଛି। କେବଳ ଜୁଲାଇ ୨୦୨୬ରେ ୫.୦୬ ଲକ୍ଷ ପରିବାର ଏହି ଯୋଜନାରେ ଲାଭାନ୍ୱିତ ହୋଇଛନ୍ତି, ଯାହା ଯୋଜନା ଆରମ୍ଭ ହେବା ପରଠାରୁ ସର୍ବକାଳୀନ ସର୍ବାଧିକ ମାସିକ ସଂଖ୍ୟା। ଏହି ଗତିଶୀଳତାକୁ ଆଗକୁ ନେବା ପାଇଁ ପ୍ରତ୍ୟକ୍ଷ ଲାଭାଂଶ ହସ୍ତାନ୍ତରଣ (ଡିବିଟି) ଜରିଆରେ ହିତାଧିକାରୀଙ୍କୁ ସିଧାସଳଖ ୨୮,୦୨୪ କୋଟି ଟଙ୍କାର ସବସିଡି ପ୍ରଦାନ କରାଯାଇଛି। ଫଳରେ, ପ୍ରାୟ ୧୯ ଲକ୍ଷ ପରିବାର ଏବେ ଶୂନ୍ୟ ବିଜୁଳି ବିଲ୍ ପାଉଛନ୍ତି, ଯାହା ପରିବାରଗୁଡ଼ିକର ଆର୍ଥିକ ବୋଝକୁ ଯଥେଷ୍ଟ କମ୍ କରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ୧୨ ଲକ୍ଷରୁ ଅଧିକ ପରିବାର ବଳକା ବିଜୁଳି ବିକ୍ରି କରି ମୋଟ ୪୨୧ କୋଟି ଟଙ୍କା ରୋଜଗାର କରିଛନ୍ତି, ଯାହା ଗ୍ରୀଡ୍‌କୁ ବିଜୁଳି ଯୋଗାଉଥିବା ପ୍ରତି ପରିବାର ପାଇଁ ବାର୍ଷିକ ପ୍ରାୟ ୩,୫୦୦ ଟଙ୍କାର ଅତିରିକ୍ତ ଆୟ ସୃଷ୍ଟି କରିଛି।

'ୟୁଟିଲିଟି ଭିତ୍ତିକ ଏଗ୍ରିଗେସନ୍' ମଡେଲ୍ ଅଧୀନରେ, ୪ ଟି ରାଜ୍ୟରେ ପିଏମ୍‌ଏୱାଇ, ବିପିଏଲ୍ ଏବଂ ଅନୁସୂଚିତ ଜାତି ଓ ଜନଜାତି ପରିବାର ପାଇଁ ୧.୬ ଲକ୍ଷ ସ୍ଥାପନ ସମ୍ପୂର୍ଣ୍ଣ ହୋଇଛି, ଏବଂ ୧୨ ଟି ରାଜ୍ୟରେ ଏହି ମଡେଲ୍ କାର୍ଯ୍ୟକାରୀ କରିବାକୁ ମଞ୍ଜୁରୀ ମିଳିଛି। ଏହି ମଡେଲ୍ କମ୍ ଆୟକାରୀ ପରିବାରଗୁଡ଼ିକୁ



ରୁଫ୍ଟପ୍ ସୋଲାର ସୁବିଧା ପାଇବାରେ ସାହାଯ୍ୟ କରୁଥିବାବେଳେ ରାଜ୍ୟଗୁଡ଼ିକୁ ସେମାନଙ୍କର ଟ୍ୟାରିଫ୍ ସବସିଡି ବୋଝ କମାଇବାରେ ସାହାଯ୍ୟ କରୁଛି। ଅପରପକ୍ଷେ ହିତାଧିକାରୀଙ୍କୁ ଛାତ ଉପରେ ସୌର ପ୍ରକଳ୍ପ ସ୍ଥାପନ ପାଇଁ ସହଜରେ କମ୍ ସୁଧ ହାରରେ ଋଣ ମଧ୍ୟ ଯୋଗାଇ ଦିଆଯାଉଛି। ୨୧.୮୭ ଲକ୍ଷ ଆବେଦନକାରୀଙ୍କ ପାଇଁ ୫.୭୫% ସୁଧ ହାରରେ ରିହାତି ଋଣ ମଞ୍ଜୁର କରାଯାଇଛି, ଯେଉଁଥିରୁ ୧୭.୫ ଲକ୍ଷ ସ୍ଥାପନ ଋଣ ଆର୍ଥିକ ସହାୟତା ମାଧ୍ୟମରେ ସମ୍ପୂର୍ଣ୍ଣ ହୋଇସାରିଛି। ଜନ ସମର୍ଥର ସଂଯୋଜନା କାଗଜପତ୍ର ବିହୀନ (ପେପରଲେସ୍) ଋଣ ପ୍ରକ୍ରିୟାକରଣକୁ ସକ୍ଷମ କରିଛି।

ଏହି ଯୋଜନା ଏକ ବ୍ୟାପକ ଭେଣ୍ଡର ଏବଂ ନିଯୁକ୍ତି ଇକୋସିଷ୍ଟମ୍ ମଧ ସୃଷ୍ଟି କରିଛି, ଯେଉଁଥିରେ ୩୪,୨୧୯ଟି ପଞ୍ଜିକୃତ ବିକ୍ରେତା ଅଛନ୍ତି, ଯେଉଁଥିରୁ ୨୯,୪୬୯ଟି ସାରା ଦେଶରେ ସକ୍ରିୟ ଭାବରେ କାର୍ଯ୍ୟ କରୁଛନ୍ତି। ରୁଫ୍ଟପ୍ ସୋଲାର ଭାଲ୍ୟୁ ଚେନ୍‌କୁ ସହାୟତା କରୁଥିବା କ୍ଷମତା ବୃଦ୍ଧି କାର୍ଯ୍ୟକ୍ରମ ଅଧୀନରେ ୨.୩୨ ଲକ୍ଷରୁ ଅଧିକ ଲୋକଙ୍କୁ ତାଲିମ ଦିଆଯାଇଛି। ସମୁଦାୟ ଭାବେ, ଏହି ଯୋଜନା ଅଧୀନରେ ଏପର୍ଯ୍ୟନ୍ତ ୧୪.୮ ଗିଗାୱାଟ୍ ରୁଫ୍ଟପ୍ ସୋଲାର କ୍ଷମତା କାର୍ଯ୍ୟକ୍ଷମ କରାଯାଇଛି। ଏହି ଯୋଜନା ଆବେଦନଠାରୁ ଆରମ୍ଭ କରି ସବସିଡି ପ୍ରଦାନ ପର୍ଯ୍ୟନ୍ତ ୧୦୦ ପ୍ରତିଶତ ଅନଲାଇନ୍, ସମ୍ପୂର୍ଣ୍ଣ ଡିଜିଟାଲ୍ ପ୍ରକ୍ରିୟାରେ ଚାଲିଥାଏ, ଯେଉଁଥିରେ ଗ୍ରାହକଙ୍କ ପାଇଁ କୌଣସି ଭୌତିକ କାଗଜପତ୍ର କିମ୍ବା ଅଫିସ ପରିଦର୍ଶନର ଆବଶ୍ୟକତା ନଥାଏ। ପେପରଲେସ୍ ଋଣ ପାଇଁ 'ଜନ ସମର୍ଥ' ସଂଯୋଜନା, ୧୫ ଦିନ ମଧ୍ୟରେ ସବସିଡି ପ୍ରଦାନ ପାଇଁ ପିଏଫଏମ୍‌ଏସ୍ ସଂଯୋଜନା, ସହଜ ପ୍ରକ୍ରିୟାକରଣ ପାଇଁ ୮୦ ରୁ ଅଧିକ ଡିସକମ୍ ଗୁଡ଼ିକ ସହିତ ଏପିଆଇ ସଂଯୋଜନା, ଜାତୀୟ ପୋର୍ଟାଲ୍ ମାଧ୍ୟମରେ ଏକ ଡିଜିଟାଲ୍ ନେଟ୍ ମିଟରିଂ ଚୁକ୍ତିନାମା, ଏବଂ ଗ୍ରାହକଙ୍କୁ ଦୃଶ୍ୟମାନ ହେଉଥିବା ଷ୍ଟାର୍ ରେଟିଂ ପ୍ରଦାନ କରୁଥିବା ଏକ ବିକ୍ରେତା ମାନକ ଢାଞ୍ଚା ମାଧ୍ୟମରେ ଏହା ସମ୍ଭବ ହୋଇପାରିଛି। ଡିସିଆର ପୋର୍ଟାଲ୍ ସହିତ ସଂଯୋଜନା ଦେଶୀୟ ସାମଗ୍ରୀର ଅନୁପାଳନକୁ ସୁନିଶ୍ଚିତ କରୁଛି।ସୌର ଶକ୍ତି ଆପଣାଇବାର ପ୍ରକ୍ରିୟାକୁ ସହଜ କରିବା ପାଇଁ, ୧୦ କିଲୋୱାଟ୍ ପର୍ଯ୍ୟନ୍ତ ରୁଫଟପ୍ ସୋଲାର ପାଇଁ ସ୍ୱତଃ ମଞ୍ଜୁରୀ ଏବଂ ଫିଜିବିଲିଟି ଛାଡ଼ ବ୍ୟବସ୍ଥା ଲାଗୁ କରାଯାଇଛି। ଏହାସହ ୩୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ରୁଫଟପ୍ ସୋଲାର ପାଇଁ ଆବେଦନ ଏବଂ ନେଟ୍ ମିଟରିଂ ଶୁଳ୍କକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିଛନ୍ତି। ବିଦ୍ୟୁତ ବିତରଣ କମ୍ପାନୀ ଗୁଡ଼ିକୁ ପ୍ରୋତ୍ସାହନ ରାଶି ଭାବେ ୩,୮୦୭.୬ କୋଟି ଟଙ୍କା ଏବଂ ସହରାଞ୍ଚଳ ସ୍ଥାନୀୟ ନିକାୟ ଗୁଡ଼ିକୁ ପ୍ରାୟ ୧୦୪ କୋଟି ଟଙ୍କା ପ୍ରଦାନ କରାଯାଇଛି। ୪୬ଟି ସହରରେ 'ସିଟି ଆକ୍ସିଲେରେଟର ପ୍ରୋଗ୍ରାମ' ଆରମ୍ଭ କରାଯାଇଛି ଏବଂ ଭେଣ୍ଡର ଉତ୍ତରଦାୟିତ୍ୱ ଢାଞ୍ଚା ଅଧୀନରେ ପ୍ରାୟ ୨୩,୦୦୦ ତୃତୀୟ-ପକ୍ଷ ଗୁଣବତ୍ତା ଯାଞ୍ଚ ସମ୍ପାଦନ କରାଯାଇଛି।

## ସେପ୍ଟେମ୍ବରରୁ ସିଜେପିର ବଡ଼ ଅଭିଯାନ

ନୂଆଦିଲ୍ଲୀ,୬।୮(ମହାଭାରତ):: କକ୍ରୋଚ ଜନତା ପାର୍ଟି (ସିଜେପି) ଆସନ୍ତା ମାସରେ ସାରା ଦେଶରେ 'କ୍ୟା ବୋଲତି ପବ୍ଲିକ' (ଜନସାଧାରଣ କ'ଣ କୁହନ୍ତି) ଅଭିଯାନ ଆରମ୍ଭ କରିବାକୁ ଯାଉଛି। ଦଳର ପ୍ରତିଷ୍ଠାତା ଅଭିଜିତ ଦୀପକେ କହିଛନ୍ତି ଯେ ଏହି ଅଭିଯାନ ମାଧ୍ୟମରେ ଦଳ ଜନସାଧାରଣଙ୍କ ସହ ସିଧାସଳଖ ଆଲୋଚନା କରିବ ଏବଂ ସେମାନଙ୍କ ସମସ୍ୟା ବୁଝିବ ଏବଂ ଦେଶର ସାମ୍ପ୍ରତିକ ପରିସ୍ଥିତି ଉପରେ ସେମାନଙ୍କର ମତାମତ ସଂଗ୍ରହ କରିବ।

ମହାରାଷ୍ଟ୍ରର ଛତ୍ରପତି ସମ୍ଭାଜୀନଗରରେ ଦଳର କୋର୍ ଟିମ ବୈଠକ ଶେଷ ହେବା ପରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦୀପକେ କହିଛନ୍ତି ଯେ ଦଳ ଏହି ଅଭିଯାନର ଅଂଶ ଭାବରେ ଦେଶବ୍ୟାପୀ ଲୋକଙ୍କ ସହିତ ସିଧାସଳଖ ଯୋଗାଯୋଗ କରିବ। 'ଏହି ଅଭିଯାନ ମାଧ୍ୟମରେ, ଆମେ ଜାଣିବାକୁ ଚାହୁଁଛୁ ଯେ ଲୋକମାନେ ଦେଶର ସାମ୍ପ୍ରତିକ ପରିସ୍ଥିତି ଏବଂ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ କ'ଣ ଭାବୁଛନ୍ତି,' ସେ କହିଛନ୍ତି। ବୁଧବାର ଦୀପକେଙ୍କ ଛତ୍ରପତି ସମ୍ଭାଜୀନଗରସ୍ଥିତ ବାସଭବନରେ ଆରମ୍ଭ ହୋଇଥିବା କୋର୍ ଟିମ ବୈଠକ ଗୁରୁବାର ଶେଷ ହୋଇଛି। ବୈଠକ ସମୟରେ ଆଲୋଚନାରେ ଆଗାମୀ ସାଂଗଠନିକ କାର୍ଯ୍ୟକଳାପ ଏବଂ ଜନସାଧାରଣଙ୍କ ଯୋଗାଯୋଗ ଅଭିଯାନ ପାଇଁ ରୋଡମ୍ୟାପ ମଧ୍ୟ ଅନ୍ତର୍ଭୁକ୍ତ ହୋଇଥିଲା।ଅଭିଜିତ ଦୀପକେ କହିଛନ୍ତି ଯେ ଜନ୍ତରମନ୍ତରରେ ସମ୍ପ୍ରତି ହୋଇଥିବା ପ୍ରତିବାଦ ସ୍ପଷ୍ଟ କରିଛି ଯେ ନିଯୁକ୍ତି ସମସ୍ୟା କେବଳ ଛାତ୍ରମାନଙ୍କ ମଧ୍ୟରେ ସୀମିତ ନୁହେଁ। ଏହି ଆନ୍‌ଦୋଳନରେ ବହୁ ସଂଖ୍ୟକ ବେକାର ଯୁବକ ଅଂଶଗ୍ରହଣ କରିଥିଲେ, ଯାହା ଦର୍ଶାଇଥିଲା ଯେ ବେକାରୀ ସମସ୍ୟା ସମାଜର ସମସ୍ତ ବର୍ଗର ଯୁବକମାନଙ୍କୁ ପ୍ରଭାବିତ କରେ। ସେ ଏହାକୁ ଯୁବ ସଂହତି ଏବଂ ଗଣତାନ୍ତ୍ରିକ ସ୍ୱରର ଏକ ଶକ୍ତିଶାଳୀ ଉଦାହରଣ ଭାବରେ ବର୍ଣ୍ଣନା କରିଥିଲେ।ସେ ଆହୁରି ମଧ୍ୟ ମନ୍ତବ୍ୟ ଦେଇଥିଲେ ଯେ ବେକାରୀ ଏକ ପ୍ରମୁଖ ସମସ୍ୟା ଏବଂ ଏହାକୁ ଏକ ଜାତୀୟ କାରଣରେ ପରିଣତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେ ଶିକ୍ଷାଗତ ସଂସ୍କାର ଦିଗରେ କାମ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ, ଉଲ୍ଲେଖ କରିଥିଲେ ଯେ ଶିକ୍ଷା ବହୁ ଦିନ ଧରି ମହଙ୍ଗା – ପ୍ରାୟତଃ ଲାଭର ଏକ ଉପାୟ ଭାବରେ ବ୍ୟବହୃତ ଏବଂ ଏହି ପରିସ୍ଥିତିକୁ ପରିବର୍ତ୍ତନ କରିବାର ଇଚ୍ଛା ପ୍ରକାଶ କରିଥିଲେ।

## ଛେନା ପୁର ମଣ୍ଡା ପିଠା

**ଆବଶ୍ୟକ ସାମଗ୍ରୀ :** ଅଟା, ଆଳୁ, କଟାକଂଚାଲଙ୍କା, ଅଳ୍ପ ହଳଦୀ, ଲାଲ୍ ଲଙ୍କାଗୁଣ୍ଡ, ତେଲ, ଲୁଣ, ଜୁଆଣୀ ଓ କସ୍ତୁରୀ ମେଥି।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥରେ ଅରୁଆ ଚାଉଳକୁ ପାଣିରେ ଭିଜାଇ ରଖନ୍ତୁ। କିଛି ଘଂଟା ପରେ ଏହାକୁ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏବେ ଏହାକୁ ଏକ ପାତ୍ରରେ ରଖନ୍ତୁ। ଏହା ପରେ ପୁର ପ୍ରସ୍ତୁତ କରିବା ପାଇଁ ନଡ଼ିଆ କୋରି ଦିଅନ୍ତୁ। ଗ୍ୟାସରେ କଡ଼େଇ ବସାଇ ନଡ଼ିଆ। କୋରା, ଚିନି, ଛେନା ଏବଂ ଗୁଜୁରାତି ଗୁଣ୍ଡ ପକାଇ ଭାଜି ଦିଅନ୍ତୁ। ଆପଣ ଏଠାରେ ଚାହିଁଲେ ଚିନି ଜାଗାରେ ଗୁଡ଼ ମଧ୍ୟ ପକାଇ ପାରିବେ। ଏହାପରେ ଗ୍ୟାସରେ ଏକ କଡ଼େଇରେ ପାଣି ଗରମ କରନ୍ତୁ। ସେଥିରେ ଆବଶ୍ୟକ ଅନୁସାରେ ଲୁଣ ପକାନ୍ତୁ। ପାଣି ଫୁଟିଯିବା ପରେ ଚାଉଳ ଚୂନା ପକାନ୍ତୁ ଓ ତାକୁ ଭଲ ଚଲାନ୍ତୁ। ଚକଟା ପ୍ରସ୍ତୁତି ହୋଇଯିବା ପରେ କଡ଼େଇକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ। ଚକଟା ସାମାନ୍ୟ ଥଣ୍ଡା ହେବା ପରେ ସେଥିରେ ପୁର ଦେଇ ଗୋଲ ଗୋଲ କରନ୍ତୁ। ଏବେ ଗ୍ୟାସରେ ଏକ କଡ଼େଇରେ ପାଣି ଗରମ କରି କରନ୍ତୁ। ପାଣି ଫୁଟିଯିବା ପରେ ସେଗୁଡ଼ିକୁ ସେଥିରେ ପକାନ୍ତୁ। କିଛି ସମୟ ପରେ ସେଗୁଡ଼ିକୁ ପାଣିରୁ କାଢ଼ି ଆଣନ୍ତୁ। ପ୍ରସ୍ତୁତ ହୋଇଗଲା ଛେନା ପୁର ଦିଆ ମଣ୍ଡାପିଠା।



ଖବର

# ହନୁମାନ ଶ୍ରୀରାମଙ୍କ ଏତେ ପ୍ରିୟ କାହିଁକି ?



ଗୋସ୍ୱାମୀ ତୁଳସୀଦାସ ସୁନ୍ଦରକାଣ୍ଡ ରଚନା କରୁଥିବାବେଳେ ହନୁମାନଙ୍କ ଗୁଣ ବିଷୟରେ ବିଚାର କରୁଥିଲେ। ସେ ଭାବିଥିବା ସମସ୍ତ ଗୁଣ ହନୁମାନଙ୍କ ନିକଟରେ ଥିଲା। ତେଣୁ ହନୁମାନଙ୍କୁ ପ୍ରଶଂସା କରିବାବେଳେ ସେ ତାଙ୍କୁ 'ସର୍ବ ଗୁଣୀ' ବୋଲି କହିଛନ୍ତି। ସଂସ୍କୃତ ସାହିତ୍ୟରେ କେବଳ ବଜରଙ୍ଗବାଲି ଏହି ସମ୍ମାନ ପାଇଛନ୍ତି। ଯଦିଓ ଭଗବାନଙ୍କର ସମସ୍ତ ରୂପ ନିଜ ଭିତରେ ସଂପୂର୍ଣ୍ଣ, ହନୁମାନ ହିଁ ଏକମାତ୍ର ଯିଏ କୌଣସି କାର୍ଯ୍ୟରେ ବିଫଳ ହୋଇନଥିଲେ। ଜଣେ ସ୍ୱାମୀ ତାଙ୍କ ସେବକଙ୍କଠାରୁ କାର୍ଯ୍ୟରେ ନିଶ୍ଚିତ ସଫଳତା ବ୍ୟତୀତ ଅନ୍ୟ କ'ଣ ବା ଚାହିଁବେ। ପବନପୁତ୍ର ତାଙ୍କର ଅନେକ ଗୁଣ ଯୋଗୁଁ ଭଗବାନ ଶ୍ରୀରାମଙ୍କ ପାଇଁ ପ୍ରିୟ ଥିଲେ। ଏହି ଗୁଣଗୁଡ଼ିକ ମଧ୍ୟ ଆମ ଜୀବନରେ ବଡ଼ ପରିବର୍ତ୍ତନ ଆଣିବାର ଶକ୍ତି ରଖିଥାଏ। ତେବେ ଜାଣିବା ତାଙ୍କର କେଉଁ ସବୁ ଗୁଣ ଥିଲା ଯେଉଁଥିପାଇଁ ସେ ଭଗବାନ ଶ୍ରୀରାମଙ୍କ ଅତିପ୍ରିୟ ଥିଲେ। ବୀରତା, ସାହସ, ପ୍ରଭାବଶାଳୀ, ସମର୍ପଣ, ଆଦର୍ଶ, ସର୍ବାଦ ସଚେତ ରହିବା, ବୌଦ୍ଧିକ କୁଶଳତା, ସଚ୍ଚେଟତା ଓ ନେତୃତ୍ୱ କ୍ଷମତା ସହ ସେ ସମ୍ପୂର୍ଣ୍ଣ ବ୍ୟକ୍ତି ଥିଲେ। ସମସ୍ତ ବାଧାବିଘ୍ନ ଅତିକ୍ରମ କରି ଲଙ୍କାକୁ ପହଞ୍ଚିବା, ମାତା ସୀତାଙ୍କୁ ନିଜକୁ ରାମଦୂତ ବୋଲି ବିଶ୍ୱାସ କରାଇବା, ଲଙ୍କାକୁ ଜଳାଇ ଭସ୍ମ କରିବା - ତାଙ୍କର ଏହି ଗୁଣଗୁଡ଼ିକ ବିଷୟରେ ବଖାଣିଛନ୍ତି।



## ନିଷ୍ଠାବାନ ଭୀଷ୍ମ



ମହାଭାରତରେ ଅନେକ ନାୟକ ଅଛନ୍ତି। ତେବେ ପ୍ରତ୍ୟେକ ଚରିତ୍ରଙ୍କ କେତେକ ବିଶେଷ ଗୁଣ ରହିଥିଲା। ସେମାନଙ୍କ ଏହି ଗୁଣ ମାନବ ସମାଜକୁ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଥାଏ। ମହାଭାରତର ଏମିତି ଜଣେ ଗୁରୁତ୍ୱପୂର୍ଣ୍ଣ ନାୟକ ହେଉଛନ୍ତି ପିତାମହ ଭୀଷ୍ମ। ସେ କୁରୁ ବଂଶର ରାଜା ଶାନ୍ତନୁ ଏବଂ ଦେବୀ ଗଙ୍ଗାଙ୍କ ପୁତ୍ର ଥିଲେ। ଭୀଷ୍ମଙ୍କ ଭଳି ନିଷ୍ଠା ମହାଭାରତର ଅନ୍ୟ କୌଣସି ଚରିତ୍ରଙ୍କ ଠାରେ ଦେଖିବାକୁ ମିଳିନଥାଏ। ପିତାମହଙ୍କ ମୂଳ ନାମ ଥିଲା ଦେବବ୍ରତ। ସେ ଆଜୀବନ ବ୍ରହ୍ମଚର୍ଯ୍ୟ ଗ୍ରହଣ କରିବା ଲାଗି ଭୀଷଣ ପ୍ରତିଜ୍ଞା ନେଇଥିଲେ। ସେଥିପାଇଁ ତାଙ୍କ ନାମ ଭୀଷ୍ମ ହୋଇଥିଲା। ହସ୍ତିନାପୁର ରାଜ୍ୟର ରାଜପଦକୁ ଅସ୍ୱୀକାର କରି ସେ ସିଂହାସନର ସୁରକ୍ଷା ପାଇଁ ନିଜ ପିତା ଏବଂ ବିମାତାଙ୍କୁ ବଚନ ଦେଇଥିଲେ। ଭୀଷ୍ମଙ୍କ ହୃଦୟରେ ଧର୍ମ ରହିଥିଲା। ସେ ପାଣ୍ଡବମାନଙ୍କୁ ସେମାନଙ୍କର ଅଧିକାର ଦେବା ଲାଗି ହସ୍ତିନାପୁର ରାଜା ଧୃତରାଷ୍ଟ୍ର ଏବଂ ତାଙ୍କ ପୁତ୍ର କୌରବଙ୍କ ନିକଟରେ ଦାବି କରିଥିଲେ। ମାତ୍ର ସେମାନେ ଭୀଷ୍ମଙ୍କ କଥା ଶୁଣିନଥିଲେ। କୌରବମାନେ ଅଧର୍ମ ପକ୍ଷରେ ଥିଲେ ଏବଂ ପାଣ୍ଡବମାନେ ଧର୍ମ ପକ୍ଷରେ। ଏହା ଜାଣି ସୁଦ୍ଧା ଭୀଷ୍ମ ମହାଭାରତ ଯୁଦ୍ଧରେ କୌରବଙ୍କ ପକ୍ଷରୁ ଯୁଦ୍ଧ କରିଥିଲେ। କାରଣ ତାଙ୍କର ହସ୍ତିନାପୁର ରାଜସିଂହାସନ ପ୍ରତି ଗଭୀର ନିଷ୍ଠା ରହିଥିଲା। ଏହି ନିଷ୍ଠା କାରଣରୁ ସେ ସିଂହାସନ ପ୍ରତି ନିଜର କର୍ତ୍ତବ୍ୟ ତୁଲାଇଥିଲେ। ଅନ୍ୟପକ୍ଷରେ ପିତାମହ ହୋଇଥିବା ଦୃଷ୍ଟିରୁ ତାଙ୍କର ପାଣ୍ଡବମାନଙ୍କ ପ୍ରତି କେତେକ କର୍ତ୍ତବ୍ୟ ରହିଥିଲା। ତେଣୁ ଯୁଦ୍ଧ ସମୟରେ ସେ ଅର୍ଜୁନଙ୍କୁ ନିଜର ମୃତ୍ୟୁ ରହସ୍ୟ କହିଦେଇଥିଲେ। ଶେଷରେ ଶ୍ରୀଖଣ୍ଡିନୀ ଆଗକୁ ଆସିବାରୁ ଭୀଷ୍ମ ଅସ୍ତ୍ର ତ୍ୟାଗ କରି ମୃତ୍ୟୁକୁ ବରଣ କରିଥିଲେ। ଏହା ପାଣ୍ଡବଙ୍କ ସହିତ ରହିଥିବା ତାଙ୍କର ସମ୍ପର୍କ ପ୍ରତି ନିଷ୍ଠା ଥିଲା। ନିଃସନ୍ତାନ ହୋଇସୁଦ୍ଧା ନିଜର ବଂଶଜଙ୍କ ପ୍ରତି ନିଷ୍ଠା ରହିବା କାରଣରୁ ସେ ପ୍ରସିଦ୍ଧ ହୋଇପାରିଥିଲେ।

## ପର୍ଯ୍ୟଟକଙ୍କୁ ଏବେ ବେଶି ପସନ୍ଦ ସମୁଦ୍ର

ବର୍ତ୍ତମାନ ସମସ୍ତେ ଚାହାନ୍ତି ନିଜ ବ୍ୟସ୍ତସୂଚୀରୁ ସମୟ ବାହାର କରି ଘର ବାହାରେ ଟିକେ ସମୟ ବିତାଇବା। କିନ୍ତୁ ଅନେକଙ୍କୁ ଜଣାନାହିଁ କି ସେମାନେ କେଉଁଠାକୁ ଯିବେ ବା ଯିବା ଉଚିତ। ଚଳିତ ବର୍ଷ ଖରା ସିଜିନର ଛୁଟିରେ ପରିବାର ସହ ବୁଲିବା ପାଇଁ ଗୋଆ, ନୈନିତାଲ, ଋଷିକେଶ, ଗ୍ୟାଙ୍ଗଟକ ଓ ମାଉଣ୍ଟଆବୁ ଏବେ ଟପ ଫାଇଭ ପସନ୍ଦର ପର୍ଯ୍ୟଟନ ଭାବରେ ସାମନାକୁ ଆସିଛି। ଗୁଡ ହସ୍ପିଟାଲିଟି ଦେଉଥିବା କମ୍ପାନୀ ଓୟାର ଏକ ସର୍ଭେରେ ଏହି ଦାବି କରାଯାଇଛି। ଏହି ସର୍ଭିସ ଗ୍ରୀଷ୍ମକାଳୀନ ଅବକାଶ ସୁଚଳ ସୂଚକାଙ୍କ ପାରିବାରିକ ସଂସ୍କରଣ ୨୦୨୨ନାମରେ କରାଯାଇଛି। ଜୁନ ପ୍ରଥମ ଦୁଇ ସପ୍ତାହର ସର୍ବେକ୍ଷଣରେ ପାଖାପାଖି ୨୦୦୦ ଲୋକଙ୍କ ରାୟ ନିଆଯାଇଥିଲା। ଏଥିରେ ସବୁଠୁ ଅଧିକ ଲୋକେ କହିଥିଲେ କି ପିଲାମାନଙ୍କ ସହ ମନପସନ୍ଦର ବୁଲିବା ସ୍ଥାନ ହେଉଛି ଗୋଆ। ଏହି ସର୍ଭେରେ ୮୫ପ୍ରତିଶତ ଅଭିଭାବକମାନେ କହିଥିଲେ କି ସେମାନଙ୍କୁ କାମ କରିବାକୁ ଓ ପିଲାଙ୍କୁ ବ୍ୟସ୍ତ ରଖିବାକୁ ମୁସ୍କିଲ ହେଉଛି। ଯେଉଁଥି ପାଇଁ ସେମାନେ ପରିବାର ସହ ବୁଲିବା ପାଇଁ ଯୋଜନା ବନାଇଛନ୍ତି। ଏହି ସର୍ଭେ ହିସାବରେ ଭାରତରେ ୬୫ପ୍ରତିଶତରୁ ଅଧିକ ଅଭିଭାବକ ଏହି ଗରମରେ ନିଜ ପିଲାଙ୍କ ସହ ବୁଲିବାର ପ୍ଲାନ କରିଥାନ୍ତି ବା ଇଚ୍ଛା ରଖିଥାନ୍ତି। ଟପ ଫାଇଭ ପର୍ଯ୍ୟଟନସ୍ଥଳ ମଧ୍ୟରେ ଗୋଆ, ନୈନିତାଲ, ଋଷିକେଶ, ଗ୍ୟାଙ୍ଗଟକ ଓ ମାଉଣ୍ଟଆବୁ ସାମିଲ ରହିଛି। ଗୋଆ ଦୃଷ୍ଟିକୋଣରୁ ଏହା ପ୍ରମାଣିତ ହେଉଛି କି ପାହାଡ଼ ଠାରୁ ବେଶି ସମୁଦ୍ରକୁ ଲୋକେ ପସନ୍ଦ କରୁଛନ୍ତି। ଓୟାର ସିନିୟର ଭାଇସ ପ୍ରେସିଡେଣ୍ଟ ଓ ମୁଖ୍ୟ ସେବା ଅଧିକାରୀଙ୍କ କହିବା ଅନୁସାରେ ଫ୍ୟାମିଲି ଟ୍ରିପ୍‌ରେ ଆସୁଥିବା ପର୍ଯ୍ୟଟକ ବେଶୀ ପାହାଡ ବା ହିଲ୍ ସ୍ଥାନକୁ ନଯାଇ ବିଶେଷ ଭାବେ ସମୁଦ୍ର ଥିବା ସ୍ଥାନ, ସ୍ୱିମିଙ୍ଗପୁଲ, ପିଲାଙ୍କ ଖେଳ ସ୍ଥାନ ଓ ରୁମରେ ବଡ଼ ଟେଲିଭିଜନକୁ ପସନ୍ଦ କରୁଛନ୍ତି। ବସ୍ତାପ୍ୟାକ ଏଡଭେଚରର ଫାଉଣ୍ଡର କହିଛନ୍ତି କି ଋଷିକେଶରେ ଭିଡ଼ ବହୁତ ବଢିବାରେ ଲାଗିଛି। ବିଶେଷ କରି ସହରରେ। ଏମିତିରେ ଲୋକେ ସହରରୁ କିଛି ଦୂର ମୋହନଚଟ୍ଟୀ ପଥରେ ଅଗ୍ରସର ହେଉଛନ୍ତି। ଯାହା ଫଳରେ ଭିଡରୁ କିଛିଟା ବଞ୍ଚିପାରିବେ ପର୍ଯ୍ୟଟକ। ଏଭଳି ସ୍ଥାନରେ କେମ୍ପିଙ୍ଗ, ରାଫ୍ଟିଙ୍ଗ ଭଳି ବିକଳ୍ପ ଉପଲବ୍ଧ ରହିଛି। ସେ ଆହୁରି କହିଛନ୍ତି ଯେ ପାହାଡ ମଧ୍ୟରେ ହୋମ ଷ୍ଟେକୁ ମଧ୍ୟ ବେଶୀ ପସନ୍ଦ କରାଯାଉଛି।



# ଲୋ' ବ୍ଲଡପ୍ରେସର ଥିଲେ କ'ଣ ଖାଇବେ ?



ହେବା ଫଳରେ ରକ୍ତ ଅଭାବ ଦେଖା ଦେଇଥାଏ। ତେଣୁ ହାଇଡ୍ରେଟେଡ୍ ରହିବା ଅତ୍ୟନ୍ତ ଜରୁରୀ। ଡାକ୍ତରମାନେ ଏପରି ରୋଗୀଙ୍କୁ ଦିନସାରା ଅତି କମ୍‌ରେ ଦୁଇ ଲିଟର ପାଣି ପିଇବାକୁ ପରାମର୍ଶ ଦିଅନ୍ତି। ପାଣି ବ୍ୟତୀତ ଆପଣ ଫଳ ରସ, ଲସି, ନଡିଆ ପାଣି, ଅଙ୍ଗୁର ଏବଂ ତରଭୁଜ ମଧ୍ୟ ଖାଇପାରିବେ।

**ପନିର:** ଅପଣଙ୍କୁ ପନିର ଖାଇବା ପସନ୍ଦ ଥାଉ କିମ୍ବା ନଥାଉ, ଯଦି ଲୋ ବ୍ଲଡପ୍ରେସର ଶିକାର ହୋଇଥାନ୍ତି ତେବେ ଏହା ଖାଇବା ଦ୍ୱାରା ଆପଣଙ୍କୁ ବହୁତ କିଛି ସାହାଯ୍ୟ ମଳିବ। ଲୋ' ବିପିର ସମସ୍ୟା ଥିଲେ ଡାକ୍ତରମାନେ ଲୁଣ ଭଳି ପନିର ଖାଇବା ପାଇଁ ମଧ୍ୟ ପରାମର୍ଶ ଦେଇଥା'ନ୍ତି।

**ଚିନି ଯୁକ୍ତ ଖାଦ୍ୟ:** ଲୋ' ବ୍ଲଡ ପ୍ରେସର ଥିବା ରୋଗୀ ଚିନି ଯୁକ୍ତ ଖାଦ୍ୟ ପଦାର୍ଥ କିମ୍ବା କୋଲ୍ଡ ଡ୍ରିଙ୍କ ସେବନ କରିବା ଉଚିତ। ଯଦି ହଠାତ ରକ୍ତଚାପ କମି ଯାଉଛି ତେବେ ସେହି ସମୟରେ ଏଭଳି କିଛି ଖାଦ୍ୟ ଖାଇବା ଦ୍ୱାରା ଆରାମ ମିଳିଥାଏ। ଆପଣ ଚାହିଁଲେ କେଫିନ ଯୁକ୍ତ ଖାଦ୍ୟ ତଥା ଚା' କିମ୍ବା କଫି ମଧ୍ୟ ପିଇ ପାରିବେ।

**ଅଣ୍ଡା:** ଅଣ୍ଡା ଅନେକ ସମସ୍ୟାର ବିକଳ୍ପ, କିନ୍ତୁ ରକ୍ତଚାପ ଥିବା ରୋଗୀଙ୍କ ପାଇଁ ଏହା ସବୁଠୁ ଭଲ ଆହାର। ଏଥିରେ ଥିବା ଭିଟାମିନ ବି-୧୨ ନାଲି ରକ୍ତ କଣିକା ସୃଷ୍ଟି କରିବାରେ ସହାୟକ ହୁଏ। ଲୋ-ବିପି ଭଳି ସ୍ଥିତିରେ ଭିଟାମିନ ବି-୧୨ ଯୁକ୍ତ ଖାଦ୍ୟ ଖାଇବା ଉଚିତ।

**ଡାର୍କ ଚକୋଲେଟ:** ଯେତେବେଳେ ଆପଣଙ୍କ ରକ୍ତଚାପ କମ ଥିବା ଅନୁଭବ କରନ୍ତି ସେତେବେଳେ ସଙ୍ଗେସଙ୍ଗେ ଡାର୍କ ଚକୋଲେଟ ଖାଇପାରିବେ। ଏହାଦ୍ୱାରା ଆପଣଙ୍କୁ ଆରାମ ମିଳିପାରିବ। ଏଥିରେ ଫ୍ଲାଭାନୋଲ ନାମକ ଏକ ରାସାୟନିକ ପଦାର୍ଥ ଥାଏ, ଯାହା ଶରୀରର ଓଜନ ଏବଂ ଚର୍ବି ସ୍ତରକୁ ପରିବର୍ତ୍ତନ ନକରି ବିପିକୁ କଣ୍ଟ୍ରୋଲ କରିବାରେ କ୍ଷମତା ରଖିଥାଏ।

**ଅଙ୍ଗୁର ଜୁସ୍:** ରକ୍ତଚାପ ଚିକିତ୍ସାରେ ଅଙ୍ଗୁର ଜୁସର ପ୍ରୟୋଗ ବେଶ ପ୍ରଭାବଶାଳୀ। ଏକ ଅନୁସନ୍ଧାନରୁ ଜଣାପଡିଛି ଯେ କୌଣସି ବି ସ୍ଥିତିରେ ଯଦି ବ୍ଲଡପ୍ରେସର କମ୍ ହୋଇଯାଏ, ତେବେ ଏକ ଗ୍ଲାସ ଅଙ୍ଗୁର ଜୁସ୍ ପିଇଲେ ଶୀଘ୍ର ଆରାମ ମିଳିବ। ଅଙ୍ଗୁର ରସରେ ମିଳୁଥିବା ପୋଟାସିୟମ୍ ରକ୍ତ କଣିକାକୁ ଆରାମ ଦେଇ ରକ୍ତଚାପ ନିୟନ୍ତ୍ରଣ ରଖିବାରେ ସାହାଯ୍ୟ କରିଥାଏ।

**ତରଳ ପଦାର୍ଥ:** ରକ୍ତଚାପ ରୋଗୀମାନେ ଯେତେ ସମ୍ଭବ ସେତେ ତରଳ ଯୁକ୍ତ ଖାଦ୍ୟ ତଥା ପାଣି ପିଇବା ଉଚିତ। ଶରୀରରେ ପାଣିର ମାତ୍ରା କମ

## ଗୃହସ୍ଥ ଧର୍ମର ମହତ୍ତ୍ୱ

ମହାଭାରତ ଯୁଦ୍ଧ ଶେଷ ହୋଇସାରିଥିଲା। ଧର୍ମରାଜ ଯୁଧିଷ୍ଠିର ଦିନେ ଏକାନ୍ତରେ ବସିଥିଲେ। ଏହି ସମୟରେ ତାଙ୍କ ମନରେ ଏକ ବିଚାର ଆସିଲା। ସେ ଭାବିଲେ, ନିଜ ଭାଇବନ୍ଧୁଙ୍କୁ ହତ୍ୟା କରି ସେ ରାଜ୍ୟପ୍ରାପ୍ତ କରିଛନ୍ତି। ଏଣୁ ସନ୍ନ୍ୟାସ ନେଇଯିବା



ତାଙ୍କ ପକ୍ଷେ ଉଚିତ୍ ହେବ। ଏହି ନିଷ୍ପତ୍ତି ଅନ୍ୟ ଭ୍ରାତାମାନଙ୍କୁ ଶୁଣାଇବା ପରେ ସେମାନେ ଦୁଃଖିତ ହେଲେ। ଅର୍ଜୁନ କହିଲେ, ଭ୍ରାତାଶ୍ରୀ ! ଗୃହସ୍ଥ ଜୀବନଯାପନ କରି ସୁଦ୍ଧା ପୁଣ୍ୟ ଅର୍ଜନ କରାଯାଇପାରିବ। ଭୀମ ଗମ୍ଭୀର ବଚନରେ ନିଜ ମନର ଯନ୍ତ୍ରଣା ପ୍ରକଟ କରି କହିଲେ, ସନ୍ନ୍ୟାସ କ୍ଷତ୍ରିୟଙ୍କ ପାଇଁ ଧର୍ମ ହୋଇପାରେ। ତେବେ ନିଜ କର୍ତ୍ତବ୍ୟ ପାଳନ କରିବା ଦ୍ୱାରା ମଧ୍ୟ ଆମେ ଧର୍ମ ଅର୍ଜନ କରିପାରିବା। ଏହାପରେ ନକୁଳ ଏବଂ ସହଦେବ ମଧ୍ୟ ନିଜ ବଡ଼ଭାଇ ଯୁଧିଷ୍ଠିରଙ୍କୁ ବୁଝାଇବାର ପ୍ରୟାସ କଲେ। ଶେଷରେ ଦ୍ରୌପଦୀ କହିଲେ, ମହାରାଜ ! ଦୁର୍ଯ୍ୟୋଧନ ଏବଂ ତା'ପକ୍ଷର ଲୋକମାନଙ୍କୁ ମାରିବା ସମ୍ପୂର୍ଣ୍ଣ ଭାବେ ନ୍ୟାୟସଙ୍ଗତ ଥିଲା। ଏଭଳି ସ୍ଥିତିରେ ଚିନ୍ତା କରିବାର ଆବଶ୍ୟକତା ନାହିଁ। ଯେଉଁମାନେ ପାପ କରିଛନ୍ତି, ସେମାନେ ଦଣ୍ଡ ପାଇବା ପାଇଁ ଯୋଗ୍ୟ। ପାଣ୍ଡବଙ୍କ ମଧ୍ୟରେ ଏହି ଧର୍ମଚର୍ଚ୍ଚା ଚାଲିଥିବା ବେଳେ ସେଠାରେ ଭଗବାନ ବେଦବ୍ୟାସ ପହଞ୍ଚିଲେ। ସେ ମଧ୍ୟ ଇତିହାସ ଏବଂ ଧର୍ମ ଶାସ୍ତ୍ର ଜରିଆରେ ଯୁଧିଷ୍ଠିରଙ୍କୁ ବୁଝାଇବା ଲାଗି ପ୍ରୟାସ କଲେ। ଏହାପରେ ଯୁଧିଷ୍ଠିର ରାଜିହେଲେ। ହସ୍ତିନାପୁରରେ ସମ୍ପୂର୍ଣ୍ଣ ରାଜକୀୟ ମର୍ଯ୍ୟାଦା ସହ ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକ ହେଲା। ତେବେ କ୍ଷମତାସୀନ୍ ହେବା ପୂର୍ବରୁ ଯୁଧିଷ୍ଠିର ପ୍ରଥମେ ପିତାମହ ଭୀଷ୍ମଙ୍କ ଠାରୁ ନୀତିଶିକ୍ଷା ହାସଲ କରିଥିଲେ ବୋଲି ମହାଭାରତର ଶାନ୍ତିପର୍ବରେ ଉଲ୍ଲେଖ ରହିଛି। ଶରଶଯ୍ୟାରେ ଶୋଇ ରହି ଆପଣାର ମୃତ୍ୟୁକୁ ପ୍ରତୀକ୍ଷା କରୁଥିବା ସମୟରେ ପିତାମହ ଭୀଷ୍ମ ଯୁଧିଷ୍ଠିରଙ୍କୁ ନୀତି ଉପଦେଶ ପ୍ରଦାନ କରିଥିଲେ। ଏହାପରେ ସୂର୍ଯ୍ୟଙ୍କ ଉତ୍ତରାୟଣ ଗତି ସହିତ ସେ ଦେହତ୍ୟାଗ କଲେ। ଏହି ସମୟରେ ପରମ୍ପରା ଅନୁଯାୟୀ ଗଙ୍ଗାନଦୀରେ ତାଙ୍କର ଜଳତର୍ପଣ କରାଯାଇଥିଲା। ଏହି ଘଟଣା ପରେ ଯୁଧିଷ୍ଠିର ଅନେକ ଦଶକ ପର୍ଯ୍ୟନ୍ତ ହସ୍ତିନାପୁରରେ ଧର୍ମରାଜ୍ୟ ପ୍ରତିଷ୍ଠା କରିଥିଲେ। ଶେଷରେ କଳିଯୁଗ ଆରମ୍ଭ ସମୟ ଉପନୀତ ହେବାରୁ ସେ ଏବଂ ଅନ୍ୟ ପାଣ୍ଡବମାନେ ସ୍ୱର୍ଗ ଅଭିମୁଖେ ପ୍ରସ୍ଥାନ କରିଥିଲେ।

# ନିଶାମୁକ୍ତ ଭାରତ ଗଠନ ପାଇଁ ଯୁବପୀଢ଼ି ଆଗକୁ ଆସନ୍ତୁ

ଭୁବନେଶ୍ୱର, ୬।୮ (ମହାଭାରତ): ନିଶାମୁକ୍ତ ଭାରତ ଗଠନରେ ଯୁବଶକ୍ତି ଅଗ୍ରଣୀ ଭୂମିକା ନିଭାଇବାକୁ ଓଡିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ରବିବାର ଦିନ ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ଅନୁଷ୍ଠିତ 'ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବ ସଚେତନତା ଓ ଯୁବ ସଶକ୍ତୀକରଣ ଅଭିଯାନରେ ଯୋଗଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି।

ଦେଶର ଭବିଷ୍ୟତ କେବଳ ସରକାରଙ୍କ ନୀତି କିମ୍ବା ଭିତ୍ତିଭୂମି ନିର୍ମାଣ ଦ୍ୱାରା ନୁହେଁ ବରଂ ଯୁବପିଢ଼ିର ମୂଲ୍ୟବୋଧ, ସଠିକ୍ ନିଷ୍ପତ୍ତି ଓ ଦାୟିତ୍ୱବୋଧ ଦ୍ୱାରା ନିର୍ଦ୍ଧାରିତ ହେବ ବୋଲି ରାଜ୍ୟପାଳ କହିଛନ୍ତି।

ଏହି ସମାରୋହରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭର୍ଚୁଆଲ ମାଧ୍ୟମରେ ଶୁଭାରମ୍ଭ କରିଥିବା ଏହି ଅଭିଯାନ ଏକ ସୁସ୍ଥ, ଆତ୍ମବିଶ୍ୱାସୀ ଓ ନିଶାମୁକ୍ତ ଭାରତ ଗଠନ ପାଇଁ ଜାତୀୟ ସଂକଳ୍ପର ଆରମ୍ଭ। ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱର ପ୍ରଶଂସା କରି ରାଜ୍‌ଯପାଳ କହିଥିଲେ ଯେ, 'ନିଶାମୁକ୍ତ ଭାରତ'ର ପରିକଳ୍ପନା ଦେଶର ସବୁଠୁ ବଡ଼ ଶକ୍ତି ଭାବେ ଯୁବପିଢ଼ିକୁ ସ୍ୱୀକାର କରିଛି। ସୁସ୍ଥ, ଶୃଙ୍ଖଳିତ ଓ ଦୃଢ଼ସଂକଳ୍ପବଦ୍ଧ ଯୁବପିଢ଼ି ହିଁ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ।

ରାଜ୍ୟପାଳ ପୁଣି କହିଥିଲେ ଯେ, ନିଶା ନୀରବରେ ଯୁବପିଢ଼ିର ସ୍ୱପ୍ନକୁ ଧ୍ୱଂସ କରିଥାଏ, ବିଚାରଶକ୍ତିକୁ ଦୁର୍ବଳ କରିବା ସହ ସେମାନଙ୍କଠାରୁ ସଫଳତାର ସୁଯୋଗ ଛଡ଼ାଇ ନେଇଥାଏ। ଏହା କେବଳ ବ୍ୟକ୍ତିବିଶେଷଙ୍କୁ କ୍ଷତି ପହଂଚାଏ ନାହିଁ, ପରିବାରକୁ ମାନସିକ ଓ ଆର୍ଥିକ ଦୁଃଖ ଦେବା ସହ ଉତ୍ପାଦନକ୍ଷମ ନାଗରିକ ସୃଷ୍ଟି କରିବାରେ ସମାଜ ଓ ରାଷ୍ଟ୍ରକୁ ବଂଚିତ କରିଥାଏ। ନିଶାକୁ ପ୍ରତ୍ୟାଖ୍ୟାନ କରିବା କେବଳ ବ୍ୟକ୍ତିଗତ ନିଷ୍ପତ୍ତି ନୁହେଁ, ବରଂ ପରିବାର, ଶିକ୍ଷକ, ବନ୍ଧୁ



ଓ ଦେଶର ଏକ ଦାୟିତ୍ୱ ବୋଲି ସେ କହିଥିଲେ। ସୁସ୍ଥ ଓ ଉଦ୍ଦେଶ୍ୟପୂର୍ଣ୍ଣ ଜୀବନ ବିତାଇବାକୁ ଯୁବପିଢ଼ିଙ୍କୁ ଆହ୍ୱାନ ଜଣାଇ ରାଜ୍ୟପାଳ କ୍ରୀଡ଼ା, ଫିଟନେସ୍, ଯୋଗ, ସଂସ୍କୃତି, ନବସୃଜନ ଓ ସ୍ୱେଚ୍ଛାସେବାକୁ ଆପଣାଇବାକୁ ପରାମର୍ଶ ଦେଇଥିଲେ। ଓଡ଼ିଶା କ୍ରୀଡ଼ା କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ଭାବେ ଉଭା ହୋଇଥିବାର ଉଲ୍ଲେଖ କରି ରାଜ୍‌ଯପାଳ ଯୁବପିଢ଼ିଙ୍କୁ ନିଶା ପରିବର୍ତ୍ତେ ଖେଳପଡ଼ିଆ, ନିଶା ପରିବର୍ତ୍ତେ ଶିକ୍ଷା ଏବଂ ଆତ୍ମବିନାଶ ପରିବର୍ତ୍ତେ ସମାଜସେବାକୁ ଆପଣେଇବାକୁ ଆହ୍ୱାନ ଜଣାଇଥିଲେ। ନିଶାମୁକ୍ତ ସମାଜ ଗଠନ ପାଇଁ ଅଭିଭାବକ, ଶିକ୍ଷକ, ଶିକ୍ଷାନୁଷ୍ଠାନ, ସମାଜ ଓ ଯୁବପିଢ଼ିଙ୍କ ସମ୍ମିଳିତ ପ୍ରୟାସର ଆବଶ୍ୟକତା ଉପରେ ରାଜ୍‌ଯପାଳ ଗୁରୁତ୍ୱାରୋପ କରିଥିଲେ।

ଏହି ଅଭିଯାନର ଅଗ୍ରଦୂତ ସାଜିବାକୁ ଯୁବପିଢ଼ିଙ୍କୁ ଆହ୍ୱାନ ଜଣାଇ ନିଶାମୁକ୍ତ ରହିବା ସହ ସଚେତନତା, ସହାନୁଭୂତି ଓ ସାମାଜିକ ଦାୟିତ୍ୱର ବାର୍ତ୍ତାକୁ ସର୍ବତ୍ର ପହଂଚାଇବା ପାଇଁ ଶପଥ ନେବାକୁ ରାଜ୍‌ଯପାଳ ଆହ୍ୱାନ ଜଣାଇଥିଲେ।

ଏହି ଅବସରରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱର ପ୍ରଶଂସା କରି ନିଜ ଉଦବୋଧନରେ କହିଥିଲେ ଯେ, ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନରେ 'ଜେନ୍-ଜେଡ୍' ପିଢ଼ି ଓ ଯୁବଶକ୍ତି ହିଁ ପ୍ରମୁଖ ବିଶ୍ୱକର୍ମା। ନିଶା ଏବେ କେବଳ ସ୍ୱାସ୍ଥ୍ୟ ସମସ୍ୟା ନୁହେଁ, ବରଂ ସାମାଜିକ ଓ ଆର୍ଥିକ ବିକାଶ ପାଇଁ ଏକ ବଡ଼ ପ୍ରତିବନ୍ଧକ। ରାଜ୍ୟରେ ନିଶାଦ୍ରବ୍ୟର ବେଆଇନ କାରବାର ଓ ସିଣ୍ଡିକେଟ୍ ବିରୋଧରେ ଓଡ଼ିଶା ସରକାର 'ଶୂନ୍ୟ ସହନଶୀଳତା' ନୀତି ଆପଣାଇଥିବା କଥା ମୁଖ୍ୟମନ୍ତ୍ରୀ ଦୋହରାଇଥିଲେ।'ନିଶା କୁ ନା ଏବଂ ଜୀବନ ଓ ପ୍ରଗତିକୁ ହଁ' ନାରା କୁ ସମର୍ଥନ କରି ଏହି ଜନ ଆନ୍ଦୋଳନକୁ ସଫଳ କରିବା ନିମନ୍ତେ ଯୁବ ସମାଜ, ଶିକ୍ଷାନୁଷ୍ଠାନ, ଶିଳ୍ପାନୁଷ୍ଠାନ, ବେସରକାରୀ ସଂଗଠନ, ସ୍ୱେଚ୍ଛାସେବୀ ଓ ଗଣମାଧ୍ୟମ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଆହାନ ଜଣାଇଥିଲେ। କ୍ରୀଡ଼ା ଓ ଯୁବ ସେବା, ଉଚ୍ଚଶିକ୍ଷା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ ଯୁବପିଢିଙ୍କୁ ସମ୍ବୋଧିତ କରି ନିଶାମୁକ୍ତ ଭାରତ ଗଠନ ପାଇଁ ସକ୍ରିୟ ଭାବେ ଏହି ଜାତୀୟ ଅଭିଯାନରେ ସାମିଲ ହେବାକୁ ଆହ୍ୱାନ ଜଣାଇଥିଲେ। ଏହି ଅବସରରେ ରାଜ୍ୟପାଳ ଉପସ୍ଥିତ ସମସ୍ତଙ୍କୁ 'ନିଶା ମୁକ୍ତ ଯୁବ- ବିକଶିତ ଭାରତ ସଂକଳ୍ପ ଅଭିଯାନ' ସମ୍ପର୍କିତ ଶପଥ ପାଠ କରାଇଥିଲେ।

## ଗେଙ୍ଗୁଟିଆ ପ୍ୟାକସ୍ ଗସ୍ତରେ କେନ୍ଦ୍ର ସଚିବ

ଭୁବନେଶ୍ୱର, ୬।୮ (ମହାଭାରତ): ରାଜ୍ୟରେ ସମବାୟ ସଂସ୍ଥାଗୁଡ଼ିକୁ ଶକ୍ତିଶାଳୀ କରିବା ଏବଂ ଗ୍ରାମୀଣ ଅର୍ଥନୀତିର ବିକାଶ ପାଇଁ କେନ୍ଦ୍ର ସମବାୟ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ପଙ୍କଜ କୁମାର ବଂଶଲ ଓଡ଼ିଶାର କଟକ ଏବଂ ଢେଙ୍କାନାଳ ଜିଲ୍ଲାର ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକସ୍) ଗସ୍ତ କରି ବିଭିନ୍ନ କାର୍ଯ୍ୟକଳାପର ସମୀକ୍ଷା କରିଛନ୍ତି। ଅତିରିକ୍ତ ସଚିବ ଶ୍ରୀ ବଂଶଲ ଓଡ଼ିଶାର ସମବାୟ ସମିତି ସମୂହ ନିବନ୍ଧକ (ଆରସିଏସ୍) ମନୀଷ ଅଗ୍ରୱାଲଙ୍କ ସହ କଟକସ୍ଥିତ 'ଶ୍ରୀ ଜଗନ୍ନାଥ ଏଫଏସସିଏସ୍ ' ଗସ୍ତ କରିଥିଲେ। ଏଫଏସସିଏସ୍ ର ସାଧାରଣ କାର୍ଯ୍ୟକାରିତା, ଋଣ ପ୍ରଦାନ ଯୋଜନା, ବ୍ୟବସାୟିକ ବିବିଧକରଣ ଏବଂ ଆଗାମୀ ଦିନରେ ସମବାୟ ସଂସ୍ଥାଗୁଡ଼ିକୁ ସୁଦୃଢ଼ କରିବା ପାଇଁ ଭବିଷ୍ୟତର ରଣନୀତି ଉପରେ ବ୍ୟାପକ ଆଲୋଚନା ହୋଇଥିଲା। ଏହି ଗସ୍ତ ସମୟରେ କଟକ ଜିଲ୍ଲାପାଳ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେ, ଓଏସସିବିର ମୁଖ୍ୟ ମହାପ୍ରବନ୍ଧକ ରୁଦ୍ର ପ୍ରସାଦ ଦାସ, ସମବାୟ ବିଭାଗର ଅତିରିକ୍ତ ଶାସନ ସଚିବ ସଂଗ୍ରାମ ରାଉତ , ଡିଆରସିଏସ୍ କଟକ ସୁପ୍ରିୟା ସ୍ୱାଇଁଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ଶ୍ରୀ ବଂଶଲ ଢେଙ୍କାନାଳ ଜିଲ୍ଲାସ୍ଥିତ 'ଗେଙ୍ଗୁଟିଆ ପ୍ୟାକସ୍ ' ଗସ୍ତ କରି ସମିତି ଦ୍ୱାରା ପରିଚାଳିତ ବହୁମୁଖୀ ବ୍ୟବସାୟିକ କାର୍ଯ୍ୟକଳାପର ସମୀକ୍ଷା କରିଥିଲେ। ପ୍ୟାକସ୍ ଦ୍ୱାରା ସଫଳତାର ସହ ଚାଲୁଥିବା ଖାଉଟି ଷ୍ଟୋର, ଗ୍ୟାସ୍ ଏଜେନ୍ସି, ସାର ଓ ବିହନ ଯୋଗାଣ ଏବଂ ଧାନ ସଂଗ୍ରହ କାର୍ଯ୍ୟର ସେ ପ୍ରତ୍ୟକ୍ଷ ଅନୁଧ୍ୟାନ କରିଥିଲେ। ସମିତିର ଉପଲବ୍ଧ ଭିତିଭୂମିକୁ ସୁଦୃଢ଼ କରିବା ଏବଂ ନୂତନ ବ୍ୟବସାୟିକ ଯୋଜନା ମାଧ୍ୟମରେ କୃଷକମାନଙ୍କୁ ଅଧିକ ସେବା ଯୋଗାଇଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଓଡ଼ିଶାର ଆରସିଏସ୍ ଶ୍ରୀ ମନୀଷ ଅଗ୍ରୱାଲ, ସମବାୟ ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀ ସଂଗ୍ରାମ ରାଉତ, ଏସସିଡିସିର ଆଂଚଳିକ ନିର୍ଦ୍ଦେଶକ ଅଭିଜିତ କୁଲକର୍ଣ୍ଣି ଉପସ୍ଥିତ ଥିଲେ।

## କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳକଙ୍କୁ ଆକ୍ରମଣକୁ ବିଜେଡିର ନିନ୍ଦା

ଭୁବନେଶ୍ୱର,୬।୮ (ମହାଭାରତ): ପୁରୀ-ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କର ପିପିଲି ଶାଖା ପରିଚାଳକଙ୍କୁ ଆକ୍ରମଣକୁ ବିଜେଡି ପକ୍ଷରୁ ନିନ୍ଦା କରାଯାଇଛି। ଏନେଇ ବିଜେଡି ବରିଷ୍ଠ ଉପ ସଭାପତି ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ସଞ୍ଜୟ ଦାସବର୍ମା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ପୁରୀ-ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କର ପିପିଲି ଶାଖା ପରିଚାଳକ ଶ୍ରୀ ବିକାଶ ରଞ୍ଜନ ପରିଡ଼ାଙ୍କୁ ସରକାରୀ କାର୍ଯ୍ୟାଳୟ ଭିତରେ ପିପିଲି ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ସାହୁ ଗତ ୩୧ ତାରିଖରେ ଆକ୍ରମଣ କରିଛନ୍ତି। ବିଜେପି ନେତା ମାନେ ଆକ୍ରୋଶ ମୂଳକ ଭାବେ ସରକାରୀ କାର୍ଯ୍ୟାଳୟରେ ଆକ୍ରମଣ କରିବା ଅତି ନିନ୍ଦନୀୟ ଅଟେ। ସେ ଏହାକୁ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିର ଆଉ ଏକ ଉଦାହରଣ ଅଟେ ବୋଲି କହିଛନ୍ତି।

ଶ୍ରୀ ଦାସବର୍ମା କହିଛନ୍ତି ଯେ, ସରକାରୀ ଅଧିକାରୀଙ୍କୁ ସରକାରୀ କାର୍ଯ୍ୟାଳୟ ମଧ୍ୟରେ ଏପରି ଆକ୍ରମଣ କରିବା ଗୁରୁତର ବିଷୟ ଅଟେ। ଉକ୍ତ ଘଟଣା ପରେ ସ୍ଥାନୀୟ ପିପିଲି ଥାନା ଅଧିକାରୀଙ୍କୁ ଅଭିଯୋଗ କରିବା ସତ୍ତ୍ୱେ ଏହାକୁ ଗୁରୁତର ଭାବେ ଗ୍ରହଣ କରିବା ପରିବର୍ତ୍ତେ ରାଜନୈତିକ ବ୍ୟକ୍ତିଙ୍କ ହାତବାରିସି ସାଜି ଘଟଣାକୁ ଚାପି ଦେଉଛନ୍ତି। ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତେ ଏହାର ଆପୋସ ବୁଝାମଣା କରାଇବା ଦିଗରେ ଉଦ୍ୟମ କରିଛନ୍ତି। ଉକ୍ତ ଘଟଣା ଦିନ ଥାନା ଅଧିକାରୀ ସେଠାରେ ପହଂଚି ପ୍ରଥମେ ଆକ୍ରମଣକାରୀଙ୍କୁ କିପରି ଖସାଇବେ ସେ ଦିଗରେ ପ୍ରଚେଷ୍ଟା କରିଥିଲେ। ଏହାପରେ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ଥାନାକୁ ଡକାଇ ଆପୋସ ବୁଝାମଣା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ଯାହାକି ପିପିଲି ଥାନା ଅଧିକାରୀଙ୍କ କାର୍ଯ୍ୟକଳାପ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୋଲିସ ଜନତାଙ୍କୁ ନ୍ୟାୟ ଦେବା ବଦଳରେ ଭରସା ହରାଇବାରେ ଲାଗିଛି। ଉକ୍ତ ଘଟଣା ନେଇ ବ୍ୟାଙ୍କ ପକ୍ଷରୁ ଗତ ୧ ତାରିଖରେ ପୁରୀ ଏସପିଙ୍କୁ ଅଭିଯୋଗ ଜଣାଇଥିଲେ। କିନ୍ତୁ ଏଯାବତ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଲେ ନାହିଁ। ବ୍ୟାଙ୍କ କର୍ମଚାରୀ ମାନଙ୍କୁ ମାମଲା ପ୍ରତ୍ୟାହାର ଲାଗି ବିଭିନ୍ନ ଆଡୁ ଧମକ ଚମକ ଦେଉଛନ୍ତି ବୋଲି ଶ୍ରୀ ଦାସବର୍ମା ଅଭିଯୋଗ କରିଛନ୍ତି। ଏହା ସାଧାରଣ ସରକାରୀ କର୍ମଚାରୀ ମାନଙ୍କ ପାଇଁ ଖରାପ ପରିସ୍ଥିତି ସୃଷ୍ଟି କରିଛି। ଦାବି କରିଛନ୍ତି ଯେ, ତୁରନ୍ତ ସରକାର, ପୁଲିସ ପ୍ରଶାସନ ଏବଂ ପୁଲିସ ମହା ନିର୍ଦ୍ଦେଶକ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅଭିଯୁକ୍ତଙ୍କୁ ଗିରଫ କରନ୍ତୁ। ନଚେତ ଆଗକୁ ପରିସ୍ଥିତିର ଜଟିଳ ହେବ। ଏଥି ପାଇଁ ରାଜ୍ୟ ସରକାର ଦାୟୀ ରହିବେ। ଏଥିସହିତ ପୁରୀ ଆରକ୍ଷୀ ଅଧିକାରୀଙ୍କୁ କର୍ମଚାରୀ ସଂଘ ପକ୍ଷରୁ ପ୍ରେରଣ କରାଯାଇଥିବା ଅଭିଯୋଗ କପି ଓ ଘଟଣା ସମୟର ଭିଡିଓ ଜାରି କରାଯାଇଛି।

## ୧୭,୫୯୦ ନିଖୋଜ ମହିଳା ଓ ଶିଶୁ ଉଦ୍ଧାର

ଭୁବନେଶ୍ୱର, ୬।୮ (ମହାଭାରତ): ପରିବାରଠାରୁ ବିଚ୍ଛିନ୍ନ ହୋଇଯାଇଥିବା ନିଖୋଜ ମହିଳା ଓ ଶିଶୁମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ପୁନଃ ପରିବାର ସହ ମିଳନ କରାଇବାରେ ଓଡ଼ିଶା ପୋଲିସ ସଫଳତା ହାସଲ କରିଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ପ୍ରତ୍ୟକ୍ଷ ଦିଗଦର୍ଶନ ଏବଂ ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ର ତଦନ୍ତ, ଆନ୍ତଃରାଜ୍ୟ ସମନ୍ୱୟ ଯୋଗୁଁ ଏହି ଗୁରୁତ୍ୱପୂର୍ଣ୍ଣ ସଫଳତା ମିଳିଛି। ଚଳିତ ବର୍ଷ ଜାନୁଆରୀରୁ ଜୁନ୍ ୨୦୨୬ ମଧ୍ୟରେ ରାଜ୍ୟରେ ମୋଟ ୪,୮୭୩ ଜଣ ଶିଶୁ (୫୩୮ ନାବାଳକ, ୪,୩୩୪ ନାବାଳିକା ଏବଂ ୧ ଜଣ ଟ୍ରାନ୍ସଜେଣ୍ଡର) ନିଖୋଜ ହୋଇଥିବା ନେଇ ରିପୋର୍ଟ ହୋଇଥିବାବେଳେ, ଓଡ଼ିଶା ପୋଲିସ ତତ୍ପରତା ପ୍ରକାଶ କରି ଏହି ସମୟ ମଧ୍ୟରେ ମୋଟ ୫,୪୧୩ ଜଣ ଶିଶୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି। ଶିଶୁ ଉଦ୍ଧାର କ୍ଷେତ୍ରରେ ପୁରୀ ଜିଲ୍ଲା (୧୧୬୧), ଯୁପିଡି ଭୁବନେଶ୍ୱର (୩୯୯) ଏବଂ ମୟୂରଭଞ୍ଜ (୨୭୮) ଜିଲ୍ଲା ଶ୍ରେଷ୍ଠ ପ୍ରଦର୍ଶନ




କରିଛନ୍ତି। ସେହିପରି ଜାନୁଆରୀରୁ ଜୁନ୍ ୨୦୨୬ ମଧ୍ୟରେ ରାଜ୍ୟରେ ୧୦,୬୦୫ ଜଣ ମହିଳା ନିଖୋଜ ହୋଇଥିବାବେଳେ, ଓଡ଼ିଶା ପୋଲିସ ଦକ୍ଷତାର ସହ ୧୨,୧୭୭ ଜଣ ନିଖୋଜ ମହିଳାଙ୍କୁ ଉଦ୍ଧାର କରିଛି। ମହିଳା ଉଦ୍ଧାର କ୍ଷେତ୍ରରେ ପୁରୀ ଜିଲ୍ଲା (୩୭୧୩), ଯାଜପୁର (୮୨୦) ଏବଂ ଗଞ୍ଜାମ (୫୮୧) ଜିଲ୍ଲା ସର୍ବାଧିକ ସଫଳତା ହାସଲ କରିଛନ୍ତି। ସମୁଦାୟ ୧୧୬୧ ଜଣ ଶିଶୁ ଏବଂ ୩୭୧୩ ଜଣ ମହିଳାଙ୍କୁ ଉଦ୍ଧାର କରି ପୁରୀ ଜିଲ୍ଲା ରାଜ୍ୟରେ ସର୍ବଶ୍ରେଷ୍ଠ ଜିଲ୍ଲା ଭାବେ ପରିଗଣିତ ହୋଇଛି। ନିଖୋଜ ମହିଳା ଓ ଶିଶୁଙ୍କୁ ଖୋଜି ବାହାର କରିବା ମହିଳା ଓ ଶିଶୁ ସୁରକ୍ଷା ଶାଖା ପକ୍ଷରୁ ନିୟମିତ ଭାବେ "ଅପରେସନ୍ ଅନ୍ୱେଷଣ" ସ୍ୱତନ୍ତ୍ର ଅଭିଯାନ କରାଯାଉଛି। ଚଳିତ ବର୍ଷ ଏପର୍ଯ୍ୟନ୍ତ ୨ଟି ସ୍ୱତନ୍ତ୍ର ଅଭିଯାନ କରାଯାଇଥିବା ବେଳେ ଗତ ୧୮.୦୭.୨୦୨୬ ରୁ ୨୨.୦୭.୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ଅପରେସନରେ ୩୨୧ ଜଣ ନିଖୋଜ ଶିଶୁ (୩୫ ନାବାଳକ, ୨୮୬ ନାବାଳିକା) ଏବଂ ୨,୪୩୪ ଜଣ ନିଖୋଜ ମହିଳାଙ୍କୁ ପୋଲିସ ସଫଳତାର ସହ ଉଦ୍ଧାର କରିଛି।

ଏହି ଅଭିଯାନରେ ପୁରୀ ପୋଲିସର ବିଭିନ୍ନ ଥାନା, ମହିଳା ଓ ଶିଶୁ ସୁରକ୍ଷା ଶାଖା ଏବଂ ଅନ୍ୟାନ୍ୟ ଜିଲ୍ଲା ପୋଲିସ ସହ ସମନ୍ୱୟ ରକ୍ଷା କରି ନିଖୋଜ ବ୍ୟକ୍ତିଙ୍କ ସନ୍ଧାନ କାର୍ଯ୍ୟକୁ ଅଧିକ ଫଳପ୍ରଦ କରାଯାଉଛି। ପୁରୀ ପୋଲିସର ଏହି ସଫଳତା ପଛରେ ରହିଛି ସମସ୍ତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ନିଷ୍ଠା, ପରିଶ୍ରମ, ସମ୍ବେଦନଶୀଳତା ଏବଂ କର୍ତ୍ତବ୍ୟନିଷ୍ଠା। ନିଖୋଜ ବ୍ୟକ୍ତିଙ୍କୁ ଖୋଜି ବାହାର କରିବା କେବଳ ଏକ ପ୍ରଶାସନିକ ଦାୟିତ୍ୱ ନୁହେଁ, ବରଂ ଏକ ମାନବିକ କର୍ତ୍ତବ୍ୟ। ପ୍ରତ୍ୟେକ ସଫଳ ଉଦ୍ଧାର ଏକ ପରିବାରର ଜୀବନରେ ନୂଆ ଆଶା ସଂଚାର କରିଥାଏ। ମହିଳା ଓ ଶିଶୁମାନଙ୍କ ସୁରକ୍ଷା ପୁରୀ ପୋଲିସର ସର୍ବୋଚ୍ଚ ପ୍ରାଥମିକତା ହୋଇ ରହିବ। ଆଗାମୀ ଦିନରେ ମଧ୍ୟ 'ଅପରେସନ୍ ଅନ୍ୱେଷଣ' ଭଳି ସ୍ୱତନ୍ତ୍ର ଅଭିଯାନକୁ ଆହୁରି ବ୍ୟାପକ, ପ୍ରଭାବଶାଳୀ ଏବଂ ଜୋରଦାର ଭାବେ ଜାରି ରଖାଯିବ, ଯାହାଦ୍ୱାରା ଅଧିକରୁ ଅଧିକ ନିଖୋଜ ମହିଳା ଓ ଶିଶୁଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ସେମାନଙ୍କ ପରିବାର ସହ ପୁନଃମିଳନ କରାଯାଇପାରିବ।

## ମୋଦି ସରକାର ଯୁବ ଓ ଛାତ୍ର ସମାଜ ବିରୋଧି

ଭୁବନେଶ୍ୱର, ୬।୮ (ମହାଭାରତ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ମାଷ୍ଟରକ୍ୟାଂଟିନ ଛକ ଠାରେ "ଛାତ୍ର ସଂକଳ୍ପ ସମାବେଶ" ଆୟୋଜିତ ହୋଇଥିଲା । ଏଠାରେ ନବନିଯୁକ୍ତି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ବିଭୁତିଭୂଷଣ ମହାପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯିବ ସହ ଛାତ୍ର କଂଗ୍ରେସର ଆଗାମୀ କାର୍ଯ୍ୟକ୍ରମ ପାଇଁ ସଂକଳ୍ପ ନିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବାପାଇଁ ରାଷ୍ଟ୍ରୀୟ ଛାତ୍ର କଂଗ୍ରେସର ସଭାପତି ଶ୍ରୀ ବିନୋଦ ଜାଖରଙ୍କୁ ଏୟାରପୋର୍ଟ ଠାରୁ ଏକ ବିଶାଳ ମୋଟରସାଇକେଲ ରାଲିରେ ମାଷ୍ଟରକ୍ୟାଂଟିନ ଛକପର୍ଯ୍ୟନ୍ତ ଅଣାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ଜାଖର ତାଙ୍କ ଉଦବୋଧନରେ କହିଥିଲେ ଯେ ମୋଦି ସରକାର ଯୁବ ଓ ଛାତ୍ର ସମାଜ ବିରୋଧି । ଯନ୍ତରମନ୍ତରରେ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ପ୍ରତିବାଦରେ ଆନ୍ଦୋଳନ କରୁଥିବା ଛାତ୍ର ସମାଜକୁ ମୋଦି ସରକାର ଯେଉଁ ଆଚରଣ ପ୍ରଦର୍ଶନ କଲା ଏହା ଦୁର୍ଭାଗ୍ୟଜନକ । ସାରା ଦେଶର ବିଭିନ୍ନ ରାଜ୍ୟରେ ଛାତ୍ର ସମାଜ ଭୁଷୁଡ଼ି ଯାଇଥିବା ଶିକ୍ଷା ବ୍ୟବସ୍ଥା ବିରୋଧରେ ଲଢ଼େଇ କରୁଛନ୍ତି । ଶିକ୍ଷା ନାମରେ ବ୍ୟବସାୟ ଚାଲିଛି । ନିଟ ପେପର ଲିକ ଘଟଣା ମୋଦି ସରକାରର ଅସଲ ଚେହେରାକୁ ପଦାରେ ପକାଇଛି । ମୋଦି ସରକାର ଛାତ୍ରଛାତ୍ରୀଙ୍କ



ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦେଉଛନ୍ତି । ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପାଇଁ ଦେଶର ୨୨ ରୁ ଅଧିକ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି । ଯନ୍ତରମନ୍ତରରେ ଛାତ୍ରଙ୍କ ଉପରେ ଅମାନବୀୟ ଲାଠିଚାର୍ଜ, ଟିୟରଗ୍ୟାସ ପ୍ରୟୋଗ ଏବଂ ପଥରମାଡ଼ ଘଟଣା ଏ ଦେଶରେ ଚାଲିଥିବା ହିଟଲରୀ ରାଜକୁ ପଦାରେ ପକାଇଛି । ବିହାରରେ ନିର୍ଦ୍ଦୋଶ ଛାତ୍ରଙ୍କ ଉପରେ ଗୁଳିମାଡ ମୋଦି ସରକାରର ଫାଶୀବାଦୀ ମାନସିକତାକୁ ପଦାରେ ପକାଇଛି । ଦେଶର ଗୃହମନ୍ତ୍ରୀଙ୍କ ପ୍ରତି ଛାତ୍ର କଂଗ୍ରେସ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଯନ୍ତରମନ୍ତର ହେଉ, ବିହାର ଓ ଅନ୍ୟ ରାଜ୍ୟରେ ନ୍ୟାୟ ମାଗୁଥିବା ଛାତ୍ରମାନଙ୍କୁ ଅକଥନୀୟ ଅତ୍ୟାଚାର କରିବାକୁ ସରକାରଙ୍କର ଗୁପ୍ତ ନିର୍ଦ୍ଦେଶ ରହିଛି । ଛାତ୍ରମାନଙ୍କୁ ଏବଂ ଅଭିଭାବକମାନଙ୍କୁ ଏନକାଉଂଟର କରି ମାରିଦେବାକୁ ଧମକ ଦିଆଯାଉଛି । ଯେଉ ଅଭିଭାବକ ମାନେ କରଜ କରି, ଜମି ବିକି ପିଲାମାନଙ୍କୁ ପାଠ ପଢ଼ାଉଛନ୍ତି କିନ୍ତୁ ଶିକ୍ଷା ବ୍ୟବସ୍ଥା ପିଲାମାନଙ୍କ ପ୍ରତି ବିଶ୍ୱାସଘାତକତା କରୁଛି । ଏ ସରକାର ଶିକ୍ଷା ଦଲାଲମାନଙ୍କ କବଜାରେ ରହିଛି । ପେପରଲିକ ଘଟଣା ଏବଂ ଶିକ୍ଷାବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଥିବା ଧର୍ମେନ୍ଦ୍ର ପ୍ରଧାନଙ୍କୁ ମନ୍ତ୍ରୀ ପଦରୁ ଇସ୍ତଫା ପରେ ବିଜେପି ସାଂସଦମାନେ ଏବଂ ଓଡ଼ିଶାରେ ବିଜେପି ଏବଂ ଏହାର ଛାମୁଆ ସଂଗଠନ ଯେଉଁଭଳି ଭାବରେ ସମ୍ବୋର୍ଦ୍ଧିତ କରୁଛନ୍ତି ତାହା ବିଜେପି ଦଳ ଏବଂ ସାସଂଦମାନଙ୍କର ଘୃଣ୍ୟମାନସିକତାକୁ ପଦାରେ ପକାଉଛି । ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀ ମାନଙ୍କ ଚରିତ୍ରକୁ ବିଜେପି ସାଂସଦମାନେ ସଂହାର କରିବା ଦୁର୍ଭାଗ୍ୟଜନକ ।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପିସିସି ସଭାପତି ଶ୍ରୀ ଭକ୍ତ ଚରଣ ଦାସ କହିଲେ ଯେ ଓଡ଼ିଶାର ଛାତ୍ରଛାତ୍ରୀ ରାଜରାସ୍ତାରେ ଛିଡ଼ା ହେଉନଥିବାରୁ କଲେଜ ଓ ୟୁନିଭରସିଟିରେ ଛାତ୍ର ସଂସଦ ନିର୍ବାଚନ ହେଉନାହିଁ । ଛାତ୍ରମାନଙ୍କ ପ୍ରତି ବାରମ୍ବାର ଅନ୍ୟାୟ ହେଉଛି । ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥା ଭୁଷୁଡ଼ି ପଡ଼ିଛି ।

## ଏନର୍ଜାଇଜ୍ ଏମପାୱାର୍ ଇଷ୍ଟ'ର ୫ମ ସଂସ୍କରଣ

ଭୁବନେଶ୍ୱର,୬।୮ (ମହାଭାରତ): ଇଣ୍ଡିଆନ୍ ଇଲେକ୍ଟ୍ରିକାଲ୍ ଆଣ୍ଡ ଇଲେକ୍ଟ୍ରୋନିକ୍ସ ମାନୁଫାକଚର୍ସ ଆସୋସିଏସନ୍ (ଆଇଇଇଏମଏ) ପକ୍ଷରୁ ଆଜି ଓଡ଼ିଶାର ଭୁବନେଶ୍ୱରସ୍ଥିତ ମେ'ଫେୟାର କନଭେନସନରେ ପାୱାର ଏବଂ ବୈଦ୍ୟୁତିକ ସରଞ୍ଜାମ ଶିଳ୍ପ ପାଇଁ ପୂର୍ବାଞ୍ଚଳର ପ୍ରମୁଖ ପ୍ରଦର୍ଶନୀ 'ଇ୩: ଏନର୍ଜାଇଜ୍. ଏମପାୱ୍ୱା. ଇଷ୍ଟ'ର ୫ମ ସଂସ୍କରଣ ଆୟୋଜନ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ନୀତି ନିର୍ଦ୍ଧାରକ, ୟୁଟିଲିଟି, ଉତ୍ପାଦକ, ପ୍ରଯୁକ୍ତିବିଦ୍ୟା ଯୋଗାଣକାରୀ ଏବଂ ଆର୍ଥିକ ସଂସ୍ଥାଗୁଡ଼ିକୁ ଏକାଠି କରିଛି ଯାହାଦ୍ୱାରା ଓଡ଼ିଶା ଏବଂ ପୂର୍ବ ଭାରତର ପାୱାର ସେକ୍ଟର ଇକୋସିଷ୍ଟମରେ ପୁଞ୍ଜିନିବେଶ ସୁଯୋଗ, ଆଞ୍ଚଳିକ କ୍ୟାପେକ୍ସ ଆଉଟଲୁକ୍, ଚାହିଦା ଏବଂ ଏସଏମଇର ବୃଦ୍ଧି ସମ୍ପର୍କରେ ଆଲୋଚନା କରାଯାଇପାରିବ । ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ସରକାରଙ୍କ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ବିଭାଗର ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି, "ଓଡ଼ିଶା ଦଶନ୍ଧି ଧରି ଚାଲିଆସୁଥିବା ପାରମ୍ପରିକ ବିଦ୍ୟୁତ୍ ଉତ୍ପାଦନରୁ ରାଜ୍ୟ ନିଜକୁ ପରିବର୍ତ୍ତନ କରି କ୍ଲିନ୍ ପାୱାର, ଗ୍ରୀନ୍ ଫୁଏଲ ଏବଂ କମ୍ କାର୍ବନଯୁକ୍ତ ଶିଳ୍ପ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବରେ ପରିଣତ ହେବାକୁ ଲକ୍ଷ୍ୟ ରଖିଛି । ଏହାର ଦୃଢ଼ ଶିଳ୍ପ ଭିର୍ତିଭୂମି, ଜଳସମ୍ପଦ, ୫୭୫ କିଲୋମିଟର ଉପକୂଳବର୍ତୀ ଅଂଚଳ, ବନ୍ଦର, ଖଣିଜ ମୂଲ୍ୟ ଶୃଙ୍ଖଳା ଏବଂ ଦକ୍ଷ କର୍ମଚାରୀଙ୍କୁ ବ୍ୟବହାର କରି, ରାଜ୍ୟ ଏହାର ଅକ୍ଷୟ ଶକ୍ତି ନୀତି ଅଧୀନରେ ୨୦୩୦ ସୁଦ୍ଧା ସୌର, ପବନ, ଜଳବିଦ୍ୟୁତ୍, ସଂରକ୍ଷଣ ଏବଂ ବିତରିତ ଶକ୍ତିକୁ ମିଶାଇ ୧୦ ଗିଗାୱାଟରୁ ଅଧିକ ଅକ୍ଷୟ ଶକ୍ତି କ୍ଷମତା ହାସଲ କରିବାକୁ ଲକ୍ଷ୍ୟ ରଖିଛି ।" ସମ୍ମାନିତ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ମାନ୍ୟବର ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଛନ୍ତି, "ଆମେ ସ୍ୱତନ୍ତ୍ର ବୈଦ୍ୟୁତିକ ସରଞ୍ଜାମ ଉତ୍ପାଦନ କ୍ଲଷ୍ଟର, ଉନ୍ନତ ପରୀକ୍ଷଣ ପରୀକ୍ଷାଗାର, ଏକ୍ସଲେନ୍ସ ସେଂଟର, ଏକ ଦୃଢ଼ ଏମଏସଏମଇ ଯୋଗାଣକାରୀ ଇକୋସିଷ୍ଟମ ଏବଂ ଶିଳ୍ପ-ଶିକ୍ଷାନୁଷ୍ଠାନ ସହଯୋଗିତା ବିକଶିତ କରିବାକୁ ପ୍ରତିଶ୍ରୁତିବଦ୍ଧ।

## ତ୍ରୈମାସିକରେ ମୋରପେନ୍ ସର୍ବାଧିକ ରାଜସ୍ୱ ଆୟ

ଭୁବନେଶ୍ୱର,୬।୮ (ମହାଭାରତ): ମୋରେପେନ୍ ଲାବୋରେଟୋରିଜ୍ ଲିମିଟେଡ୍ ଆଜି ଜୁନ୍ ୩୦, ୨୦୨୬ରେ ଶେଷ ହୋଇଥିବା ତ୍ରୈମାସିକ ପାଇଁ ଏହାର ଆର୍ଥିକ ଫଳାଫଳ ଘୋଷଣା କରିଛି, ଯାହା ଉନ୍ନତ ଅପରେଟିଂ ଲିଭରେଜ୍, ଏପିଆଇ ସାମ୍ନାରେ ଉନ୍ନତ ପ୍ରଦର୍ଶନ, ଶକ୍ତିଶାଳୀ ରପ୍ତାନି ଅଭିବୃଦ୍ଧି ଏବଂ ସିଡିଏମଓ ଆଦେଶର ପୂର୍ଣ୍ଣ ବ୍ୟବସାୟୀକରଣ ଦ୍ୱାରା ସମର୍ଥିତ ଏହାର ସର୍ବାଧିକ ତ୍ରୈମାସିକ ରାଜସ୍ୱ ଏବଂ ସର୍ବୋଚ୍ଚ ତ୍ରୈମାସିକ ଆୟ ରିପୋର୍ଟ କରିଛି। ପ୍ରଥମ ତ୍ରୟମାସରେ ଏକ ପ୍ରମୁଖ ରଣନୀତିକ ମାଇଲଖୁଂଟ ମଧ୍ୟ ଚିହ୍ନିତ ହୋଇଛି କାରଣ ମୋରେପେନର ପୂର୍ବରୁ ଘୋଷିତ ୮୨୫ କୋଟି ଟଙ୍କାର ସିଡିଏମଓ ଆଦେଶ ପୂର୍ଣ୍ଣ ଆକାରର ବ୍ୟବସାୟୀକରଣ ପର୍ଯ୍ୟାୟରେ ପ୍ରବେଶ କରିଛି, ଯେଉଁଥିରେ ୫୮ କୋଟି ଟଙ୍କାର ବାଣିଜ୍ୟିକ ସିଡିଏମଓ ଏହି ତ୍ରୈମାସିକରେ ଶେଷ ହୋଇସାରିଛି । ଏହା ମୋରପେନ୍ କମ୍ପାନୀର ୨.୦ ରଣନୀତିର ବ୍ୟବସାୟିକ ବୈଧତାକୁ ଚିହ୍ନିତ କରେ, ଯାହା ପାରମ୍ପାରିକ କମୋଡିଟି ଏପିଆଇରୁ ନୂତନତ୍ୱ-ନେତୃତ୍ୱାଧୀନ ଉତ୍ପାଦନ, ଦୀର୍ଘକାଳୀନ ସିଡିଏମଓ ସହଭାଗୀତା, ପୁନରାବୃତ୍ତି ଗ୍ରାହକ ପ୍ରୋଗ୍ରାମ ଏବଂ ଏକ ସ୍କେଲେବଲ୍ ଅପରେଟିଂ ପ୍ଲାଟଫର୍ମ ଆଡକୁ ଯିବା ଉପରେ ଧ୍ୟାନ ଦେଇଥାଏ । ପ୍ରଦର୍ଶନ ଉପରେ ମନ୍ତବ୍ୟ ଦେଇ ମୋରେପେନ୍ ଲାବୋରେଟୋରିଜ୍ ଲିମିଟେଡ୍ ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୁଶୀଲ ସୁରୀ କହିଛନ୍ତି 'କ୍ୟୁ୧ ଏଫୱାଇ୨୭ ମୋରେପେନର ରୂପାନ୍ତର ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ବୈଧତାକୁ ଚିହ୍ନିତ କରେ । କମ୍ପାନୀ ଏହାର ସର୍ବୋଚ୍ଚ ତ୍ରୈମାସିକ ରାଜସ୍ୱ, ଦୃଢ ଲାଭଦାୟକ ଉନ୍ନତି ଏବଂ ଅର୍ଥପୂର୍ଣ୍ଣ ଅପରେଟିଂ ଲିଭରେଜ୍ ପ୍ରଦାନ କରିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆମର ୮୨୫ କୋଟି ଟଙ୍କାର ସିଡିଏମଓ ଆଦେଶ ବର୍ତ୍ତମାନ ପୂର୍ଣ୍ଣ ଆକାରର ବାଣିଜ୍ୟିକ କାର୍ଯ୍ୟକାରିତାରେ ପ୍ରବେଶ କରିଛି, ଯାହା ଏକ କାରବାର-ନେତୃତ୍ୱାଧୀନ ଏପିଆଇ ବ୍ୟବସାୟରୁ ଦୀର୍ଘକାଳୀନ ବିଶ୍ୱ ଭାଗିଦାରୀ ଉପରେ ନିର୍ମିତ ଏକ ଅଧିକ କେନ୍ଦ୍ରିତ, ଉତ୍ପାଦନ-ନେତୃତ୍ୱାଧୀନ ପ୍ଲାଟଫର୍ମକୁ ଆମର ପରିବର୍ତ୍ତକୁ ଦୃଢ କରିଛି ।'

## ସୋଆ ପକ୍ଷରୁ 'ଆଲିସିପ୍++ ୨.୦' ଆୟୋଜିତ

ଭୁବନେଶ୍ୱର,୬।୮ (ମହାଭାରତ): ଶିଳ୍ପ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ସହଯୋଗକୁ ଆହୁରି ସୁଦୃଢ଼ କରିବା ସହ ସମାବେଶୀ ନେତୃତ୍ୱକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ଚେନ୍ନାଇଠାରେ 'ଆଲିସିପ୍++ ୨.୦' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। 'ପ୍ରାକ୍ଟିସିଂ ଆଲିସିପ୍' ପ୍ରସଙ୍ଗକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୬୦ରୁ ଅଧିକ ଶିଳ୍ପପତି, ମାନବ ସମ୍ବଳ (ଏଚ୍ଆର୍) ବିଶେଷଜ୍ଞ, ଶିକ୍ଷାବିତ୍ ଏବଂ ବିଭିନ୍ନ କ୍ଷେତ୍ରର ବ୍ୟକ୍ତିବିଶେଷ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ଏକ ପ୍ରମୁଖ ଆକର୍ଷଣ ଥିଲା ବିଶିଷ୍ଟ ଆଥଲେଟ୍, ପ୍ରସିଦ୍ଧ ଆଥଲେଟିକ୍ସ ପ୍ରଶିକ୍ଷକ ଏବଂ ପୂର୍ବତନ ଆନ୍ତର୍ଜାତିକ ସ୍ପ୍ରିଂଟର ପ୍ରେମାନନ୍ଦ ଜେ.ଙ୍କ ସହ ଏକ 'ଫାୟାରସାଇଡ୍ ଚାଟ୍'। ପ୍ୟାରିସ୍ ଅଲିଂପିକ୍ସ ପାଇଁ ଭାରତୀୟ ଜାତୀୟ ସ୍ପ୍ରିଂଟ ଦଳକୁ ପ୍ରଶିକ୍ଷଣ ଦେଇଥିବା ପ୍ରେମାନନ୍ଦ




ନେତୃତ୍ୱ, ଦୃଢ଼ତା, ଅନୁଶାସନ ଏବଂ ପରାମର୍ଶ ଦାନର ପରିବର୍ତନଶୀଳ ଶକ୍ତି ସଂପର୍କରେ ନିଜର ଅଭିଜ୍ଞତା ବଖାଣିଥିଲେ। କାର୍ଯ୍ୟକ୍ରମରେ ଷ୍ଟାଣ୍ଡାର୍ଡ ଚାର୍ଟାର୍ଡର ଗ୍ଲୋବାଲ୍ ହେଡ୍- କାପାବିଲିଟିଜ୍, ଟ୍ରାନ୍ସଫର୍ମେସନ୍ ଆଣ୍ଡ କଲ୍‌ଚର, ଶ୍ରୀମତି ଅର୍ଚ୍ଚନା ଗ୍ରୋଭରଙ୍କ ସଂଚାଳନାରେ 'ସମାବେଶୀ ଓ ଭବିଷ୍ୟତ୍ ପ୍ରସ୍ତୁତ କାର୍ଯ୍ୟକ୍ଷେତ୍ର ଗଠନରେ ଆଲିସିପ୍‌ର ଭୂମିକା' ବିଷୟ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଲୋଚନାଚକ୍ରରେ ରକେଟ୍ ଇଣ୍ଡିଆର ଆସିଷ୍ଟାଂଟ ଭାଇସ୍ ପ୍ରେସିଡେଂଟ ଶ୍ରୀମତି ସୁଗନ୍ୟା ବୀରରାଘବନ, ଫୁଡ୍‌ହବ୍‌ର ମାନବ ସମ୍ବଳ ବିଭାଗ ମୁଖ୍ୟ ଶ୍ରୀ ସୁରେଶ ଆଦେ, ନର୍ଡେକ୍ସ ଗ୍ରୁପ୍‌ର ସିନିୟର ମ୍ୟାନେଜର ଶ୍ରୀମତି ଅର୍ଚ୍ଚନା ମୁକୁନ୍ଦନ, କାର୍‌ଟେକ୍‌ର ଗ୍ଲୋବାଲ୍ ଟ୍ୟାଲେଂଟ ହେଡ୍ ଶ୍ରୀ ଆର. କେ. ରାମଚନ୍ଦ୍ରନ୍ ଏବଂ ଏମ୍‌ଫାସିସ୍‌ର ଇଣ୍ଡିଆ କ୍ୟାଂପସ୍ ହେଡ୍ ଶ୍ରୀ ଏମ୍. ଡି. ଜୋଶୁଆ ଡେଭିଡ୍ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀମାନେ ମତ ପ୍ରକାଶ କରିଥିଲେ ଯେ, ଆଲିସିପ୍ କେବଳ ଏକ ପଦକ୍ଷେପ ନୁହେଁ, ବରଂ ଏହା ଏକ ନେତୃତ୍ୱଗତ ଦାୟିତ୍ୱ, ଯାହା ସଂଗଠନ ମଧ୍ୟରେ ବିଶ୍ୱାସ ସୃଷ୍ଟି, ନବସୃଜନକୁ ପ୍ରୋତ୍ସାହନ ଏବଂ ଦୀର୍ଘସ୍ଥାୟୀ ସଫଳତାରେ ସହାୟକ ହୋଇଥାଏ। ଉପସ୍ଥିତ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଭବିଷ୍ୟତର କାର୍ଯ୍ୟକ୍ଷେତ୍ର ପାଇଁ ଦକ୍ଷ ମାନବ ସମ୍ବଳ ପ୍ରସ୍ତୁତ କରିବାରେ ଶିଳ୍ପ-ଶିକ୍ଷାନୁଷ୍ଠାନ ସହଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସୋଆର କର୍ପୋରେଟ୍ ରିଲେସନ୍ସ ଆଣ୍ଡ ପ୍ଲେସମେଂଟ ଡିନ୍ ଡ଼କ୍ଟର ରାଜ କୁମାର ହୋତା କାର୍ଯ୍ୟକ୍ଷେତ୍ରର ସଂସ୍କୃତି ଓ ଦୈନନ୍ଦିନ ନେତୃତ୍ୱରେ ଆଲିସିପ୍‌ର ମୂଲ୍ୟବୋଧକୁ ସାମିଲ କରିବାର ଆବଶ୍ୟକତା ଉପରେ ମତ ରଖିଥିଲେ। କାର୍ଯ୍ୟକ୍ରମ ମାଧ୍ୟମରେ ସୋଆ ଶିଳ୍ପ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ଫଳପ୍ରଦ ସହଯୋଗକୁ ସୁଦୃଢ଼ କରିବ।

# ଓଡ଼ିଶାରେ କୃଷିର ବିକାଶ

ଗତ ୮୦ ବର୍ଷ ଭିତରେ ଓଡ଼ିଶାରେ କୃଷିର ବିକାଶ ହୋଇଛି ଏବଂ କୃଷକମାନଙ୍କ ସ୍ଥିତିରେ ଉନ୍ନତି ଆସିଛି। କିନ୍ତୁ ପଞ୍ଜାବ ଓ ହରିୟାନା ତୁଳନାରେ ଆମେ ଯଥେଷ୍ଟ ପଛରେ ପଡ଼ିଛେ। ପଞ୍ଜାବରେ ଓଡ଼ିଶା ତୁଳନାରେ ଏକ ତୃତୀୟାଂଶ ବର୍ଷା ହୋଇଥାଏ। କିନ୍ତୁ ସେମାନେ ବର୍ଷ ଜଳର ସଦୁପଯୋଗ ବା ସଞ୍ଚୟ କରିବା ଫଳରେ ଆଜି ଏକ କୃଷି ସମୃଦ୍ଧ ରାଜ୍ୟରେ ପରିଣତ ହୋଇପାରିଛନ୍ତି। ଓଡ଼ିଶାରେ ଜଳସମ୍ପଦର ସଦୁପଯୋଗ ଲାଗି ଗତ ୭ ଦଶନ୍ଧି ମଧ୍ୟରେ ଅନେକ ପ୍ରୟାସ ହୋଇଛି। ହୀରାକୁଦ, ରେଙ୍ଗାଲି ଭଳି ଅନେକ ବଡ଼ ବଡ଼ ନଦୀ ବନ୍ଧ ଯୋଜନା ସହିତ ବହୁ ସଂଖ୍ୟାରେ ଛୋଟ ଛୋଟ ନଦୀ ବନ୍ଧ, କେନାଲ ବା ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଛି। କିନ୍ତୁ ଏହା ରାଜ୍ୟର ଆବଶ୍ୟକତା ତୁଳନାରେ ପର୍ଯ୍ୟାପ୍ତ ନୁହେଁ। ବର୍ଷା ଦିନେ ରାଜ୍ୟରେ ଯେପରି ପ୍ରଚୁର ବର୍ଷା ହେଉଛି ତଦନୁଯାୟୀ ବିଭିନ୍ନ ନଦୀରେ ବହୁ ଅଧିକ ସଂଖ୍ୟାରେ ଆନିକଟ ବା ନଦୀ ପ୍ରତିଷ୍ଠା ହେବା ଜରୁରୀ। ବିଶେଷ କରି ଓଡ଼ିଶାର ଲାଇଫ ଲାଇନ କୁହାଯାଉଥିବା ମହାନଦୀ ଓ ଏହାର ଶାଖା ନଦୀ ଗୁଡ଼ିକରେ ଆବଶ୍ୟକ ସଂଖ୍ୟାରେ ନଦୀ ବନ୍ଧ ନାହିଁ। ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ସରକାର ଯେତେ ସଂଖ୍ୟାରେ ଛୋଟ ବଡ଼ ଆନିକଟ ବା ବନ୍ଧ ନିର୍ମାଣ କରିଛନ୍ତି ଓଡ଼ିଶାରେ ମହାନଦୀ ବା ଏହାର ଶାଖା ନଦୀରେ ତାହାର ଅଧା ସଂଖ୍ୟାରେ ଆନିକଟ ବା ନଦୀ ବନ୍ଧ ନାହିଁ। ଯଦି ରାଜ୍ୟ ସରକାର ଏଥିପାଇଁ ପ୍ରଯତ୍ନ କରନ୍ତେ ତେବେ ବିପୁଳ ପରିମାଣର ଜଳ ସଞ୍ଚୟ ହୋଇପାରନ୍ତା ଏବଂ ଖରାଦିନେ ବା ଶୀତଦିନେ ଏହା କୃଷି କ୍ଷେତ୍ରକୁ ଜଳସେଚନ ଏବଂ ପାନୀୟ ଜଳ ପାଇଁ ବ୍ୟବହୃତ ହୋଇପାରନ୍ତା। କିନ୍ତୁ ଇଚ୍ଛା ଶକ୍ତିର ଅଭାବ ବା ଉପଯୁକ୍ତ ଯୋଜନାର ଅଭାବ ପାଇଁ ଏହା କେବଳ ଆଲୋଚନାରେ ସୀମିତ ହୋଇ ରହିଛି। ଛତିଶଗଡ଼ ମାତ୍ର ୨୦ ବର୍ଷ ଭିତରେ ଯାହା କରିପାରିଛି, ଓଡ଼ିଶା ଗତ ୫୦ ବର୍ଷ ଭିତରେ ତାହା କରିପାରିନାହିଁ। ଛତିଶଗଡ଼ ମହାନଦୀ ଉପର ମୁଣ୍ଡରେ ଜଳ ଅଟକାଉଛି ବୋଲି ଆମେ ଅଭିଯୋଗ କରୁଛୁ। କିନ୍ତୁ ଆମେ ବର୍ଷା ଦିନେ ମହାନଦୀ ଅବବାହିକାରେ ବନ୍ଧ ବାନ୍ଧି ଜଳ ସଞ୍ଚୟ ନିମନ୍ତେ ଉଦ୍ୟମ କରୁନାହୁଁ। ଏବେ ମହାନଦୀ ଓ ରାଜ୍ୟର ଅନ୍ୟ ଛୋଟ ବଡ଼ ନଦୀରେ ବନ୍ୟା ଆସିଛି। ମୁଣ୍ଡଲୀ ନିକଟରେ ସର୍ବାଧିକ ୧୨ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେଉଛି। ସେହିଠାରୁ ମହାନଦୀର ତ୍ରିକୋଣଭୂମି ଆରମ୍ଭ। ସେହିଠାରୁ ମହାନଦୀର ଜଳ ବିଭିନ୍ନ ଶାଖା ପ୍ରଶାଖା ଦେଇ ସମଗ୍ର ଉପକୂଳ ଅଞ୍ଚଳକୁ ଜଳପ୍ଲାବିତ କରିଥାଏ। ଯଦି ମୁଣ୍ଡଲୀ ଉପରେ ଆଉ ଏକ ବଡ଼ ନଦୀ ବନ୍ଧ ନିର୍ମାଣ କରାଯାଇପାରନ୍ତା ତେବେ ହୀରାକୁଦ ଭଳି ଏଠାରେ ମଧ୍ୟ ବିପୁଳ ଜଳରାଶି ସଞ୍ଚୟ ହୋଇପାରନ୍ତା। ଏଥିପାଇଁ ଅନେକ ଆଲୋଚନା-ପର୍ଯ୍ୟାଲୋଚନା ହୋଇଛି। କିନ୍ତୁ ତାହା କାର୍ଯ୍ୟକାରୀ ହୋଇନାହିଁ। କାରଣ ବଡ଼ ନଦୀ ବନ୍ଧକୁ ଅନେକ ବିରୋଧ କରୁଛନ୍ତି ଏବଂ ତାହା ଯଥାର୍ଥ। କିନ୍ତୁ ଜଙ୍ଗଲ, ଗାଁ ଏବଂ ଚାଷ ଜମି ନବୁଡ଼ାଇ ନଦୀର ଦୁଇ ପାର୍ଶ୍ୱରେ ବନ୍ଧ ବାନ୍ଧି ଅନେକ ଜଳ ସଞ୍ଚୟ କରାଯାଇପାରିବ। ଜୋବ୍ରା ଆନିକଟ ଭଳି ମହାନଦୀର ତଳ ମୁଣ୍ଡରେ ଅନେକ ଆନିକଟ ନିର୍ମିତ ହୋଇପାରିବ। କେବଳ ମହାନଦୀ ନୁହେଁ, ଏହାର ଛୋଟ ବଡ଼ ଶାଖା ନଦୀରେ ମଧ୍ୟ ବନ୍ଧ ବା ଆନିକଟ ନିର୍ମାଣ କରାଗଲେ ଜଳସମ୍ପଦର ସଦୁପଯୋଗ ହୋଇପାରିବ। ମହାନଦୀ ଉପରମୁଣ୍ଡରେ ବର୍ଷା ହେଲେ ବା ଛତିଶଗଡ଼ ପାଣି ଛାଡ଼ିଲେ ହୀରାକୁଦର ଜଳସ୍ତର ବଢ଼େ। ହୀରାକୁଦର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ ତେଣୁ ହୀରାକୁଦର ଜଳସ୍ତର ବଢ଼ିଲେ ସେଠାରୁ ଜଳ ନିଷ୍କାସନ ହୋଇଥାଏ ଏବଂ ଏହା ତଳମୁଣ୍ଡରେ ବନ୍ୟା ସୃଷ୍ଟି କରିଥାଏ। କିନ୍ତୁ ଏହା ପରେ ମହାନଦୀର ତଳମୁଣ୍ଡରେ ଥିବା ଅନେକ ଉପନଦୀରୁ ଅଧିକ ବର୍ଷା ଜଳ ମଧ୍ୟ ମହାନଦୀରେ ମିଶିବା ଫଳରେ ତ୍ରିକୋଣଭୂମିରେ ବନ୍ୟା ହୋଇଥାଏ।

*ଆସନ୍ତୁ ଆଲୋଚନା କରିବା ପିଡିଆମାନଙ୍କ ମଧ୍ୟରେ "ରାଜା"ଙ୍କ ସମ୍ବନ୍ଧରେ । ସେ ହେଉଛି ଲିମ୍ବପିଡିଆ । ଏହା ମାଟିର ଉର୍ବରତା ବଢ଼ାଇବା ସହିତ ମାଟିରେ ଥିବା ରୋଗ, ପୋକ ଇତ୍ୟାଦି ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ଲିମ୍ବପିଡିଆରେ ୨ରୁ ୫% ଯବକ୍ଷାରଜାନ୍, ୦.୫ ରୁ ୧% ଫସଫରସ୍, ୧ରୁ ୨% ପଟାସିୟମ୍, ୦.୫ ରୁ ୩% କ୍ୟାଲସିୟମ୍ ଏବଂ ୦.୩ ରୁ ୧.୦% ମ୍ୟଗ୍ନେସିୟମ୍ ତଥା ଅନ୍ୟାନ୍ୟ ଦରକାରୀ ପୋଷକ ତ୍ୱ ଭରିରହିଥାଏ ।*

# ଇତିହାସରେ ସଂଗ୍ରାମୀ ସ୍ମୃତି ପୀଠ - କୁହୁଡ଼ି

॥ ଅମୀୟ କୁମାର ପଟ୍ଟନାୟକ ॥

ଭାରତର ସ୍ୱାଧୀନତା ସହିତ ବହୁ ପ୍ରସିଦ୍ଧ ଘଟଣାବଳୀ ମଧ୍ୟରୁ ୧୯୩୦ ମସିହା ଲବଣ ସତ୍ୟାଗ୍ରହ ସ୍ୱାଧୀନତା ସଂଗ୍ରାମ ଇତିହାସର ଏକ ସ୍ମରଣୀୟ ଘଟଣା। ଲୁଣର ଆବଶ୍ୟକତା ଦୃଷ୍ଟିରୁ ଅନେକ ସ୍ଥାନରେ ଚାଷ ସାଙ୍ଗକୁ ଚାଷୀଙ୍କର ଲୁଣମରା ଥିଲା ସେତେବେଳେ ସହଜାତ ବୃତ୍ତି। ତେଣୁ ଭାରତର ଅନେକ ଅଞ୍ଚଳର ଲୋକ ସମୁଦ୍ର ଜଳରୁ ଲୁଣ ଉତ୍ପାଦନ କରି ଜୀବିକା ନିର୍ବାହ କରୁଥିଲେ। ଏହା ମଧ୍ୟ ସେମାନଙ୍କର ବଂଶାନୁକ୍ରମିକ ବୃତ୍ତି ଥିଲା। କିନ୍ତୁ ବ୍ରିଟିଶ ସରକାର ଲୁଣ ମାରିବା ନିଷେଧ କରି ଅନ୍ୟାୟ ଭାବେ ଏହା ଉପରେ କର ବସାଇଲେ। ଯାହାଫଳରେ ସାଧାରଣ ଜନତାଙ୍କ ଉପରେ ଏହାର ବୋଝ ପଡିଲା। ଫଳରେ ୧୯୨୩ ମସିହାବେଳକୁ ଏହି କର ବଢି ଦୁଇଗୁଣା ହେଲା। ଲୋକମାନେ କର ଦେବାପାଇଁ ଅସମର୍ଥ ହେଲେ। ସେଥିପାଇଁ ସାମୂହିକ ସ୍ତରରେ ଅସନ୍ତୋଷ ବୃଦ୍ଧି ପାଇଲା। ତେଣୁ ୧୯୨୯ରେ ଲାହୋର ନଦୀ କୂଳରେ କଂଗ୍ରେସର ପୂର୍ଣ୍ଣ ସ୍ୱରାଜ ପ୍ରସ୍ତାବ ଗ୍ରହଣକୁ ଅନୁସରଣ କରି ଗାନ୍ଧିଜୀ ସାଧାରଣ ଲୋକମାନଙ୍କ ଦୁଃଖ ଲାଘବ କରିବା ଉଦ୍ଦେଶ୍ୟରେ ଇଂରେଜ ସରକାରର ଅନ୍ୟାୟ ଭାବେ ବସାଯାଇଥିବା କର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ପାଇଁ ୧୯୩୦ ମସିହା ମାର୍ଚ୍ଚ ୧୨ ତାରିଖ ସକାଳ ସାଢ଼େ ଛଅଟା ବେଳେ ଗୁଜୁରାଟର ବିଖ୍ୟାତ ସାବରମତୀ ଆଶ୍ରମଠାରୁ ୭୮ ଜଣ ସତ୍ୟାଗ୍ରହୀଙ୍କୁ ସାଙ୍ଗରେ ନେଇ ୨୫ ଦିନରେ ୨୪୧ ମାଇଲ୍ ପଥ ଦାଣ୍ଡି ଯାତ୍ରା କରିଥିଲେ। ସେହି ସମୟରେ ସାବରମତୀ ଆଶ୍ରମରେ ଥିବା ଓଡିଶାର ଅନ୍ୟତମ ସଂଗ୍ରାମୀ ଶ୍ରୀ ମୋତି ବାଗ୍ ଦାସ ଯୋଗ ଦେଇଥିଲେ। ଗାନ୍ଧିଜୀ ଆରବସାଗର ତଟରେ ଦାଣ୍ଡି ଅଭିମୁଖେ ଯାତ୍ରା କରି ୧୯୩୦ ମସିହା ଏପ୍ରିଲ ୬ ତାରିଖ ଭୋରୁ ଭୋରୁ ସ୍ନାନ ସାରି ପ୍ରଥମେ ମୁଠାଏ ଲୁଣ ସଂଗ୍ରହ କଲେ। ଏହିଠାରୁ ବିଧିବଦ୍ଧ ଭାବେ ଆଇନ୍ ଅମାନ୍ୟ କରି ଲବଣ ସତ୍ୟାଗ୍ରହର ଶୁଭାରମ୍ଭ କରାଗଲା। ଓଡିଶାବାସୀ ଗାନ୍ଧିଜୀଙ୍କ ଆହ୍ୱାନରେ ଅନୁପ୍ରାଣୀତ ହୋଇ ଇଞ୍ଚୁଡି, କୁଜଙ୍ଗ, ହୁମା ଓ ପୁରୀ ଜିଲ୍ଲାର ଅସ୍ତରଙ୍ଗ ନିକଟସ୍ଥ କୁହୁଡିଠାରେ ଲବଣ ସତ୍ୟାଗ୍ରହକୁ ସଫଳ କରାଇଥିଲେ। ପ୍ରାଦେଶିକ କଂଗ୍ରେସ କମିଟିର ନିଷ୍ପତ୍ତି ଅନୁଯାୟୀ ଅନେକ ନେତୃସ୍ଥାନୀୟ ବ୍ୟକ୍ତି ବିଭିନ୍ନ ସ୍ଥାନରେ ଆନ୍ଦୋଳନରେ ସାମିଲ ହୋଇଥିଲେ। ପୁରୀ ଜିଲ୍ଲାର କୁହୁଡିଠାରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ନେତୃତ୍ୱରେ ଲୁଣ ମରାଯାଇଥିଲା। ଲବଣ ସତ୍ୟାଗ୍ରହର ପୂର୍ବଦିନଠାରୁ ପୁରୀ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ସ୍ୱେଚ୍ଛାସେବକମାନେ ଆସି ପହଞ୍ଚିଥିଲେ। ସେମାନଙ୍କ ପାଇଁ ରହିବା ଓ ଖାଇବାର ବ୍ୟବସ୍ଥା ଓଳଙ୍ଗର ଗ୍ରାମରେ କରାଯାଇଥିଲା। ସେହି ଗ୍ରାମର ମୁଖ୍ୟ ବ୍ୟକ୍ତି ସ୍ୱର୍ଗତ ଭୂବନାନନ୍ଦ ସ୍ୱାଇଁ ସମସ୍ତଙ୍କର ରହିବା ଓ ଖାଇବା ଦାୟିତ୍ୱ ତୁଲାଇଥିଲେ। ପାଟଳଦା ଗ୍ରାମର ଅସ୍ତରଙ୍ଗର ଗାନ୍ଧୀ ନାମରେ ପରିଚିତ ପୂର୍ଣ୍ଣାନନ୍ଦ ସ୍ୱାଇଁ ସତ୍ୟାଗ୍ରହ ଆନ୍ଦୋଳନର ସମସ୍ତ ପରିଚାଳନା ଦାୟିତ୍ୱ ବହନ କରି ଗ୍ରାମେ ଗ୍ରାମେ ବୁଲି ପ୍ରଚାର ଚଳାଇଥିଲେ। ତାଙ୍କ ଉପରେ ପୁଲିସ୍‌ର କଡା ଦୃଷ୍ଟି ଥିବାରୁ ସେ କ୍ୟାମ୍ପରେ ନ ରହି ବିଳମ୍ବିତ ରାତ୍ରିରେ ଓଳଙ୍ଗର କ୍ୟାମ୍ପକୁ ଯାଇ ସମସ୍ତ ବିଷୟ ବୁଝୁଥିଲେ।

୧୯୩୦ ମସିହା ମଇ ମାସ ୨୧ ତାରିଖରେ ଲୁଣ ମରାଯିବା ପାଇଁ ପୂର୍ବରୁ ସ୍ଥିର ହୋଇଥିଲା। ପ୍ରଥମ ଦିନର ପ୍ରଥମ ସତ୍ୟାଗ୍ରହୀ ରୂପେ ଗଙ୍ଗା ନାରାୟଣପୁର ଗ୍ରାମର ମଧୁସୂଦନ ମିଶ୍ରଙ୍କ ନାମ ସ୍ଥିର ହେଲା। ଏହିଦିନ ସକାଳୁ ସକାଳୁ କୁହୁଡି ପଡିଆ ଲୋକାରଣ୍ୟ। ହଜାର ହଜାର ପୁରୁଷ ଓ ମହିଳାଙ୍କ ସମାବେଶ। ଏହି ଅହିଂସା ସଂଗ୍ରାମରେ ପ୍ରଥମ ଲକ୍ଷ୍ୟଭେଦ କରିବେ ଯୁବକ ମଧୁସୂଦନ ମିଶ୍ର। କେତେବେଳେ ମଧୁବାବୁ ଆସିବେ ଆଇନ୍ ଭାଙ୍ଗି ଲୁଣ ମାରିବେ ଦେଖିବାକୁ ଲୋକେ ଉତ୍କଣ୍ଠାରେ ଚାହିଁ ରହିଥାନ୍ତି। ଓଳଙ୍ଗର କ୍ୟାମ୍ପରୁ ତାଙ୍କୁ ହଜାର ହଜାର ଲୋକଙ୍କ ଗହଣରେ ଫୁଲମାଳ ପିନ୍ଧାଇ ଭାରତ ମାତା କି ଜୟ, ମଧୁବାବୁ କି ଜୟ ଧ୍ୱନୀରେ ସମ୍ବର୍ଦ୍ଧନା ଜଣାଇ ସତ୍ୟାଗ୍ରହ ସ୍ଥାନ କୁହୁଡି ପଡିଆକୁ ଅଣାଗଲା। କୁହୁଡି ଗ୍ରାମ ନିକଟରେ ଥିବା ଲୁଣାନଦୀରୁ ପାଣି ଆଣି ନିଆଁ ଜଳାଗଲା। ଏହା ପୂର୍ବରୁ ଶହ ଶହ ବନ୍ଧୁକ ଓ ଲାଠିଧାରୀ ପୋଲିସ ସେଠାରେ ଜଗି ରହିଥଲେ। ସମସ୍ତ ବାଧା ପ୍ରତିବନ୍ଧକକୁ ଖାତିର ନ କରି ମଧୁବାବୁ ଲୁଣ ମାରିବାକୁ ଆଗୁଆ ହେଉଥିବାବେଳେ ପୋଲିସ ଫୌଜ ତାଙ୍କୁ ଗିରଫ କରିଥିଲା। ଉପସ୍ଥିତ ଥିବା ଅନ୍ୟ ସତ୍ୟାଗ୍ରହୀମାନେ ଜଣକ ପରେ ଜଣେ ଲୁଣ ମାରିବାକୁ ଅଗ୍ରସର ହେଲାବେଳେ ପୋଲିସ ନିଷ୍ଠୁର ଭାବେ ଲାଠି ଚାଳନା କରିଥିଲେ। ଲାଠିମାଡରେ ପୁରୀର ଜଗନ୍ନାଥ ରଥଙ୍କ ବାହୁ ଖସି ପଡିଲା। ବୋଲଗଡ ଅଞ୍ଚଳରୁ ଆସିଥିବା ବାନାମ୍ବର ପରିଡା ନାମକ ଏକ ଯୁବକ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ବରଣ କରିଥିଲେ। ବହୁ ଲୋକ କ୍ଷତବିକ୍ଷତ ହେଲେ। ଏଥିରେ ମହିଳା ସ୍ୱେଚ୍ଛାସେବୀମାନଙ୍କ ଉପରେ ପୁଲିସ ଆକ୍ରମଣ ଚଳାଇବାରୁ ପାଟଳଦା ଗ୍ରାମର ରାଧି ନାମଙ୍କ ଜଣେ ମହିଳା ନିଜର ପିନ୍ଧା ପିତଳ ଖଡୁ ସାହାଯ୍ୟରେ ତାହାର ପ୍ରତିଜବାବ ଦେଇଥିଲେ। ସଂଗ୍ରାମ କ୍ଷେତ୍ରରୁ ପଣ୍ଡିତ ନୀଳକଣ୍ଠ ଦାସ, ପୂର୍ଣ୍ଣାନନ୍ଦ ସ୍ୱାଇଁ, ଭୁବନାନନ୍ଦ ସ୍ୱାଇଁ, ବାଳକୃଷ୍ଣ ସ୍ୱାଇଁ, ଜଗନ୍ନାଥ ରଥ, ପୁରୁଷୋତ୍ତମ ମୁଦୁଲି ଗିରଫ ହେଲେ। ପରବର୍ତ୍ତୀ ସମୟରେ କାକଟପୁର ଅଞ୍ଚଳର ଅନ୍ୟତମ କଂଗ୍ରେସ ନେତା ଗତିକୃଷ୍ଣ ସ୍ୱାଇଁ, ବାଲେଶ୍ୱରର ଇଞ୍ଚୁଡିରୁ ଆସି କୁହୁଡିଠାରେ ଆନ୍ଦୋଳନ ଚଳାଇ ଗିରଫ ହୋଇଥିଲେ। ଏହି ସମୟରେ ଅସ୍ତରଙ୍ଗର ସ୍ୱର୍ଗତ ସୋବନୀ ଛାଟୋଇ, ଶ୍ରୀନିବାସ ମହାରଣା, ଗୋପୀ ମୁଦୁଲି, ନଟରାର ଭଗବାନ ସ୍ୱାଇଁ, ଜଗନ୍ନାଥ ପରିଡା, ନୀଳକଣ୍ଠ ସ୍ୱାଇଁ, ଗୁଡୁବଣାଇର ରାଜୀବ ନାୟକ, କୁହୁଡିର ଭାଗବତ ନାୟକ, ଆଙ୍କୁଅର କଣ୍ଠ ମହାରଣା, ଅଠଡିରାର କାଙ୍ଗାଳୀ ଚରଣ ମହାନ୍ତି, ଡେରୁଣିଆର ଜୟରାମ ସେନାପତି ପ୍ରମୁଖ ଅଂଶ ଗ୍ରହଣ କରି ଗିରଫ ହୋଇଥିଲେ। କୁହୁଡି ପଡିଆ ସେଦିନ ଏକ ତୀର୍ଥଭୂମୀରେ ପରିଣତ ହୋଇଥିଲା। ଲୋକେ ସେହି ତୀର୍ଥଭୂମୀର ମାଟିକୁ ନେଇ ଶିରରେ ଲଗାଇ ନିଜକୁ ଧନ୍ୟ ମଣିଲେ। କିନ୍ତୁ ସେ ଦିନର ସ୍ମୃତି ହଜି ଯାଇଥିଲେ ମଧ ଚନ୍ଦ୍ର ସୂର୍ଯ୍ୟ ଥିବା ପର୍ଯ୍ୟନ୍ତ ଏହା ଚିରସ୍ମରଣୀୟ ହୋଇରହିବ। ସେହି ପ୍ରାତଃସ୍ମରଣୀୟ ପୂର୍ବସୁରୀ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଜାତିପ୍ରୀତି ସଦାସର୍ବଦା ଦେଶମାତୃକାର ସେବା ପାଇଁ ସମସ୍ତଙ୍କର ପ୍ରେରଣାର ଉତ୍ସ ହୋଇରହିଛି।

ସଂଗ୍ରାମୀମାନଙ୍କ ସ୍ମୃତିକୁ ଉଜ୍ଜିବୀତ କରି ରଖିବା ଓ ପୂଜ୍ୟପୂଜା ପାଇଁ କାକଟପୁର-ଅସ୍ତରଙ୍ଗ ଅଞ୍ଚଳର କେତେକ ସ୍ୱାଧୀନତା ସଂଗ୍ରାମୀ ଓ ଦେଶପ୍ରେମୀ ଯୁବକ ଉତ୍କଳ ସଂଗ୍ରାମୀ ସ୍ମୃତି କମିଟି ଗଠନ କରିଥିଲେ। ସ୍ୱର୍ଗତ ଅଭିମନ୍ୟୁ ମୁଦୁଲି, ଅର୍ଜୁନ ଦାସ, ବ୍ରହ୍ମାନନ୍ଦ କର ପ୍ରମୁଖ ଏହି କମିଟିର ପ୍ରତିଷ୍ଠାତା। ସେମାନଙ୍କ ଅବର୍ତ୍ତମାନରେ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ସାଂସଦ ସ୍ୱର୍ଗତ ଭବାନୀ ଚରଣ ପଟ୍ଟନାୟକଙ୍କ ଦିଗ୍‌ଦର୍ଶନ ଏହି ବୀରମାଟିର ସୁରକ୍ଷା ପାଇଁ ଶତତ ପ୍ରଚେଷ୍ଟା କରାଯାଇଅଛି। କିନ୍ତୁ ଉଡିଯାଇଛି କର୍ପୁର, ପଡିରହିଛି କନା। ଯେଉଁଠି ମୁଠାଏ ଲୁଣ ଗୋଟାଏ ପରାକ୍ରମଶାଳୀ ବ୍ରିଟିଶ୍ ସାମ୍ରାଜ୍ୟକୁ ଦୋହଲାଇ ଦେଇଥିଲା ସେହି ଅହିଂସା ସତ୍ୟାଗ୍ରହ ଆନ୍ଦୋଳନରେ ସାମିଲ ହୋଇଥିବା ଏହି ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀମାନଙ୍କ ଅବଦାନ ଆମ ଅଞ୍ଚଳବାସୀଙ୍କୁ ସଦାସର୍ବଦା ବୀରତ୍ୱ ମାର୍ଗରେ ଅନୁପ୍ରାଣିତ କରିଆସୁଅଛି। ପରବର୍ତ୍ତୀ ପର୍ଯ୍ୟାୟରେ ଏହି ସ୍ମାରକୀ ସଂଗ୍ରାମୀ ପୀଠର ପୁନରୁଦ୍ଧାର ଓ ପୂର୍ବ ଦାୟାଦମାନଙ୍କ ପାଇଁ ପ୍ରେରଣାର ବାର୍ତ୍ତା ବହନ ଦିଗରେ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତିର କର୍ମକର୍ତ୍ତା ମାନେ ସରକାରଙ୍କ ସହଯୋଗ କ୍ରମେ ବିଗତ କିଛି ବର୍ଷ ହେଲା ଏଠାରେ ମଇ ୨୧ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ ଆୟୋଜନ କରି ଆସୁଛନ୍ତି। ଦଳମତ ନିର୍ବିଶେଷରେ ଏହି ଅଞ୍ଚଳର ଜନପ୍ରତିନିଧି ଓ ସମାଜସେବୀମାନଙ୍କ ସମ୍ମିଳିତ ଉଦ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହାୟତା କ୍ରମେ ଏହି ପୀଠର ବିକାଶ ପାଇଁ ସବୁରି ସ୍ତରରେ ପ୍ରଚେଷ୍ଟା କରାଯିବା ଏକାନ୍ତ ଜରୁରୀ। ବିଶେଷ କରି ପ୍ରତି ବର୍ଷ ମେ ୨୧ ସ୍ମାରକୀ ଦିବସକୁ ସରକାରୀ ସ୍ତରରେ ପାଳନ କରାଯିବା ପାଇଁ ସୂଚନା ଓ ଲୋକସମ୍ପର୍କ ବିଭାଗର ବାର୍ଷିକ କ୍ୟାଲେଣ୍ଡର କାର୍ଯ୍ୟକ୍ରମରେ ସ୍ଥାନୀତ କରିବା, ମହାତ୍ମା ଗାନ୍ଧୀ ଓ ନୀଳକଣ୍ଠ ଦାସଙ୍କ ପ୍ରତିମୂର୍ତ୍ତୀ ସ୍ଥାପନ, ସ୍ମୃତି ପୀଠରେ ଦିବଂଗତ ସଂଗ୍ରାମୀମାନଙ୍କ ଏକ ସୁଦୃଶ ବୃହତ୍ତ ସ୍ମୃତିସ୍ତମ୍ଭ ନିର୍ମାଣ। ଏଠାରେ ଉଚ୍ଚକୋଟୀର ଆଲୋକ ବ୍ୟବସ୍ଥା କରିବା, ସ୍ମୃତି ପୀଠର ସୁପରିଚାଳନା ପାଇଁ ଏଠାରେ ଏକ କାର୍ଯ୍ୟାଳୟଗୃହ ନିର୍ମାଣ ଓ ଜଗୁଆଳି ନିଯୁକ୍ତି, ଅସ୍ତରଙ୍ଗ ସ୍ଥିତ ଲବଣ ସମବାୟ ସମିତିର ଜାଗାରେ ସ୍ୱତନ୍ତ୍ର ଲୁଣମରା ସ୍ମୃତି ମ୍ୟୁଜିୟମ ଓ ସ୍ୱାମିଜୀ ପୂର୍ଣ୍ଣାନନ୍ଦ ସ୍ୱାଇଁ ନାମରେ ଏଠାରେ ଏକ ଟାଉନ ହଲ୍, ପାଠାଗାର ପ୍ରତିଷ୍ଠା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଲବଣ ସତ୍ୟାଗ୍ରହୀ ସ୍ୱାମିଜୀ ପୂର୍ଣ୍ଣାନନ୍ଦ ସ୍ୱାଇଁ ବିଦ୍ୟାପୀଠକୁ ଏକ ସ୍ୱତନ୍ତ୍ର ବିଦ୍ୟାପୀଠ ରୂପେ ମାନ୍ୟତା ପ୍ରଦାନ, ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ କୁହୁଡ଼ି ସ୍ମୃତି ପୀଠକୁ ସରକାରୀ ଖାତାରେ ରେକର୍ଡଭୁକ୍ତ, ବିଦ୍ୟାଳୟ ଓ କଲେଜ ସ୍ତରରେ କୁହୁଡ଼ି ଲବଣ ସତ୍ୟାଗ୍ରହ ଇତିହାସକୁ ପାଠ୍ୟପୁସ୍ତକରେ ସ୍ଥାନୀତ, କୁହୁଡ଼ି ଲବଣ ସତ୍ୟାଗ୍ରହୀ ସ୍ମୃତି ପୀଠକୁ ସରକାରଙ୍କ ପକ୍ଷରୁ ଐତିହ୍ୟ ଓ ପର୍ଯ୍ୟଟନ କେନ୍ଦ୍ର ରୂପେ ମାନ୍ୟତା, ସ୍ମୃତିପୀଠର ସୁରକ୍ଷା ପାଇଁ ଚତୁଃପାର୍ଶ୍ୱରେ ପ୍ରାଚୀର ନିର୍ମାଣ, ଉଦ୍ୟାନ ବାଟିକା, ସ୍ଥାୟୀ ହାଇମାକ୍ସ ଲାଇଟ୍ ସ୍ଥାପନ, ସ୍ୱାଧୀନତା ସଂଗ୍ରାମୀ ଶୀତତାପ ନିୟନ୍ତ୍ରିତ ଅଡିଟୋରିୟମ ନିର୍ମାଣ, ଅସ୍ତରଙ୍ଗ ବଜାରଠାରୁ କୁହୁଡି ଗ୍ରାମ ଦେଇ କୁହୁଡି ସ୍କୁଲ ପର୍ଯ୍ୟନ୍ତ ରିଙ୍ଗ ରୋଡ ନିର୍ମାଣ, ଏହି ଅଞ୍ଚଳର ପୂର୍ବସୁରୀମାନଙ୍କ ଦାୟାଦମାନଙ୍କ ପାଇଁ ସ୍ୱତନ୍ତ୍ର ସମ୍ମାନ ବ୍ୟବସ୍ଥା କରାଯିବା ପାଇଁ ସ୍ମୃତି କମିଟି ତରଫରୁ ବିଭିନ୍ନ ସ୍ତରରେ ପ୍ରସ୍ତାବ ଉପସ୍ଥାପିତ କରାଯାଇଛି। ଆଜିର ଦିନରେ ଜାତୀୟ ସଂହତି ଓ ଏକତା ପ୍ରତିଷ୍ଠା ସହ ଏହି ଐତିହାସିକ ବୀରମାଟି କୁହୁଡ଼ି ପୀଠର ସାମଗ୍ରୀକ ବିକାଶ ପାଇଁ ସମସ୍ତେ ସଂକଳ୍ପ ନେଲେ ତାହା ହିଁ ହେବ ଦିବଂଗତ ସଂଗ୍ରାମୀମାନଙ୍କ ପାଇଁ ଆମ ସମସ୍ତଙ୍କର ଶ୍ରେଷ୍ଠ ସମ୍ମାନ।

ପୋ- ନମାରୋ, ଭାୟା- ଅସ୍ତରଙ୍ଗ, ଜି- ପୁରୀ
ଫୋନ- ୯୩୩୮୨୦୯୧୪୫

# ବୋତଲ ପାଣି କ'ଣ ଶତପ୍ରତିଶତ ଶୁଦ୍ଧ ?

॥ ଗୋପାଳ ମହାପାତ୍ର ॥

ଦେଶରେ ପାନୀୟ ଜଳର ଶୁଦ୍ଧତା ନାମରେ କୋଟି କୋଟି ଟଙ୍କାର ବ୍ୟବସାୟ ଚାଲିଛି। ଏ ବାବଦରେ କେହି ଅସନ୍ତୋଷ ପ୍ରକାଶ କରୁନାହାଁନ୍ତି କିମ୍ବା ଏହାକୁ ଅପରାଧ ବୋଲି ମଧ କହୁନାହାଁନ୍ତି । ଏହା ଆଶ୍ଚର୍ଯ୍ୟର ବିଷୟ ନିଶ୍ଚୟ । ଶୁଦ୍ଧ ପାନୀୟ ଜଳ (ବୋତଲରେ ବିକ୍ରି ହେଉଥିବା ପାଣି) ର ବ୍ୟବସାୟ କରୁଥିବା ଲୋକେ ଭୂତଳ ଜଳକୁ ଛାଣି ବା ଫିଲଟର କରି ବୋଲତ ଏବଂ ଜାର୍‌ରେ ଭର୍ତ୍ତି କରିଦେଉଛନ୍ତି । ଫିଲ୍‌ଟର କରାଯାଉଥିବା ଏହି ପାଣିକୁ ହାଲୁକା ନୀଳ ରଙ୍ଗ କରିବା ପାଇଁ ସେଥିରେ କେମିକାଲ୍ ମିଶାଯାଉଛି । ଦେଶରେ ବୋତଲରେ ଭର୍ତ୍ତି ହୋଇ ବିକ୍ରି ହେଉଥିବା ପାଣି ନାମରେ ମନମାନି ଚାଲିଛି । ହଜାରରୁ ଅଧିକ କମ୍ପାନୀ ଦେଶରେ ଏହି ପାଣିର ବେପାର ଚଳାଇଛନ୍ତି । ପାଉଚ (ଜରି ପ୍ୟାକେଟ୍)ରେ ପାଣି ମଧ ବିକ୍ରି କରାଯାଉଅଛି । ଏହି ପାଉଚ୍ ପାଣି କମ୍ପାନୀର ସଂଖ୍ୟା କେତେ ସେ ବାବଦରେ କୌଣସି ସୂଚନା ପ୍ରଶାସନ ବା ସରକାରଙ୍କ ପାଖରେ ନାହିଁ । କୀଟାଣୁନାଶକ ବା ଅନ୍ୟ ଅର୍ଥରେ ଶୁଦ୍ଧ ବୋଲି କହି ଏହି ବୋତଲ ପାଣିର ବିକ୍ରି ଚାଲିଛି । ବୋତଲ ବା ପାଉଚରେ ବିକ୍ରି ହେଉଥିବା ପାଣି ସ୍ୱାସ୍ଥ୍ୟପାଇଁ ହିତକର ବୋଲି କୁହାଯାଉଥିଲେ ମଧ ଅନେକ ଅଧ୍ୟୟନରୁ ଜଣାପଡିଛି ଯେ, ଶୁଦ୍ଧ ବୋଲି କୁହାଯାଇ ବିକ୍ରି କରାଯାଉଥିବା ବୋତଲ ପାଣିର ଶୁଦ୍ଧତାର ମାତ୍ରା କମ୍ ।

ଔଦ୍ୟୋଗିକ ବର୍ଜ୍ୟବସ୍ତୁ ନଦୀରେ ମିଶିବା କାରଣରୁ ନଦୀର ଜଳ ପ୍ରଦୂଷିତ ହୋଇଥାଏ ଏବଂ ଭୂତଳ ଜଳ ମଧ ପ୍ରଦୂଷିତ ହୋଇଥାଏ । ଏହାର ସମାଧାନ କରାଯିବା ପରିବର୍ତ୍ତେ ଏହାକୁ ନେଇ ବିଭିନ୍ନ ଗଣମାଧ୍ୟରେ ଖବର ପ୍ରସାରିତ ହେବା କାରଣରୁ ସାଧାରଣ ଲୋକଙ୍କର ସ୍ୱାସ୍ଥ୍ୟପ୍ରତି ଚିନ୍ତା ବଢୁଛି । ଏହାର ଫାଇଦା ଉଠାଇ ବୋତଲ ପାଣି ବିକ୍ରି କରୁଥିବା କମ୍ପାନୀମାନେ ବିଜ୍ଞାପନ ମାଧମରେ ସୁସ୍ଥ ରହିବା ପାଇଁ ବୋତଲ୍ ପାଣି ପିଇବାର ଆବଶ୍ୟକତା ରହିଛି ବୋଲି ପ୍ରବର୍ତ୍ତାଉଛନ୍ତି । ପ୍ରଚାର ଓ ବିଜ୍ଞାପନ କାରଣରୁ ସାଧନ ସମ୍ପର୍ଣ୍ଣ ବ୍ୟକ୍ତିମାନେ ଏହି ବୋତଲ ପାଣିର ବ୍ୟବହାର କରୁଛନ୍ତି। ମଧ୍ୟମବର୍ଗର ଲୋକମାନେ ମଧ ଏହାକୁ ଆପଣେଇ ନେଲେଣି । ଏଣୁ ପାଣି ପାଇଁ ପାଣି ଭଳି ଅର୍ଥ ବ୍ୟୟ କରୁଛନ୍ତି ଏ ଦେଶର ଜନସାଧାରଣ । କିନ୍ତୁ ନା ଜନସାଧାରଣ, ନା ସରକାର ନଦୀଜଳ / ଜଳଉତ୍ସ ସବୁକୁ ସଫା କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେଉନାହାନ୍ତି । କିନ୍ତୁ ଏହା ହେଲେ ସମସ୍ତଙ୍କୁ ଶୁଦ୍ଧ ପାନୀୟଜଳ ମିଳିପାରନ୍ତା । ନୈତିକ ଦାୟିତ୍ୱରୁ ସମସ୍ତେ ଦୂରେଇ ଯିବା କାରଣରୁ ଏହି ବୁନିଆଦି ଆବଶ୍ୟକତା ଏବେ ବଜାରବାଦ ହାତକୁ ଚାଲିଯାଇଛି । ନିଜେ ସରକାର ମଧ ରେଳ ନୀର, ୱାଟର ଏଟିଏମ୍ ଆଦି କରି ଏହି ବ୍ୟବସାୟକୁ ଓହ୍ଲାଇଛନ୍ତି । ଦେଶର ସମସ୍ତ ଜନତାଙ୍କୁ ଶୁଦ୍ଧ ପାନୀୟଜଳ ଯୋଗାଇଦେବା କଥା କହୁଥିବା ସରକାର ପାଣିର ବ୍ୟବସାୟ ମଧ କରୁଛନ୍ତି ।



ନ୍ୟାଚୁରାଲ୍ ରିସୋର୍ସେସ୍ ଡିଫେନ୍ସ କାଉନ୍‌ସିଲ୍‌ର ଅଧ୍ୟୟନରୁ ଜଣାପଡିଛି ଯେ ବୋତଲ ପାଣି ଓ ସାଧାରଣ ପାଣି ପ୍ରାୟତଃ ସମାନ । ମିନେରାଲ୍ ୱାଟର ନାମରେ ବିକ୍ରି ହେଉଥିବା ବୋତଲ ପାଣି ପାଇଁ ବ୍ୟବହୃତ ହେଉଥିବା ବୋତଲର ପ୍ରସ୍ତୁତି ବେଳେ ଏକ ବିଶେଷ ରସାୟନ ପେଥଲେଟସ୍ ର ବ୍ୟବହାର କରାଯାଏ । ଏହି ରସାୟନ ବୋତଲକୁ ମୁଲାୟମ ରଖିବାରେ ସାହାଯ୍ୟ କରିଥାଏ । ଏହି ରସାୟନ ସୌନ୍ଦର୍ଯ୍ୟ ପ୍ରସାଧନ ଏବଂ ଖେଳଣା ନିର୍ମାଣ ପାଇଁ ମଧ ବ୍ୟବହାର କରାଯାଇଥାଏ । ସାଧାରଣ ତାପମାତ୍ରାଠାରୁ ଅଧିକ ତାପମାତ୍ରାରେ ଏହି ରସାୟନ ପାଣିରେ ମିଶିଯାଏ ଓ ଆମ ଶରୀରକୁ ଗଲେ ଅନେକ ପ୍ରକାର ଦୁଃସ୍ୱଭାବ ଦେଖାଇଥାଏ । ଏଣ୍ଟିମନି ନାମକ ରସାୟନରୁ ପ୍ରସ୍ତୁତ ବୋତଲରେ ପାଣି ରଖାଗଲେ ପାଣି ଯେତିକି ପୁରୁଣା ହେବ ଏଣ୍ଟିମନିର ମାତ୍ରା ସେତିକି ବଢିବ । ଏଣୁ ଏହାର ବ୍ୟବହାର ଶରୀର ପାଇଁ କ୍ଷତିକାରକ । ଗୋଟିଏ କଥା ସତ୍ୟ ଯେ ମାଠିଆ ବା ସୁରେଇର ପାଣି ଠାରୁ ବୋତଲ ପାଣି ଉତ୍କୃଷ୍ଟ ନୁହେଁ । ବୋତଲ ପାଣିର ଆବଶ୍ୟକତା ଶୁଦ୍ଧତା ଏବଂ ସ୍ୱଚ୍ଛତା ପରିବର୍ତ୍ତେ ଫେସନ୍ ଏବଂ ଷ୍ଟାଟସ୍‌ର ସିମ୍ବଲରେ ପରିଣତ ହେବାରେ ଲାଗିଲାଣି। ବୋତଲ ପାଣିର ପ୍ରଥା କ୍ଷତିକାରକ । ପ୍ରତିଦିନ ଲକ୍ଷ ଲକ୍ଷ ବୋତଲ ବ୍ୟବହାର ପରେ ଫିଙ୍ଗି ଦିଆଯାଉଛି ଯାହା ପରିବେଶ ପାଇଁ ସଙ୍କଟ ସୃଷ୍ଟି କରୁଛି । କିନ୍ତୁ ଆମ ଦେଶର ସରକାର ଏ ଦିଗରେ ଆଖି ବୁଜିଦେଇଛନ୍ତି। ସେନ୍ ଫ୍ରାନ୍‌ସିସ୍କୋ ରେ ବୋତଲ ପାଣି ବିକ୍ରିକୁ ନିଷିଦ୍ଧ କରାଯାଇଛି । ସଲ୍ଟଲେକ୍ ସିଟିରେ ମଧ ଏହାର ବିକ୍ରି ନିଷିଦ୍ଧ । ପ୍ରକୃତ କଥା ହେଉଛି, ପ୍ରକୃତି ପ୍ରଦତ୍ତ ପାଣି ବା ଜଳ ଜୀବନ ପାଇଁ ଅତି ଆବଶ୍ୟକ । ଏହାର ବଜାରୀକରଣ ହେବା ଉଚିତ୍ ନୁହେଁ । ରେଳ ନୀର ବିକ୍ରି ପରିବର୍ତ୍ତେ ରେଳଷ୍ଟେସନ୍ ମାନଙ୍କରେ ଅଧିକ ସଂଖ୍ୟକ ଫିଲଟର ଲଗାଗଲେ ରେଳଯାତ୍ରୀ ଓ ସାଧାରଣ ଲୋକଙ୍କୁ ବିଶୁଦ୍ଧ ପାଣି ମିଳିପାରନ୍ତା । ବୋତଲ ପାଣିର ବିକ୍ରି ବନ୍ଦ କରାଗଲେ ପ୍ଲାଷ୍ଟିକ୍ ଆବର୍ଜନା ମଧ କମିଯାଆନ୍ତା । କେନ୍ଦ୍ର ଓ ରାଜ୍ୟସରକାରମାନେ ଚାହିଁଲେ ଲୋକଙ୍କୁ ବିଶୁଦ୍ଧ ପାଣି ଯୋଗାଇ ପାରନ୍ତେ । ବିସଙ୍ଗତି ହେଉଛି ଲୋକେ ବୋତଲ ପାଣି କିଣିବା ପୂର୍ବରୁ ତାହାର ଶୁଦ୍ଧତା ବାବଦରେ ଜାଣିବାକୁ ଚାହୁଁନାହାଁନ୍ତି । ଖାଦ୍ୟ ପଦାର୍ଥର ମୂଲ୍ୟବୃଦ୍ଧିକୁ ନେଇ ଅନେକବେଳେ ଆନ୍ଦୋଳନ ହେଉଛି । କିନ୍ତୁ ବୋତଲ ପାଣିର ଶୁଦ୍ଧତା ଏବଂ ମୂଲ୍ୟକୁ ନେଇ ଆନ୍ଦୋଳନ ହେଉନି କାହିଁକି ? ପ୍ରକୃତରେ କ'ଣ ବୋତଲ ପାଣି ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ? ଏହା କ'ଣ ଶତପ୍ରତିଷତ ଶୁଦ୍ଧ ?

ରାମଚନ୍ଦ୍ରପୁର, ରଣପୁର,
ମୋ-୯୪୩୮୪୮୫୦୯୪

# ବାଲ୍ୟକାଳୁ ଧନ ଧର୍ମ ମୁଁ ସଞ୍ଚିବି...

॥ ପଙ୍କଜ କୁମାର ପାଣିଗ୍ରାହୀ ॥

ପୁନର୍ବାର ସେହି ଧନରାଶିକୁ ନିବେଶକ ଅନ୍ୟ ଏକ ଦିଗରେ ନିବେଶ କରିବା ଛଡା କୌଣସି ପ୍ରକାରେ ନିଜର ବ୍ୟବହାର ଉପଯୋଗୀ ଖର୍ଚ୍ଚ ନକରି ପୁନର୍ବାର ସେହି ନିବେଶ ଧାନକୁ କୌଣସି ପ୍ରକାରେ ଉପଭୋଗ ନକରି ଜୀବନ ଶେଷ କରୁଥିବା ଉଦାହରଣ ୯୦ ପ୍ରତିଶତରୁ ଅଧିକ ଦେଖିବାକୁ ମିଳିବ ଉପଯୁକ୍ତ ଅନୁଧ୍ୟାନ କଲେ । ସାଧାରଣ ମଣିଷ ଗୁଡିକ ବ୍ୟାପକ ପରିଶ୍ରମ କରି ହେଉ କିମ୍ବା ଅନୈତିକ ଉପାୟରେ ଅର୍ଜିତ ଧନର ନିଜକୁ ପ୍ରୟୋଜନ ନଥାଇ କେବଳ ସେହି ଚତୁର ବ୍ୟବସାୟୀଙ୍କୁ ପୋଷିବା ଛଡା କୌଣସି ମୂଲ୍ୟଯୁକ୍ତ ଅନୁଭବ କରିନଥାନ୍ତି । ତେଣୁ ଚତୁର ସେମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଲୋକଙ୍କୁ ଏହି ବାର୍ତ୍ତା ପ୍ରଦାନ କରିଥାନ୍ତି ଯେ ଧନ ସଂଚୟ କଲେ ଭବିଷ୍ୟ ଉଜ୍ଜଳ ହେବ ଯାହା ଏକ ଅଲୌକିକ ବିଚାର ମଧ୍ୟରେ ଅସମାହିତ ଭାବେ ସମ୍ପୂର୍ଣ୍ଣ କରି ଶରୀର ତ୍ୟାଗ କରିଥାନ୍ତି ନିବେଶକ ସାଧାରଣ ମଣିଷ । ସେସବୁ ଏକ ସାମାଜିକ କୁହେଳିକା ବ୍ୟତୀତ ପ୍ରକୃତ ଧନ ଉପଭୋଗର କୌଣସି ନିଦର୍ଶନ ରଖିନଥାଏ ସାଧାରଣ ଲୋକଙ୍କ କ୍ଷେତ୍ରରେ ।

ଅନୁରୂପ ଧର୍ମ ବୋଲି କହି ଯେଉଁ ଜଡ଼ବସ୍ତୁ ଗୁଡିକୁ ବିଭିନ୍ନ ପୂଜାର୍ଚ୍ଚନା କରାଯାଇଥାଏ ତାହା ଏକ ପିଲାଳିଆମୀ ଛଡା ଆଉ କିଛି ନୁହେଁ ! କାରଣ ଜୀବନ ବିହୀନ ଅଦୃଶ୍ୟ, ଅସ୍ପୃଶ୍ୟ କୌଣସି ଜଡ଼ ବସ୍ତୁଟିଏ ସମ୍ମୁଖରେ କେତେ ମୁଣ୍ଡ ପିଟି ପ୍ରାର୍ଥନା କଲେ ମଧ ଫଳ ପ୍ରାପ୍ତିର କୌଣସି ନିଦର୍ଶନ ରହିନଥାଏ ଯାହା ପ୍ରାକୃତିକ ନିୟମ ସାପେକ୍ଷ । କିନ୍ତୁ ସାଧାରଣ ଲୋକଙ୍କୁ ବିଭିନ୍ନ ଭୟାବହ ସନ୍ଦେଶ ଦେଇ ଚତୁର ଧର୍ମ ପ୍ରଚାରକ ଏବଂ ସେମାନଙ୍କ ସହଯୋଗୀ ମାନେ ପୂଜା ଆରାଧନା ନାମରେ ବ୍ୟାପକ ଧନ ଆହରଣ କରୁଥିବା ବେଳେ ସେମାନଙ୍କୁ ନିଜର ବଶୀଭୂତ କରି ରଖିବା ଉଦ୍ଦେଶ୍ୟରେ ଏହିଭଳି ଅଯୌକ୍ତିକ, ଅମାନବୀୟ ପ୍ରେରଣା ଦେଇଥାନ୍ତି ଯାହା ସାଧାରଣ ନିର୍ବୋଧ କିଛି ନବୁଝି କେବଳ ଭୟରେ ସେଗୁଡିକୁ ଗ୍ରହଣ କରି ଚାଲିଥିବା ଆମ ସମାଜର ବିଭୀଷିକା ଅତ୍ୟନ୍ତ ମର୍ମସ୍ପର୍ଶୀ । ନିର୍ଦ୍ଦିଷ୍ଟ ଭାବେ ଦେଖିବାକୁ ଗଲେ ଭାରତୀୟ ସନାତନ ଧର୍ମ ଏକ ବୈଜ୍ଞାନିକ ଚେତନାଶୀଳ ଶାସ୍ତ୍ର ଯେଉଁଥିରେ କୌଣସି ମୂର୍ତ୍ତି ପୂଜା କିମ୍ବା ଭଗବାନଙ୍କ ଉପସ୍ଥିତି ବିଷୟରେ ବର୍ଣ୍ଣିତ ହୋଇନାହିଁ ! ସନାତନ ଧର୍ମ କେବଳ ମଣିଷକୁ ମଣିଷ ଭଳି ଗଢି ତୋଳିବାର ପ୍ରୟାସ କରି ଏକ ମାନବୀୟ ସତ୍ୟ ଆଧାରିତ ପ୍ରେରଣା ଦେଇଛି ଯାହା ସାଧାରଣ ଲୋକଙ୍କୁ ଆଦୌ ଗୋଚର ନାହିଁ ! କାରଣ ଚତୁର ବ୍ୟପାରୀ ଧର୍ମ ଗୁରୁ, ପ୍ରଚାରକ ସେଗୁଡିକୁ କଦର୍ଥ କରି ତାହାର ବିପରୀତରେ ବିଭିନ୍ନ ମିଥ୍ୟା ସନ୍ଦେଶ ଦେଇ ଲୁଣ୍ଠନ କରିବାରେ ବ୍ୟସ୍ତ ଆଜିର ବିଭୀଷିକାର ଅନ୍ତ ନାହିଁ । ସେମାନଙ୍କ ସେହି ଅବୈଜ୍ଞାନିକ, ଅସତ୍ୟ ବାଚଳ ପ୍ରେରଣାରେ ଅଭିଷିକ୍ତ ହୋଇ ସାଧାରଣ ନିର୍ବୋଧ ଜୀବନର ଅନେକ କିଛି ନଷ୍ଟ କରିବା ସହିତ ସାରା ଜୀବନ ସମାନଙ୍କ ଭୃତ୍ୟ ହୋଇ ଜୀବନ ଶେଷ କରୁଥିବା ଦୃଶ୍ୟ ଅତ୍ୟନ୍ତ ଦୁଖଦଃ ମର୍ମସ୍ପର୍ଶୀ ହୋଇଥାଏ ଆମ ଦେଶ କାହିଁକି ବରଂ ପ୍ରାୟତଃ ସବୁ ଧର୍ମ ସମ୍ପ୍ରଦାୟ ସବୁ ରାଷ୍ଟ୍ରରେ ବିଶ୍ୱ ବ୍ୟାପି !

ତେଣୁ ସାଧାରଣ ମଣିଷ ମାନେ ଏହି ପିଲାଳିଆମୀ, ବାଚଳାମି ପରିତ୍ୟାଗ କରି ସତ୍ୟର ପଥ ଉନ୍ମୋଚନ, ଅନୁସରଣ କରିବା ନଶିଖିଲେ ଏମିତି ସବୁ କଥାର ବିପରୀତମୁଖୀ ପ୍ରେରଣା ଗୁଡିକୁ ନେଇ ଜୀବନ ସାରା ପ୍ରତାରଣାର ଶିକାର ହୋଇ ନିଜ ଜୀବନକୁ ବିଭ୍ରାନ୍ତିକର, ଦୁଃଖଦ ପରିବେଶ ମଧ୍ୟରେ ରଖି ଜୀବନ ଶେଷ କରିବାକୁ ପଡୁଥିବ ପିଢ଼ିକୁ ପିଢ଼ି । ସବୁ ବର୍ଗର ସାଧାରଣ ମଣିଷ ମାନେ କ୍ଷୁଦ୍ର ରାସ୍ତାରେ ଅଧିକ ଲାଭ ପାଇବା ଆଶା ଛାଡି ପ୍ରକୃତ ବାସ୍ତବ ପଥରେ ଅତିକ୍ରମ କରିବା ଶିକ୍ଷା ନକରିବା ପର୍ଯ୍ୟନ୍ତ ଏହି ଦୁଃସ୍ମୃତ କେଳେଙ୍କାରୀ ଅଜ୍ଞାନ ଚତୁର ଗୋଷ୍ଠୀ ସମାଜକୁ ଏମିତି ଲୁଟୁଥିବେ ଏବଂ ସାଧାରଣ ଲୋକେ ସେମାନଙ୍କ ପ୍ରତାରଣାର ଶିକାର ହୋଇ ଚାଲିଥିବେ ବୋଲି ଆମ ବିଚାରରେ ଆପଣଙ୍କ ଅନୁଭୂତି ବ୍ୟକ୍ତ କରିବେ ବୋଲି ଅନୁରୋଧ ପୂର୍ବକ ରହିଲି...

ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ-୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭.



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଯୁବକମାନେ ସମାଜ ସୁଧାର ଦିଗରେ ଦୁଇପାଦ ଆଗରେ



ବାଲିଚନ୍ଦ୍ରପୁର, (ମହାଭାରତ) : ବଡଚଣା ବ୍ଲକ ଅଣକା ଗ୍ରାମ ପଞ୍ଚାୟତର ଯୁବକ ମାନେ ଏବେ ସମାଜ ସୁଧାର ଦିଗରେ ଦୁଇ ପାଦ ଆଗକୁ ଯାଇ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ନିଜକୁ ସ୍ୱେଚ୍ଛାକୃତ ଭାବେ ନିୟୋଜିତ କରି ବିଭିନ୍ନ ମହଲରୁ ପ୍ରଶଂସା ସାଉଁଟିଛନ୍ତି । ସେମାନେ ସାମାଜିକ ଗଣମାଧ୍ୟମ ରେ ପ୍ରଚାର, ପ୍ରସାର କୁ ଗୁରୁତ୍ୱ ଦେବା ବଦଳରେ ବାସ୍ତବିକ୍ ଢଙ୍ଗରେ କେତେବେଳେ ଅସହାୟ ଲୋକଙ୍କୁ ସାହାଯ୍ୟ, ସହଯୋଗ କରିବା, କେତେବେଳେ ଦୁର୍ଘଟଣା ଘଟିଥିବା ଗୋମାତାଙ୍କ ସେବା ଓ ଚିକିତ୍ସା କରିବା ଭଳି ଅନେକ ପ୍ରଶଂସନୀୟ କାର୍ଯ୍ୟ କରି ଅଞ୍ଚଳର ଉନ୍ନତି ପାଇଁ ଚେଷ୍ଟା କରୁଛନ୍ତି । ଅଣକା ଗ୍ରାମ ପଞ୍ଚାୟତର ଅନେକ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱ ବିଭିନ୍ନ ପ୍ରକାର ଘାସ ଓ ଅନ୍ୟାନ୍ୟ ଅନାବନା ଗଛ,ଲତା ମାଡି ରାସ୍ତା ଦୃଶ୍ୟମାନ ହେଉନଥିବା ବେଳେ ବିଭାଗୀୟ ଅଧିକାରୀ ମାନଙ୍କୁ ଜଣାଇବା ସତ୍ତ୍ୱେ ସୁଧାର ନଆସିବାରୁ ପାୱାର ଅଫ ୟୁଥ୍ ନାମକ ଏକ ଛୋଟିଆ ସଂଗଠନ ପ୍ରଥମ ପର୍ଯ୍ୟାୟରେ ଭାକୁଡ ଠାରୁ ରାହାଳ, ଭୁଲୁକା-ଗଡଜିତ ରାସ୍ତା ର ଉଭୟ ପାର୍ଶ୍ୱକୁ ସଫା କରିବା ସହିତ ବିଭିନ୍ନ ସ୍ଥାନରେ ପାଣି ଜମି ରହିଥିବା ଜାଗାକୁ ସଫା କରିଛନ୍ତି ଏବଂ ଆଗାମୀ ଦିନରେ ପଞ୍ଚାୟତ ର ସମସ୍ତ ରାସ୍ତା, ବିଦ୍ୟାଳୟ ପରିସର, ମନ୍ଦିର, ଡାକ୍ତରଖାନା ର ପରିବେଶ କୁ ସଫା ସୁତୁରା ରଖିବା ର ଆବେଗ ପ୍ରକାଶ କରିଛନ୍ତି । ଯୁବକ ମାନଙ୍କର ଏଭଳି ମହତ୍ କାର୍ଯ୍ୟ ଓ ଉଦ୍ଦେଶ୍ୟ କୁ ସମସ୍ତ ଅଞ୍ଚଳବାସୀ ଭୁରି ଭୁରି ପ୍ରଶଂସା କରିଛନ୍ତି ।

## କଂଗ୍ରେସର ବରିଷ୍ଠ କର୍ମୀ ଗିରିଧାରୀ ସ୍ୱାଇଁ ଙ୍କ ଦେହାନ୍ତ

ପାରାଦୀପ, (ମହାଭାରତ) : ପାରାଦୀପ ଅଞ୍ଚଳର ବେସ୍ ଜଣାଶୁଣା ଓ ଲୋକ ପ୍ରିୟତା ହାସଲ କରିଥିବା କଂଗ୍ରେସର ଟାଣୁଆ କର୍ମୀ ଗିରିଧାରୀ ସ୍ୱାଇଁ (୭୬) ଙ୍କ ଏକ ଘରୋଇ ହସ୍ପିଟାଲ ରେ ଚିକିତ୍ସାଧୀନ ଅବସ୍ଥାରେ ଗତ ଅଗଷ୍ଟ ୪ ତାରିଖ ମଙ୍ଗଳବାର ରାତ୍ର ୧୦ଘଟିକା ସମୟରେ ଦେହାନ୍ତ ହୋଇଯାଇଛି । ତାଙ୍କ ମୃତ୍ୟୁ ଖବରରେ ବନ୍ଦର ନଗରୀ ପାରାଦୀପରେ ଶୋକର ଛାୟା ଖେଳି ଯାଇଥିଲା । ମାତ୍ର କୋଡିଏ ବର୍ଷ ବୟସରେ ପାରାଦୀପ ରେ ପାଦ ଥାପି ଥିବା ସ୍ୱର୍ଗତଃ ସ୍ୱାଇଁ ଜୀବନ ସଂଗ୍ରାମରେ ଅନେକ ଘାତ ପ୍ରତିଘାତ କୁ ସାମ୍ନା କରି ସଫଳ ଠିକାଦାର ଭାବେ ବେସ୍ ନାଁ କମେଇଥିଲେ । ସେତେବେଳର କଂଗ୍ରେସର ଟାଣୁଆ ନେତା



ରମେଶ ଚନ୍ଦ୍ର ସାମନ୍ତରାୟ ଙ୍କ ପରାମର୍ଶଦାତା ଭାବେ କାର୍ଯ୍ୟ କରି କଂଗ୍ରସ ଦଳର ସଂଗଠନକୁ ଉଠାଇବାରେ ତାଙ୍କର ଦକ୍ଷତାକୁ ଆଜି ବି କଂଗ୍ରସ ପ୍ରେମୀ ମାନେ ଝୁରୁଛନ୍ତି । ଶରୀର ଅସୁସ୍ଥ କାରଣରୁ ଏକ ଘରୋଉ ହସ୍ପିଟାଲ ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା । ତାଙ୍କ ଦେହାନ୍ତ ଖବର ପାଇ ହସ୍ପିଟାଲ ରେ ପାରାଦୀପ ନଗର କଂଗ୍ରେସ ସଭାପତି କେଦାର ନାଥ ବିଶ୍ୱାଳ, କଂଗ୍ରେସ ଜିଲ୍ଲା ସମ୍ପାଦକ ସରୋଜ ପ୍ରଧାନ, ପ୍ରଶାନ୍ତ ମହାପାତ୍ର, ହରିହର ନାୟକ ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିବାସହ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ସ୍ୱର୍ଗତ ଗିରିଧାରୀ ସ୍ୱାଇଁ ଙ୍କ ଏକ ମାତ୍ର ପୁତ୍ର ନିହାର ରଞ୍ଜନ ସ୍ୱାଇଁ ମୁଖାଗ୍ନି ଦେଇଥିଲେ । ଜିଲ୍ଲା କଂଗ୍ରେସ ସଭାପତି ଦେବପ୍ରଶାଦ ନାୟକ, ପାରାଦୀପ ନିର୍ବାଚନ ମଣ୍ଡଳୀର କଂଗ୍ରେସ ପାର୍ଥି ନିରଞ୍ଜନ ନାୟକଙ୍କ ସମେତ ଯୁବ ନେତା ଜ୍ୟୋତିରଞ୍ଜନ ଦାସ, ଚନ୍ଦ୍ର ଶେଖର ମହାପାତ୍ର, ପଦ୍ମଶମ୍ଭୁ ମହାନ୍ତି (କାଳିଆ ), ମେଘା,ବିଜୟ ସେଠୀ, ନାରୀନେତ୍ରୀ ଧରିତ୍ରୀ ସାମଲ, ପୁଷ୍ପା ଦାସଙ୍କ ସମେତ ବହୁ କଂଗ୍ରସ କର୍ମୀ, ଶୁଭେଚ୍ଛୁ ଆତ୍ମୀୟ ସ୍ୱଜନ ଓ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିବାସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ତାଙ୍କ ବିୟୋଗରେ ପାରାଦୀପ ନଗର କଂଗ୍ରସରେ ଅପୂରଣୀୟ କ୍ଷତି ହେଲା ବୋଲି ଜିଲ୍ଲା କଂଗ୍ରେସ ସଭାପତି ଦେବପ୍ରସାଦ ନାୟକ କହିଥିବା ବେଳେ ଦଳ ଜଣେ ଟାଣୁଆ କର୍ମୀକୁ ହରାଇଲା ବୋଲି କହିଛନ୍ତି ପାରାଦୀପ ନିର୍ବାଚନ ମଣ୍ଡଳୀର କଂଗ୍ରେସ ପାର୍ଥି ନିରଞ୍ଜନ ନାୟକ ।

## ସାର କଳାବଜାରୀ କରି ସସପେଣ୍ଡ ହେଲେ କୃଷି ସମବାୟ ସମିତିର ସମ୍ପାଦକ

ପରଜଙ୍ଗ, (ମହାଭାରତ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଅନ୍ତର୍ଗତ ମୁକ୍ତାପଶି ପ୍ରାଥମିକ କୃଷି ସମବାୟ ସମିତିରେ ସାର କଳାବଜାରୀ ଅଭିଯୋଗ ଘଟଣାରେ ସମବାୟ ସମିତିର ସମ୍ପାଦକ ନିରାକାର ବିଶ୍ୱାଳଙ୍କୁ ସସପେଣ୍ଡ କରାଯାଇଛି । ଅଭିଯୋଗ ଅନୁଯାୟୀ, ସେ ଚାଷୀମାନଙ୍କ ଠାରୁ ନିଜ ବ୍ୟକ୍ତିଗତ ଫୋନପେ ଆକାଉଣ୍ଟ ମାଧ୍ୟମରେ ଟଙ୍କା ଗ୍ରହଣ କରି ଉଇଚ ସାରର ଏକ ପ୍ୟାକେଟକୁ ସରକାରୀ ନିର୍ଦ୍ଧାରିତ ମୂଲ୍ୟ ୧,୩୫୦ ଟଙ୍କା ପରିବର୍ତ୍ତେ ୨,୧୫୦ ଟଙ୍କାରେ ବିକ୍ରୟ କରୁଥିଲେ । ଏହାକୁ ନେଇ ଚାଷୀମାନେ ଅଭିଯୋଗ କରିବା ପରେ ବିଭାଗୀୟ ଅଧିକାରୀମାନେ ଘଟଣାର ତଦନ୍ତ କରିଥିଲେ । ତଦନ୍ତରେ ଅଭିଯୋଗର ସତ୍ୟତା ମିଳିବା ପରେ ବିଭାଗ ପକ୍ଷରୁ ସମ୍ପାଦକ ନିରାକାର ବିଶ୍ୱାଳଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ ନିଲମ୍ବନ କରାଯାଇଛି । ଏହି ଘଟଣା ପରେ ଅଞ୍ଚଳର ଚାଷୀମାନଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଥିବାବେଳେ, ସାର ବିତରଣ ବ୍ୟବସ୍ଥାରେ ସ୍ୱଚ୍ଛତା ଓ କଡ଼ା ନଜରଦାରି ପାଇଁ ଦାବି ଜୋର ଧରିଛି ।

## ବ୍ଲକ୍ ସ୍ତରୀୟ 'ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଜୁନାଗଡ଼, (ମହାଭାରତ): ଜୁନାଗଡ଼ ବ୍ଲକ୍ ଅନ୍ତର୍ଗତ ସ୍ଥାନୀୟ ବ୍ଲକ୍ ପରିସରରେ ୨୦୨୬-୨୭ ବର୍ଷର ପ୍ରଥମ ପର୍ଯ୍ୟାୟ 'ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର' ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ଶ୍ରୀମତୀ ସବିତା ମେହେର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜୁନାଗଡ଼ ବିଡିଓ ଶ୍ରୀ ଦେବାଶିଷ କର, ବ୍ଲକ୍ ଉପାଧ୍ୟକ୍ଷ ଶ୍ରୀ ପ୍ରମୋଦ କୁମାର ବେହେରା ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ (ଡିଏସଡ଼) ଶ୍ରୀ ଦିନେଶ କୁମାର କହରା ଉପସ୍ଥିତ ରହି ଭିନ୍ନକ୍ଷମମାନଙ୍କ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ଓ ସହାୟତା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ସାମର୍ଥ୍ୟ ଶିବିରରେ ଭିନ୍ନକ୍ଷମମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିହ୍ନଟ ପ୍ରକ୍ରିୟା ପାଇଁ ଏକ ବିଶେଷଜ୍ଞ ଡାକ୍ତରୀ ଦଳ ଉପସ୍ଥିତ ଥିଲେ । ଏଥିରେ ଡା. ସୁନୀଲ କୁମାର ପାଢ଼ୀ, ଡା. ଚେତୁରାମ ମେହେର, ଡା. ନିବେଦିତା ମହାରଣା ଏବଂ ଡା. ସନତ ଶତପଥୀ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମମାନଙ୍କର ଶାରୀରିକ ସମସ୍ୟାର ଯାଞ୍ଚ କରିବା ସହ ଆବଶ୍ୟକୀୟ ଡାକ୍ତରୀ ପରାମର୍ଶ ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଶିବିରରେ ମୋଟ ୨୩୧ ଜଣ ଭିନ୍ନକ୍ଷମ ହିତାଧିକାରୀ ନିଜର ନାମ ପଞ୍ଜୀକରଣ କରିଥିଲେ । ସେମାନଙ୍କ ମଧ୍ୟରୁ ଯୋଗ୍ୟ ହିତାଧିକାରୀଙ୍କୁ ବିଭିନ୍ନ ସହାୟକ ସାମଗ୍ରୀ ବଣ୍ଟନ ଓ ସୁପାରିଶ କରାଯାଇଥିଲା ।

# ପ୍ରାଥମିକ ଉପସ୍ୱାସ୍ଥ୍ୟ କେନ୍ଦ୍ରରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରୂପରେଖା କେବେ

ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲାର ରାଇଘର ଏକ ଗୁରୁତ୍ୱପୂର୍ଣ୍ଣ ବ୍ଲକ ମୁଖ୍ୟାଳୟ । ଏଠାରେ ବ୍ଲକ କାର୍ଯ୍ୟାଳୟ ତହସିଲ କାର୍ଯ୍ୟାଳୟ ସମେତ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ରହିଥିବା ବେଳେ ପ୍ରତିଦିନ ୨୬ଟି ପଞ୍ଚାୟତରୁ ହଜାର ହଜାର ଲୋକ ବିଭିନ୍ନ କାମରେ ଏଠାକୁ ଆସିଥାନ୍ତି । କିନ୍ତୁ ଏତେ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ କେନ୍ଦ୍ର ହୋଇଥିଲେ ମଧ୍ୟ ରାଇଘରରେ ଏପର୍ଯ୍ୟନ୍ତ କେବଳ ଏକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି । ଏହାକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉନ୍ନୀତ କରିବା ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ସେହି ଦାବି ପୂରଣ ହୋଇନାହିଁ ବୋଲି ସ୍ଥାନୀୟ ଲୋକ କହୁଛନ୍ତି ।ସ୍ଥାନୀୟଙ୍କ ଅଭିଯୋଗ ଅନୁସାରେ, ଅନେକ ରୋଗୀଙ୍କୁ ଉନ୍ନତ ଚିକିତ୍ସା ପାଇଁ ଅନ୍ୟ ହସ୍ପିଟାଲକୁ ରେଫର କରାଯାଉଛି । ଫଳରେ




ରୋଗୀ ଓ ସେମାନଙ୍କ ପରିବାରକୁ ଅଧିକ ଖର୍ଚ୍ଚ ବହନ କରିବାକୁ ପଡୁଛି । ବିଶେଷକରି ଗରିବ ଓ ଅସହାୟ ପରିବାର ପାଇଁ ଏହା ବଡ଼ ସମସ୍ୟା ପାଲଟିଛି ।କିଛି ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ରହିଛି ଯେ ଜରୁରୀ ପରିସ୍ଥିତିରେ ସବୁବେଳେ ତୁରନ୍ତ ଡାକ୍ତର ଉପଲବ୍ଧ ହେଉନାହାନ୍ତି । କେତେକ କ୍ଷେତ୍ରରେ ଡାକ୍ତରଙ୍କୁ କ୍ୱାର୍ଟରରୁ ଡାକି ଆଣିବାକୁ ପଡୁଥିବା କଥା ମଧ୍ୟ ସେମାନେ କହିଛନ୍ତି । ଅଞ୍ଚଳବାସୀଙ୍କ ମତରେ ଯଦି ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉନ୍ନୀତ କରାଯାଏ ତେବେ ଉନ୍ନତ ଚିକିତ୍ସା ସେବା ଅଧିକ ସଂଖ୍ୟାରେ ଡାକ୍ତର ବିଶେଷଜ୍ଞ ଚିକିତ୍ସକ ନର୍ସ ସ୍ୱାସ୍ଥ୍ୟକର୍ମୀ ଶଯ୍ୟା ଏବଂ ଆଧୁନିକ ଚିକିତ୍ସା ଉପକରଣ ଉପଲବ୍ଧ ହୋଇପାରିବ । ଏହା ଦ୍ୱାରା ବାହାର ହସ୍ପିଟାଲ ଉପରେ ନିର୍ଭରଶୀଳତା ମଧ୍ୟ କମିବ ।ସ୍ଥାନୀୟ ଲୋକଙ୍କ ଦାବି ହେଉଛି ସରକାର ରାଇଘରର ଜନସଂଖ୍ୟା ଭୌଗୋଳିକ ପରିସ୍ଥିତି ଓ ସ୍ୱାସ୍ଥ୍ୟସେବାର ଆବଶ୍ୟକତାକୁ ବିଚାରକୁ ନେଇ ଶୀଘ୍ର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉନ୍ନୀତ କରିବା ସହ ଆବଶ୍ୟକ ଜନବଳ ଓ ଭିତ୍ତିଭୂମି ସୁବିଧା ଯୋଗାଇ ଦିଅନ୍ତୁ ।

## କୁକୁର ଆକ୍ରମଣ ଭୟରେ ବାଇକରୁ ଖସି ପଡ଼ି ଆଶାକର୍ମୀ ମୃତ

କରଞ୍ଜିଆ, (ମହାଭାରତ) ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକରେ ଏକ ହୃଦୟବିଦାରକ ଘଟଣା ଘଟିଛି । କେଶଡ଼ିହା ଗ୍ରାମପଞ୍ଚାୟତ ଅନ୍ତର୍ଗତ କଦଳୀବାଡ଼ି ସାହିର ଆଶାକର୍ମୀ ମିନି ସୟ (୪୪) କୁକୁର ପଲଙ୍କ ଆକ୍ରମଣ ଭୟରେ ଚଳନ୍ତା ବାଇକରୁ ଖସି ପଡ଼ି ଗୁରୁତର ଆହତ ହୋଇଥିଲେ । ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବାରୁ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ମିନି ସୟ ତାଙ୍କ ପୁତୁରାଙ୍କ ସହ ବାଇକ ଯୋଗେ ଠାକୁରମୁଣ୍ଡା ବଜାରକୁ ଆସିଥିଲେ । ସନ୍ଧ୍ୟା ପ୍ରାୟ ୫ଟା ସମୟରେ କାମ ସାରି ସେ ବାଇକର ପଛପଟେ ବସି ଘରକୁ ଫେରୁଥିବା ବେଳେ ବଜାର ନିକଟରେ ଏକ କୁକୁର ପଲ ହଠାତ୍ ବାଇକ ପଛରେ ଦୌଡ଼ି ଆସି ଆକ୍ରମଣ କରିଥିଲେ । ସେଥିମଧ୍ୟରୁ ଗୋଟିଏ କୁକୁର ମିନି ସୟ ପିନ୍ଧିଥିବା ଶାଢ଼ୀକୁ କାମୁଡ଼ି ଟାଣି ଧରିଥିଲା । ଏହାଦ୍ୱାରା ସେ ଭୟଭୀତ ହୋଇ ସନ୍ତୁଳନ ହରାଇ ଚଳନ୍ତା ବାଇକରୁ ତଳକୁ ଖସି ପଡ଼ିଥିଲେ ।

# ସିରିଜ ଚୋରିରେ ଥରହର ଉମରକୋଟ: ଏସ୍‌ଡିପିଓଙ୍କୁ ଭେଟି ଅସନ୍ତୋଷ ଝାଡ଼ିଲେ ମହିଳା, କଡ଼ା ପାଟ୍ରୋଲିଂର ପ୍ରତିଶ୍ରୁତି

ଉମରକୋଟ, (ମହାଭାରତ) : ଉମରକୋଟ ସହର ଓ ଏହାର ଆଖପାଖ ଅଞ୍ଚଳରେ ଲଗାତାର ସିରିଜ ଚୋରି ଘଟଣାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ବଢ଼ିବାରେ ଲାଗିଛି । ଗତ ଚାରି ଦିନ ମଧ୍ୟରେ ପାଞ୍ଚଟି ପୃଥକ ସ୍ଥାନରେ ଚୋରି ଘଟିଥିଲେ ମଧ୍ୟ ପୁଲିସ ଏପର୍ଯ୍ୟନ୍ତ ଜଣେ ହେଲେ ବି ଅଭିଯୁକ୍ତଙ୍କୁ ଗିରଫ କରିପାରି ନଥିବାରୁ ଗୁରୁବାର କିଛି ମହିଳା ଓ ସ୍ଥାନୀୟ ବ୍ୟକ୍ତି ଉମରକୋଟ ଉପଖଣ୍ଡ ପୁଲିସ ଅଧିକାରୀ (ଏସ୍‌ଡିପିଓ)ଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅସନ୍ତୋଷ ପ୍ରକାଶ କରିଥିଲେ । ପ୍ରତିନିଧି ଦଳର ଅଭିଯୋଗ ଅନୁଯାୟୀ, ଦିନକୁ ଦିନ ଚୋରି ଘଟଣା ବଢୁଥିବା ବେଳେ ସହରବାସୀଙ୍କ ମଧ୍ୟରେ ଅସୁରକ୍ଷିତ ଭାବନା ସୃଷ୍ଟି ହୋଇଛି । ସନ୍ଧ୍ୟା ପରେ ବାହାରକୁ ବାହାରିବାକୁ ଲୋକେ ଭୟ କରୁଥିବା ବେଳେ ନିଜ ଧନସମ୍ପତ୍ତି ଓ ଜୀବନର ସୁରକ୍ଷାକୁ ନେଇ ସବୁବେଳେ ଚିନ୍ତାରେ ରହୁଛନ୍ତି । ଚୋରି ଘଟଣା



ପରେ ପୁଲିସ ତଦନ୍ତ କରୁଥିଲେ ମଧ୍ୟ ଅପରାଧୀଙ୍କୁ ଧରିବାରେ ବିଫଳ ହେଉଥିବାରୁ ଚୋରମାନଙ୍କ ମନୋବଳ ବଢୁଛି ବୋଲି ସ୍ଥାନୀୟ ଯୁବକମାନେ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ଉମରକୋଟ ଏସ୍‌ଡିପିଓ ଶୁଭେନ୍ଦୁ ଶବର କହିଛନ୍ତି ଯେ, ସିରିଜ ଚୋରି ଘଟଣାର ଖୁଲାସା ପାଇଁ ଦୁଇଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି । ଅଭିଯୁକ୍ତଙ୍କୁ ଚିହ୍ନଟ ଓ ଗିରଫ କରିବା ପାଇଁ ତଦନ୍ତ ଜୋରଦାର କରାଯାଇଛି । ଏହାସହ ସହରରେ ଆଜିଠାରୁ ଦୁଇ ସେକ୍ସନ ପୁଲିସ ଫୋର୍ସ ମୁତୟନ କରାଯାଇ କଡ଼ା ପାଟ୍ରୋଲିଂ ଓ ଯାଞ୍ଚ ଅଭିଯାନ ଚାଲିବ ବୋଲି ସେ ସୂଚନା ଦେଇଛନ୍ତି । ତେବେ ଲଗାତାର ଚୋରି ଘଟଣା ସତ୍ତ୍ୱେ ଅଭିଯୁକ୍ତମାନେ ପୁଲିସ ପଞ୍ଝାରୁ ଦୂରରେ ରହିଥିବାରୁ ଗୁଇନ୍ଦା ବ୍ୟବସ୍ଥାର କାର୍ଯ୍ୟଦକ୍ଷତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି । କିଛି ବୁଦ୍ଧିଜୀବୀଙ୍କ ମତରେ, ଅପରାଧୀଙ୍କୁ ଧରିବାରେ ଗୁଇନ୍ଦା ତନ୍ତ୍ର ଆଶାନୁରୂପ ସଫଳ ହୋଇପାରୁ ନଥିବାରୁ ସହରବାସୀଙ୍କ ମଧ୍ୟରେ ପୁଲିସ ପ୍ରତି ଆସ୍ଥା କମିବାରେ ଲାଗିଛି । ତେଣୁ ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରି ସହରରେ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ସାଧାରଣ ଲୋକ ଦାବି କରିଛନ୍ତି ।

## ବ୍ରାଉନ ସୁଗାର ଜବତ, ଦୁଇ କୋର୍ଟ ଚାଲାଣ

ପାରାଦ୍ୱୀପ, (ମହାଭାରତ) : ବନ୍ଦର ନଗରୀ ପାରାଦ୍ୱୀପରେ ବୃଦ୍ଧି ପାଇବାରେ ଲାଗିଛି ବ୍ରାଉନ ସୁଗାର ବ୍ୟବସାୟ । ବିଭିନ୍ନ ବସ୍ତି ଅଞ୍ଚଳରେ ଖୁଚୁରା ବିକ୍ରୟ ଏଜେଣ୍ଟ ସୃଷ୍ଟି କରାଯାଇ ଯୁବ ପିଢ଼ୀକୁ ଟାର୍ଗେଟ କରାଯାଉଛି । ବିଭିନ୍ନ ସମୟରେ ପୋଲିସ କିଛି ଯୁବକଙ୍କୁ ଗିରଫ କରୁଥିବା ବେଳେ ଏହି ସିଣ୍ଡିକେଟ ର ମୂଳ ନିକଟରେ ପହଞ୍ଚିବାରେ ବିଫଳ ହେଉଛି । ପାରାଦ୍ୱୀପର ସବୁଠାରୁ ବଡ଼ ବସ୍ତି ଅଞ୍ଚଳ ଷଣ୍ଢକୁଦରୁ ଜଟାଧାର ସାମୁଦ୍ରିକ ଥାନା ପକ୍ଷରୁ ଦୁଇଜଣ ଯୁବକଙ୍କୁ ଗିରଫ କରାଯିବା ସହିତ ୧୩ ଗ୍ରାମର ବ୍ରାଉନ ସୁଗାର ଜବତ କରାଯାଇଛି । ଉକ୍ତ ଯୁବକ ଦୁଇଜଣ ହେଲେ ନିରଞ୍ଜନ ମଣ୍ଡଳ ଓ ସମ୍ଭୁ ମଣ୍ଡଳ,




ଏମାନେ ଷଣ୍ଢକୁଦ ଅଟୋ ଷ୍ଟାଣ୍ଡ ନିକଟରେ ବ୍ରାଉନ ସୁଗାର ବିକ୍ରି କରିବା ପାଇଁ ଆସିଥିବା ଆଇଆଇସି କଲ୍ୟାଣୀ ଷେଣ୍ଢେ ସୂଚନା ପାଇଥିଲେ । ସଙ୍ଗେ ସଙ୍ଗେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଉଭୟ ଯୁବକଙ୍କୁ ଗିରଫ କରାଯିବା ସହିତ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି । ଉଭୟ ଯୁବକଙ୍କ ଘର ଷଣ୍ଢକୁଦ ୧୯ ନମ୍ବର ୱାର୍ଡ ବଙ୍ଗାଳୀପଡା ବୋଲି ଆଇଆଇସି ପ୍ରକାଶ କରିଛନ୍ତି ।

## ଆରପାରିରେ ସି ଆର ପି ଏଫ ଯବାନ

ବାଲିଚନ୍ଦ୍ରପୁର, (ମହାଭାରତ) : ବଡ଼ଚଣା ବ୍ଲକ ଅନ୍ତର୍ଗତ ନଳିପୁର ଗ୍ରାମର ସି ଆର ପି ଏଫ ଯବାନ ଅକ୍ଷୟ କୁମାର ନାୟକ (୫୧) ଙ୍କର ଅକାଳ ବିୟୋଗ ଘଟିଛି । ସ୍ୱର୍ଗତ ଅକ୍ଷୟ ନିକଟ ଅତୀତରେ ମଣିପୁର ରୁ ସ୍ଥାନାନ୍ତରିତ ହୋଇ ନୂଆପଡା ଜିଲ୍ଲା ର ସି ଆର ପି ଏଫ କ୍ୟାମ୍ପରେ ଯୋଗ ଦେଇଥିଲେ । ତିନି ଦିନ ତଳେ କାର୍ଯ୍ୟରତ ଥାଇ ଏକ ଛୋଟ ଦୁର୍ଘଟଣା ର ଶିକାର ହୋଇ ଭୁବନେଶ୍ୱର ସ୍ଥିତ ସମ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ଆଜି ସକାଳ ୮. ୩୦ ମିନିଟ ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ହୃଦ ଚିକିତ୍ସା ରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସା ଧୀନ ଅବସ୍ଥାରେ ଡାକ୍ତର ମନେ ତାଙ୍କୁ ମୃତ ଘୋଷିତ କରିଥିଲେ । ସନ୍ଧ୍ୟାରେ ତାଙ୍କର ମର ଶରୀରକୁ ତାଙ୍କର ପୈତୃକ ଗ୍ରାମ ନଳିପୁର ଅଣାଯାଇ ଗ୍ରାମ ସ୍ମଶାନ ରେ ଶେଷ କୃତ୍ୟ ସମ୍ପନ କରାଯାଇ ଥିଲା । ତାଙ୍କ ମର ଶରୀର କୁ ଲଳିତଗିରି ଠାରୁ ଏକ ବିରାଟ ପଟୁଆରରେ ଅଣାଯିବ ସମୟରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ।

## ନୂତନ ଗୃହ ପ୍ରବେଶ ସହିତ ନୂଆ ନିୟମ !

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ନିର୍ମିତ ନୂତନ ମାତୃ ଓ ଶିଶୁ ସେବା ଗୃହର ଉଦଘାଟନ ପରେ ଦୀର୍ଘଦିନ ଧରି ଏହାର ମୁଖ୍ୟ ଫାଟକ ବନ୍ଦ ରହିଥିଲା । ଏହି ପ୍ରସଙ୍ଗ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବୁଧବାର ଗୃହ ପ୍ରବେଶ ନିମନ୍ତେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏହା ପରେ ଗୁରୁବାରଠାରୁ ନୂତନ ଗୃହରେ ସେବା କାର୍ଯ୍ୟକାରୀ ହୋଇଥିବା ଦେଖିବାକୁ ମିଳିଛି ।ତେବେ ଗୃହ ପ୍ରବେଶ ପରେ ଏକ ନୂତନ ନିୟମ ଲାଗୁ ହୋଇଥିବା ନେଇ ଚର୍ଚ୍ଚା ଜୋର ଧରିଛି । ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଫାଟକରେ ରୋଗୀ ଓ ସେମାନଙ୍କ ସହଯୋଗୀମାନଙ୍କୁ ଚପଲ ଓ ଜୋତା ବାହାରେ ରଖି ଭିତରକୁ ପ୍ରବେଶ କରିବାକୁ କୁହାଯାଉଥିବା ଅଭିଯୋଗ ହେଉଛି । ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।ସାଧାରଣତଃ ଅପରେସନ ଥିଏଟର (ଓଟି), ଏସଏନସିୟୁ ଏବଂ ଆୟୁଷ ବିଭାଗରେ ଖାଲି ପାଦରେ ପ୍ରବେଶ କରିବାର ବ୍ୟବସ୍ଥା ରହିଥାଏ । କିନ୍ତୁ ସାଧାରଣ ରୋଗୀମାନେ ଡାକ୍ତରଙ୍କୁ ଦେଖା କରିବା ପାଇଁ ଖାଲି ପାଦରେ ଯିବାକୁ ପଡୁଥିବା ନେଇ ସ୍ଥାନୀୟ ମହଲ ରେ ପ୍ରଶ୍ନ ଉଠିଛି । ଏହି ନିୟମ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ ଅନୁଯାୟୀ କିମ୍ବା ସ୍ଥାନୀୟ ସ୍ତରରେ ଲାଗୁ କରାଯାଇଛି, ସେନେଇ ସ୍ୱଷ୍ଟତା ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି ।

# ଲୋକଙ୍କ ସ୍ୱାସ୍ଥ୍ୟ ଗତ ସମସ୍ୟା ନେଇ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଧାମନଗରରେ ସମୀକ୍ଷା

ଧାମନଗର, (ମହାଭାରତ) : ଧାମନଗର ଅଞ୍ଚଳର ବନ୍ୟାରେ ଲୋକଙ୍କ ସ୍ୱାସ୍ଥ୍ୟ ଜନିତ ସମସ୍ୟା ନେଇ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲୀଙ୍ଗ ଗୁରୁବାର ମଧ୍ୟାହ୍ନରେ ଧାମନଗର ଗସ୍ତ କରିଥିଲେ । ପ୍ରଥମେ ଧାମନଗର ଏନ୍ ଏ ସି ୧୦ ନଂ ୱାର୍ଡ ଗସ୍ତ ସମୟରେ ବିଭିନ୍ନ ଲୋକ ଙ୍କୁ ସିଧାସଳଖ ସ୍ୱାସ୍ଥ୍ୟ ଜନିତ ସମସ୍ୟା ତଥା ଅନ୍ୟାନ୍ୟ ସମ୍ପର୍କରେ ବୁଝିଥିଲେ ।ପରେ ଉକ୍ତ ୱାର୍ଡ ରେ ଥିବା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କେନ୍ଦ୍ର କୁ ପରିଦର୍ଶନ ଅବସରରେ ବନ୍ୟା ସମୟରେ ରୋଗୀଙ୍କୁ କିଭଳି ଭାବେ ସେବା ଯୋଗାଇ ଦିଆଯାଉଥିଲା ଉପସ୍ଥିତ ଥିବା ସ୍ୱାସ୍ଥ୍ୟ କର୍ମୀଙ୍କ ପଚାରି ବୁଝିଥିଲେ । ପରେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସଭାଗୃହରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା ।



ବନ୍ୟା ପରବର୍ତ୍ତୀ ସମୟରେ ଲୋକଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଜନିତ ବିଭିନ୍ନ ସମସ୍ୟା ଦେଖାଯାଇଥାଏ ।ବିଶେଷ କରି ଡାଇରିଆ ମେଲେରିଆ ଇତ୍ୟାଦି ରୋଗ ବ୍ୟାପିବାର ସମ୍ଭାବନା ଥାଏ । ବନ୍ୟା ସମୟରେ ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଧାମନଗର ରେ ରହି ଯେଉଁଭଳି ଭାବେ ନିଜ ଜୀବନକୁ ବାଜି ଲଗାଇ ବନ୍ୟା ପ୍ରଭାବିତ ଲୋକଙ୍କ ଉଦ୍ଧାର କରିବା ସହ ଲୋକଙ୍କ ସେବା ପ୍ରଦାନ କରିଥିଲେ ତାହା ଯେତେ ପ୍ରଶଂସା କଲେ ବି କମ ହେବ ।ଏଥିପାଇଁ ମନ୍ତ୍ରୀ ଙ୍କୁ କୃତଜ୍ଞତା ଜଣାଇଥିଲେ । ବନ୍ୟା ପରେ ଡାଇରିଆ ମେଲେରିଆ କିମ୍ବା ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଜନିତ ସମସ୍ୟା ସେନେଇ ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ।ବିଶେଷ କରି ଡାଇରିଆ ନ ବ୍ୟାପିବା ନେଇ ଆଣ୍ଟି ଡାଇରିଆ ଟାବଲେଟ ଓ ହାଲୋଜେନ୍ ଟାବଲେଟ ମହଜୁଦ ରଖିବା ସହ ସ୍ୱଚ୍ଛ ପିଇବା ପାଣି ନେଇ ବନ୍ୟା ପ୍ରଭାବିତ ଅଞ୍ଚଳରେ ଥିବା ଟିଓ୍ୱେଲ ଗୁଡ଼ିକ ଜୀବାଣୁ ମୁକ୍ତ କରାଯିବ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବନ୍ୟା ସମୟରେ ସି ଏଚ ସି ରୁ ପି ଏଚ ସି ପର୍ଯ୍ୟନ୍ତ ସାପ କାମୁଡ଼ା ଇଞ୍ଜେକ୍ସନ ମହଜୁଦ ରଖାଯାଇଥିଲା ଏବଂ ସେ ସମୟରେ ଯେଉଁ ସବୁ ସମସ୍ୟା ଆସୁଥିଲା ତୁରନ୍ତ ପଦକ୍ଷେପ ନିଆଯାଇଥିଲା । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏକ ସର୍ବପୁରାତନ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଏହାର ନବୀକରଣ ନେଇ ନୂତନ ଡାକ୍ତର ଖାନା ଘର ନିର୍ମାଣ ନେଇ ରାଜ୍ୟ ସରକାର ଙ୍କ ପକ୍ଷରୁ ଆର୍ଥିକ ବେୟ ବରାଦ କରାଯାଇ କାର୍ଯ୍ୟ ଆରମ୍ଭ ହୋଇସାରିଛି । ଏହା ସରିବା ପରେ ସମସ୍ତ ସମସ୍ୟା ଦୂରୀକରଣ ହେବ ବୋଲି ମନ୍ତ୍ରୀ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ , ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ ପ୍ରହରାଜ, ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ ମୁଖ୍ୟ ଅଧିକାରୀ ମନ ମୟହ ସାମନ୍ତ ସିଂହାର, ମନ୍ତ୍ରୀ ଙ୍କ ବ୍ଲକ ପ୍ରତିନିଧି ଆଶୋକ ପୁହାଣ , ଏପ ପି ଙ୍କ ବ୍ଲକ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ , ମନ୍ତ୍ରୀ ଙ୍କ ନଗର ପ୍ରତିନିଧି କୈଳାଶ ମହାପାତ୍ର , ଏମ ପି ଙ୍କ ନଗର ପ୍ରତିନିଧି ସରୋଜ ମହାପାତ୍ର, ବରିଷ୍ଠ ଭାଜପା ନେତା ଅରବିନ୍ଦ ପତି ପ୍ରମୁଖ ଉପସ୍ଥିତ ଥିଲେ ।

## ବିବାହ ପ୍ରତିଶୃତି ଦେଇ ପ୍ରତାରଣା ଅଭିଯୋଗରେ ଯୁବକ ଗିରଫ

**ଆସିକା(ମହାଭାରତ):**
ଆସିକା ଥାନା ଓ ଆସିକା ମୁନସିପାଲଟି ଅଧୀନ ସୁନାମ୍ଧ ସାହିର ଜଣେ ମହିଳାଙ୍କୁ ଉକ୍ତ ସାହିର ନୃସିଂହ ଚରଣ ପଟ୍ଟନାୟକ ନାମକ ଜଣେ ଯୁବକ ଦୁଷ୍କର୍ମ କରିଥିବା ଘଟଣା ମହିଳା ଜଣକ ଆସିକା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି ଅଭିଯୋଗ କୁ ଭିତ୍ତି କରି ଆସିକା ପୋଲିସ କେସ ନମ୍ବର ୪୧୫/୨୬ ରେ ମାମଲା ରୁଜୁ କରି ଅଭିଯୁକ୍ତର ଡାକ୍ତରୀ ମାଇନା ପରେ ଆସିକା କୋର୍ଟରେ ହାଜର କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ଜେଲକୁ ପଠାଇଛି । ପ୍ରକାଶ ଥାଉକି ଆସିକା ମୁନସିପାଲଟି ଅଧୀନ ସୁନାମ୍ଧ ସାହିର ଜଣେ ସ୍ଵାମୀ ପରିତ୍ୟକ୍ତା ମହିଳା ରୁହନ୍ତି ମହିଳା ଜଣକ ଏକାକୀ ରହୁଥିବା ସମୟରେ ଉକ୍ତ ସାହିର ସ୍ଵର୍ଗତ ପ୍ରସନ୍ନ ପଟ୍ଟନାୟକ ଙ୍କ ପୁଅ ନୃସିଂହ ଚରଣ ପଟ୍ଟନାୟକ (୩୩) ସହିତ ପ୍ରେମ ସମ୍ପର୍କ ଗଢି ଉଠେ ବାବାହର ପ୍ରତିଶୃତି ଦେଇ ନୃସିଂହ ଉକ୍ତ ମହିଳା ଙ୍କ ଅନିଚ୍ଛା ସତ୍ୱେ ଦୀର୍ଘ ବର୍ଷ ଅନୈତିକ ସମ୍ପର୍କ ରଖି ଗର୍ଭପାତ ମଧ୍ୟ କରାଇଥିଲେ। ପରେ ମହିଳା ଜଣଙ୍କ ବିବାହ କରିବା ପାଇଁ ନୃସିଂହ କୁ କହିବାରୁ ନୃସିଂହ ମନା କରିଦେଇଥିଲା।ମହିଳା ଜଣଙ୍କ ଆସିକା ଥାନାରେ ଦ୍ୱାରସ୍ତ ହୋଇଏହି ଘଟଣା ବିଷୟରେ ଲିଖିତ ଅଭିଯୋଗ କରିବା ପରେ ଆସିକା ପୋଲିସ ଉକ୍ତ ଯୁବକଙ୍କୁ ଗିରଫ କରି ଉଭୟ ଙ୍କ ଡାକ୍‌ତରୀ ମଇନା ପରେ କୋର୍ଟ ଚାଲାଣ କରିଥିବା ଆସିକା ଥାନା ଅଧିକାରୀ ସୁଧୀର କୁମାର ସାହୁ ସୂଚନା ପ୍ରଦାନ କରିଛନ୍ତି।

## ସମ୍ବାଦ ସାହିତ୍ୟ ଘର ପକ୍ଷରୁ ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

**ଲାଞ୍ଜିଗଡ଼,(ମହାଭାରତ):**
କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ ଆଜି ଲାଞ୍ଜିଗଡ 'ସମ୍ବାଦ' ସାହିତ୍ୟ ଘର ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ପଞ୍ଚାୟତରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ଲାଖବାହାଲିଠାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ପ୍ରଥମେ ସ୍କୁଲ ପରିସରରେ ବିଭିନ୍ନ କିଶମର ୪୫ ଗୋଟି ଗଛ ଓ ଛାତ୍ରଛାତ୍ରୀମାନଙ୍କ ଘର ବାରି ପରିସରରେ ୧୧୩ ଗୋଟି ସର୍ ମୋଟ ୧୫୮ ଗୋଟି ବିଭିନ୍ନ କିଶମର ଗଛ ଲଗା ଯାଇଥିଲା।ଏହି କାର୍ଯ୍ୟକ୍ରମରେ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶଙ୍କର କିଲାକା,ବନ ବିଭାଗ ପକ୍ଷରୁ ବନରକ୍ଷୀ ଜୋତି ରଞ୍ଜନ ଜେନା, ଗୌତମ ହରିଜନ, ଅଭିମନ୍ୟୁ ବାଗ ଉପସ୍ଥିତ ଥିବା ବେଳେ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଉବେଦ ଲିମା,ପି. ଯାଦବ ରାଓ,ମଙ୍ଗଳ ପ୍ରଧାନ, ଲକ୍ଷ୍ମୀଧର ନାଏକ,ସରୋଜ କୁମାର ଗିରି,ବିଶିକେଶନ ମାଝୀ,ଚି□ରଞ୍ଜନ ମାଝୀ,କୁନିଲତା ବେହେରା,ଝିଲି ପ୍ରଧାନ ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ସେହିପରି ବେନଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ହଷ୍ଟେଲ ପରିସରରେ ୬୩ ଗୋଟି ବିଭିନ୍ନ କିଶମର ଗଛ ଲଗାଯାଇଥିଲା।ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ନାଗ, ଖେଳ ଶିକ୍ଷକ ହେମନ୍ତ କୁମାର ସାହୁ,ସହ ଶିକ୍ଷକ ଲକ୍ଷପତି ଶବର,ବିଷ୍ଣୁ ମିନିୟାକା,ଅନନ୍ତ ସାନାଲୁ,ବିବେକ କୁମାର ବେହେରା,ଶ୍ରଦ୍ଧାଞ୍ଜଳି ସାହୁ ଓ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ସେହିପରି ଲାଖବାହାଲି, ବିଜେପୁର ଓ ବେନଗାଁ ପଞ୍ଚାୟତରରେ ଥିବା ସାମ୍ବାଦିକ ସମୂହ ଓ ଲାଞ୍ଜିଗଡ ସମ୍ବାଦ ସାହିତ୍ୟ ଘର ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସମ୍ବଲପୁର ବିଜେପି କୃଷକ ମୋର୍ଚ୍ଚାର ଜିଲ୍ଲା ଟିମର ନାମ ଘୋଷଣା

**ସମ୍ବଲପୁର,(ମହାଭରତ):**
ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶୁଭ୍ରାଂଶୁ ପାଢ଼ୀ ଓ ସମ୍ବଲପୁର ବିଜେପି ଜିଲ୍ଲା ସଭାପତି ରାମ ଚନ୍ଦ୍ର ମେହେର ଙ୍କ ଅନୁମୋଦନ କ୍ରମେ ସମ୍ବଲପୁର ବିଜେପି କୃଷକ ମୋର୍ଚ୍ଚା ସଭାପତି ମିତ୍ରଭାନୁ ପ୍ରଧାନ ଆଜି ତାଙ୍କର ଜିଲ୍ଲା ଟିମର ସମସ୍ତ ପଦବୀ ର ପଦାଧିକାରୀ ଙ୍କ ନାମ ଘୋଷଣା କରିଛନ୍ତ। ପ୍ରଦତ୍ତ ପ୍ରେସ ବିଜ୍ଞପ୍ତି ଅନୁସାରେ ଜିଲ୍ଲା ଉପସଭାପତି ଭାବରେ ସୁଜୟ ପାଣିଗ୍ରାହୀ, ଶ୍ରୀକାନ୍ତ ପଟେଲ, ଯମୁନା ମହାକୁଡ଼, ସନ୍ତୋଷ କୁମାର ଧଳ ଓ ମନୋରଞ୍ଜନ ନାୟକ ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ଜିଲ୍ଲା ସାଧାରଣ ସମ୍ପାଦକ ଭାବରେ ଦୁଷ୍ମନ୍ତ ବିଶ୍ୱାଳ ଓ ସୁବୋଧ ପଟେଲ ଙ୍କୁ ଦାୟିତ୍ୱ ଦିଆଯାଇଛି । ମୋର୍ଚ୍ଚା ର ଜିଲ୍ଲା ସମ୍ପାଦକ ଭାବରେ ସ୍ୱର୍ଣ୍ଣଲତା ପ୍ରଧାନ, ଅରୁଣ ପ୍ରଧାନ, ନିଶା ତ୍ରିପାଠୀ, ଆର୍ତ୍ତତ୍ରଣ ପଣ୍ଡା ଓ ନିର୍ମଳ ବଢ଼େଇ ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ନିଳାମ୍ବର ସାହୁ ଙ୍କୁ ଜିଲ୍ଲା କୋଷଧକ୍ଷ ଦାୟିତ୍ୱ ଦିଆଯାଇଛି ।ସେହିପରି କୃଷକ ମୋର୍ଚ୍ଚା ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଭାବେ ରମେଶ ରାଏ, ସୁରଜ ସେନାପତି, ରଞ୍ଜିତା ମାଝୀ, ସୁମନ୍ତ ପଟେଲ, ସଞ୍ଜୟ କୁମାର ପ୍ରଧାନ, ଶ୍ରବଣ କୁମାର ସାହୁ, ସୁଦୀପ୍ତ ପଟେଲ, ନୁଆସ ବାଘ୍, କବିତା ସେଠ, ଅର୍ଜୁନ ସାହୁ, ଅଶୋକ ନାଥ, ରାମକୃଷ୍ଣ ଦାସ, ଅମୂଲ୍ୟ ପ୍ରଧାନ, ସୁରେଶ ଛନ୍ଦ, ବେବିନା କଠାର, ରାଧେଶ୍ୟାମ ପ୍ରଧାନ, ସୁରଜ ସେନାପତି, ବାବୁଲାଲ ସାହୁ, ଭିକ୍ଷୁ ଦମୋଦର ପଟେଲ, ସୁଦୀପ୍ତ ପଟେଲ, କହ୍ନେଇ ଚରଣ ନାୟକ, ନବୀନ ପଲେଇ, ଅଭିଷେକ ପ୍ରଧାନ ଓ ସଞ୍ଜୀବ ପ୍ରଧାନ ଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଜିଲ୍ଲା ସଂଗଠନକୁ ଅଧିକ ସୁଦୃଢ଼ କରିବା, ସାଙ୍ଗଠନିକ କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ଏବଂ କୃଷକମାନଙ୍କୁ ସଂଗଠନ ସହ ଯୋଡ଼ିବା ଲକ୍ଷ୍ୟରେ ଏହି ନୂତନ କାର୍ଯ୍ୟକାରିଣୀ ଗଠନ କରାଯାଇଛି । ନୂତନ ପଦାଧିକାରୀମାନେ ସଂଗଠନର ନୀତି, ଆଦର୍ଶ ଓ କାର୍ଯ୍ୟକ୍ରମକୁ ସାଧାରଣ ଲୋକଙ୍କ ମଧ୍ୟରେ ପହଞ୍ଚାଇବା ସହ ଜିଲ୍ଲାରେ କୃଷକ ମୋର୍ଚ୍ଚାକୁ ଆହୁରି ସକ୍ରିୟ କରିବା ପାଇଁ କାମ କରନ୍ତୁ ବୋଲି ବିଜେପି ରାଜ୍ୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି ଆହ୍ୱାନ ଦେଇଛନ୍ତି।

## ପାଟଣା ବନାଞ୍ଚଳ ସ୍ତରୀୟ ସମୀକ୍ଷା ବୈଠକ

**ପାଟଣା,(ମହାଭାରତ):**
କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକ ରେ ବନଖଣ୍ଡର ମାନ୍ୟବର ଡିଭିଜନାଲ ଫରେଷ୍ଟ ଅଧିକାରୀ ଅଧକ୍ଷତା କରିଥିଲେ।ଏହି ବୈଠକରେ ବନ ପରିଚାଳନା ଓ ସମୁଦାୟ କଲ୍ୟାଣକୁ ସୁଦୃଢ଼ କରିବା ନିମନ୍ତେ ବିଭିନ୍ନ ବିଷୟ ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ବିଦ୍ୟୁତ ପ୍ରହରୀ କାର୍ଯ୍ୟକ୍ରମ ଓ ବିଦ୍ୟୁତ ସୁରକ୍ଷା ନିରୀକ୍ଷଣ, ପ୍ରଥମ ବର୍ଷର ବୃକ୍ଷରୋପଣର ଜୀବନ୍ତତା ହାର ବାଉଁଶ, ପଶୁଖାଦ୍ୟ ଓ ଫଳଜାତୀୟ ଚାରାରୋପଣ ଏବଂ ଚାରା ବଣ୍ଟନ, ସୌର ଆଲୋକ ଓ ଶସ୍ୟ ସଂରକ୍ଷଣ ବିନା ବଣ୍ଟନ, ଭିଏସଏସ୍ ରିଭଲଭିଂ ଫଣ୍ଡ ଋଣ ପରିଶୋଧ, ମଣିଷ-ହାତୀ ସଂଘର୍ଷ ନିରାକରଣ ସମ୍ବନ୍ଧୀୟ ପଦକ୍ଷେପ ଓ ଅନୁକମ୍ପା ସର୍ଭେ ଅନୁମୋଦନ ସମ୍ପର୍କିତ ବିଷୟ ଗୁଡ଼ିକର ସମୀକ୍ଷା କରାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।ଏହି ବୈଠକରେ ପାଟଣା ବନାଞ୍ଚଳର ରେଞ୍ଜ ଅଫିସର ମହୋଦୟ, ସମସ୍ତ ଫରେଷ୍ଟର, ଫରେଷ୍ଟ ଗାର୍ଡ ଏବଂ ପି-ସ୍ୱେଚ୍ଛାସେବୀ ସଂଗଠନ ସଦସ୍ୟମାନେ ଉପସ୍ଥିତ ଥିଲେ।

# ବର୍ଷାରେ ଶଢୁଛି ସରକାରୀ ଚାଉଳ

## ଖାଉଟିଙ୍କ ଜୀବନ ସହ ଖେଳ

**ସମ୍ବଲପୁର,(ମହାଭାରତ):**
ଖାଉଟିଙ୍କ ଜୀବନ ସହିତ ଖେଳୁଛନ୍ତି ମିଲର୍, କିନ୍ତୁ ଏହାକୁ ଆଖି ବୁଜିଦେଇଛି ସମ୍ବଲପୁର ପ୍ରଶାସନ। ଉପଯୁକ୍ତ ଭାବରେ ଚାଉଳ ସଂରକ୍ଷିତ ରଖିବା ପାଇଁ ସରକାରଙ୍କଠାରୁ ଲକ୍ଷାଧିକ ଟଙ୍କା ନେଇ ମଧ୍ୟ ମିଲ୍ରେ ସରକାରୀ ଚାଉଳକୁ ଅଲୋଡ଼ା ବା ପରିତ୍ୟକ୍ତସାମଗ୍ରୀ ଭଳି ପକାଇ ଦିଆଯାଉଛି। ଚଳିତ ବର୍ଷାରେ ଶହଶହ ବସ୍ତା ଚାଉଳ ଓଦା ହୋଇ ନଷ୍ଟ ହୋଇଯାଇଛି। ଅନେକ ମିଲ୍ରେ ବର୍ଷାପାଣି ଘେରରେ ଧାନବସ୍ତାଗୁଡ଼ିକ ରହିଥିବା ଦେଖିବାକୁ ମିଳିଛି। ଯାହା ଫଳରେ ଚାଉଳ ଫିମ୍ପି ଲାଗି ଆଉ ବ୍ୟବହାରଯୋଗ୍ୟ ରହି ନାହିଁ। ସହର ଉପକଣ୍ଠ ମାଳତୀ ଗୁଣ୍ଡେରପୁରସ୍ଥିତ ଶିବଶକ୍ତି ରାଇସ ମିଲ୍ ଓ ନକ୍ସାପାଲିର ଶାକମ୍ବରୀ ହାଇଟେକ୍ ଫୁଡ୍ ମିଲ୍ରେ ଏଭଳି ସାଂଘାତିକ ଅବହେଳା କରାଯାଇଥିବା ଚିତ୍ର 'ସମ୍ବାଦ' ହାତରେ ଲାଗିଛି। ଏପରିକି ଶାକମ୍ବରୀ ହାଇଟେକ୍ ଫୁଡ୍ ମିଲରେ ଏଭଳି ଅବହେଳିତ ଭାବେ ଚାଉଳ ରଖାଯାଇଥିବା ନେଇ ଯୋଗାଣ ବିଭାଗ ପାଖରେ ଖବର ଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ କେବଳ ନୋଟିସ୍ ଦେଇ କାମ ସାରି ଦିଆଯାଇଛି।ସୂଚନା ଅନୁଯାୟୀ, କେନ୍ଦ୍ର ସରକାରଙ୍କ ଏଜେ□ ଭାବରେ ଯୋଗାଣ ନିଗମ ଚାଷୀଙ୍କଠାରୁ ଧାନ ସଂଗ୍ରହ କରି ମିଲର୍ଙ୍କୁ ଦିଏ। କଷ୍ଟମ୍ ମିଲିଂ ବ୍ୟବସ୍ଥାରେ ମିଲରମାନେ ଚାଉଳ ଉତ୍ପାଦନ କରି ଯୋଗାଣ ନିଗମ ଏବଂ ଏଫସିଆଇକୁ ଫେରାଇ ଥାଆନ୍ତି। ମିଲ୍ରେ ଚାଉଳ ଉତ୍ପାଦନ ସହିତ ବୈଜ୍ଞାନିକ ପଦ୍ଧତିରେ ସୁରକ୍ଷିତ ଭାବରେ ଏହାର ସଂରକ୍ଷଣ ପାଇଁ କ୍ୱିଣ୍ଟାଲ ପିଛା ୨୦ ଟଙ୍କା ସରକାରଙ୍କ ତରଫରୁ ମିଲର୍ଙ୍କୁ ଦିଆଯାଏ। ଚାଉଳର ଗୁଣାତ୍ମକମାନରେ କୌଣସି ପ୍ରକାର ବୁଝାମଣା ଯେପରି ନ ହେବ, ସେଥିପାଇଁ ୧୫ ଦିନରେ ଥରେ ଏସିଏସ୍ଓ ଏବଂ ମାସରେ ଥରେ ସିଏସ୍ଓଙ୍କ ନେତୃତ୍ୱରେ ଗଠିତ ସ୍କ୍ୱାଡ୍ ଚାଉଳ ଯାଞ୍ଚ କରିଥାଆନ୍ତି। ଏହାସହିତ ଏସ୍ଏମସିର ପ୍ରବର୍ତ୍ତନ ସ୍କ୍ୱାଡ୍ ମଧ୍ୟ ଖାଦ୍ୟ ବ୍ୟବସ୍ଥାର ତଦାରଖ କରନ୍ତି। ଏହା ସତ୍ତ୍ୱେ ମିଲ୍ମାନଙ୍କରେ ଅତି ବେପରୁଆ ଭାବେ ଚାଉଳ ରଖାଯାଉଛି। ଖାଦ୍ୟନୀତି ଅନୁଯାୟୀ, ଚାଉଳ ସଂରକ୍ଷଣ ବୈଜ୍ଞାନିକ ପ୍ରଣାଳୀରେ ସୁବନ୍ଦୋବସ୍ତ ଥିବା ଗୋଦାମଗୁଡ଼ିକରେ ଅତ୍ୟନ୍ତ ଯତ୍ନର ସହ



ରଖାଯିବ। କିନ୍ତୁ ମିଲ୍ମାନଙ୍କରେ ଚାଉଳଗୁଡ଼ିକ ଯେଉଁ ଗୋଦାମରେ ରଖାଯାଉଛି, ତାହା ଅତି ନିମ୍ନମାନର ଓ ପୁରୁଣାକାଳିଆ। ୨୦୨୧ ଓ ୨୦୨୨ ମସିହାରେ କେନ୍ଦ୍ର ସରକାରଙ୍କ ଟିମ୍ ଆସି ମିଲ୍ଗୁଡ଼ିକରେ ଚାଉଳ ସଂରକ୍ଷଣ ସ୍ତର ଅତି ନିମ୍ନମାନର ବୋଲି ରିପୋର୍ଟ ଦେଇଥିଲେ।ଏଥିପାଇଁ ଅଯୋଗ୍ୟ ଚାଉଳକୁ ଗୋଖାଦ୍ୟ ଭାବରେ ବ୍ୟବହାର ପାଇଁ ନିର୍ଦ୍ଦେଶ ସହିତ ଦାୟୀ ମିଲର୍ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରିଥିଲେ। ଏହାକୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାର ମୁହାଁମୁହିଁ ହେବା ପରେ ପୁଣି ବୁଝାମଣା ହୋଇ ସବୁ ମିଲରଙ୍କୁ କ୍ଲିନ୍‌ଚିଟ୍ ମିଳିଥିଲା। ବର୍ତ୍ତମାନ ପୁଣି ସେହି ସ୍ଥିତି ଦେଖିବାକୁ ମିଳିଛି। ପ୍ରଶାସନ ଅନୁସାରେ, ମିଲ୍ମାନେ ଚାଉଳ ଉତ୍ପାଦନ ପରେ ଏହାକୁ ଯୋଗାଣ ନିଗମକୁ ଦେଇଥାଆନ୍ତି। ଯୋଗାଣ ନିଗମ ଜରିଆରେ ପିଡିଏସ୍ କେନ୍ଦ୍ର, ଆହାର, ସ୍କୁଲ ମଧ୍ୟାହ୍ନ ଭୋଜନ, ଆବାସିକ ସ୍କୁଲ ସମେତ ଜନମଙ୍ଗଳ ଖାଦ୍ୟ ଯୋଜନାରେ ଲୋକଙ୍କୁ ଆହାର ଦିଆଯାଏ। ଚାଉଳ ଉତ୍ପାଦନରେ ଓଡ଼ିଶା ବଳକା ରାଜ୍ୟ ହୋଇଥିବାରୁ ଅତି କମ୍ରେ ଭୋକରେ କେହି ନ ରହନ୍ତୁ, ସେଥିପାଇଁ ସରକାର ବ୍ୟାପକ ଟଙ୍କା ଖର୍ଚ୍ଚ କରି ମାଗଣାରେ ଲୋକଙ୍କୁ ଖାଦ୍ୟ ଦେଇଥାଆନ୍ତି। ମିଲରେ ଯେଉଁଭଳି ଚାଉଳ ରଖାଯାଉଛି, ଏଥିରେ କେଉଁଭଳି ଚାଉଳ କୁନି ପିଲାଙ୍କଠାରୁ ଆରମ୍ଭ କରି ଲୋକଙ୍କ ପାଖକୁ ଯାଉଥିବ ଅନୁମାନ କରାଯାଇପାରେ। ମୁଖ୍ୟ ଯୋଗାଣ ଅଧିକାରୀ ସୁବୋଧ ହୋତା କହିଛନ୍ତି, ମିଲୁ ଯୋଗାଣ ନିଗମ ଚାଉଳ ଗ୍ରହଣ ବେଳକୁ ବ୍ୟାପକ ଯାଞ୍ଚ ହୋଇଥାଏ। କୌଣସି ଚାଉଳ ଖରାପ ହେଲେ, ସେତିକି ପରିମାଣର ଭଲ ଚାଉଳ ମିଲ୍ ଦେବାକୁ ବାଧ୍ୟ। ତେଣୁ କୌଣସି ମିଲ୍ରେ ଚାଉଳ ଖରାପ ଥିଲେ ମଧ୍ୟ ଖାଉଟିଙ୍କ ପାଖକୁ ଖରାପ ଚାଉଳ ଯିବ ନାହିଁ।

## ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ବ୍ଲକ କାର୍ଯ୍ୟାଳୟରେ ଧାରଣା

**ଆଳି, (ମହାଭାରତ):**
ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଆଳି ବ୍ଲକ କାର୍ଯ୍ୟାଳୟରେ ଏକ ଦିବସୀୟ ଧାରଣା ଦିଆଯାଇଛି । ଓଷ୍ଟାର ଆଳି ବ୍ଲକ ସଭାପତି ସୁଶାନ୍ତ କୁମାର କର, ସମ୍ପାଦକ ଦେବରାଜ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଏକ ଦିବସୀୟ ଧାରଣାରେ ଯୋଗଦେଇ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଅଭିଯୋଗ କରିଛନ୍ତି ଯେ ପୂର୍ବ ସରକାର ଓ ବର୍ତ୍ତମାନର ସରକାର ସେମାନଙ୍କ ସମସ୍ୟାକୁ କର୍ଣ୍ଣପାତ କରୁନାହାନ୍ତି । ସେମାନେ ଲୋକମାନେ ପ୍ରତିଷ୍ଠା କରିଥିବା ବିଦ୍ୟାଳୟ ଗୁଡିକରେ ଶିକ୍ଷକତା କରୁଛନ୍ତି । ଏହି ବିଦ୍ୟାଳୟ ଗୁଡିକୁ ସରକାର ଅନୁଦାନ ପରିସରଭୁକ୍ତ କରୁନାହାନ୍ତି । ଯାହାଫଳରେ ଏହି ଅଣ ଅନୁଦାନ ପ୍ରାପ୍ତ ଅନେକ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ପୋଷାକ, ପୁସ୍ତକ, ପରିମଳ ଯୋଜନା, ସାଇକେଲ ଓ ମଧ୍ୟାହ୍ନ ଭୋଜନ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି । ୪୦ ବର୍ଷ ହେବ ବିଦ୍ୟାଳୟରେ ଶିକ୍ଷକତା କରିଥିବା ବେଳେ ମାତ୍ର ୧୦ ବର୍ଷ ହେବ ବେତନ ମିଳିଲା । ମାତ୍ର ଚାକିରୀ ଶେଷ ହେବା ପରେ ସେମାନଙ୍କ ପାଇଁ ପେନସନ କିମ୍ବା ଅବସର କାଳୀନ ସୁବିଧା ମିଳୁନି । ପରିସ୍ଥିତି ଏପରି ହୋଇଛି ଯେ ରାଜ୍ୟରେ ଥିବା ଅଣ ଅନୁଦାନ ପ୍ରାପ୍ତ ସ୍କୁଳ ଗୁଡିକ ଶିକ୍ଷକ ଶୂନ୍ୟ ହୋଇ ପଡୁଥିବା ବେଳେ ଅନେକ ବିଦ୍ୟାଳୟ ପିଅନ ଭରସାରେ ଚାଲୁଥିବା ନଜରକୁ ଆସିଲାଣି । ମାତ୍ର ଏଥିପ୍ରତି ପୂର୍ବ ସରକାର କିମ୍ବା



ବର୍ତ୍ତମାନର ସରକାର କୋଣସି ପଦକ୍ଷେପ ନେଉନାହାଁନ୍ତି । ଯାହାଫଳରେ ଏହି ବିଦ୍ୟାଳୟରେ ଶିକ୍ଷାଦାନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଭୁଶୁଡି ଯାଇଛି । ବର୍ତ୍ତମାନର ସରକାର ଉଭୟ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ଭାଗ୍ୟ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି । ସରକାର ଅବସର ନେଇଥିବା ଓ କାର୍ଯ୍ୟରତ ଶିକ୍ଷକ ଶିକ୍ଷାକର୍ମଚାରୀଙ୍କ ପାଇଁ ଚାକିରୀ ସର୍ତାବଳୀ ସହ ପେନସନ ବ୍ୟବସ୍ଥା, ନୂତନ ଓ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହା ବିଦ୍ୟାଳୟ ଗୁଡିକୁ ସରକାରୀ କରଣ, ଶିକ୍ଷକ ଶୂନ୍ୟ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି, ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକ ମାନଙ୍କୁ ଛଅଟି ଇନକ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ, ନୂତନ ପେନସନ ପରିବର୍ତ୍ତେ ପୁରାତନ ପେନସନ ସ୍କିମର ପୁନଃ ପ୍ରଚଳନ, ଅବସର ସମୟସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି କରିବା ଆଦି ବିଭିନ୍ନ ଦାବି ନେଇ ବ୍ଲକ କାର୍ଯ୍ୟାଳୟରେ ଧାରଣା ଦେଉଥିବା ବେଳେ ଏହାକୁ ସମର୍ଥନ କରି ଆଳି ଜିଲ୍ଲା ପରିଷଦ ଉପାଧକ୍ଷ ଭୀଷ୍ମ ମହାନ୍ତି, ପଂଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ ଧାରଣାରେ ସାମିଲ ହୋଇଥିଲେ । ଶିକ୍ଷକ ମାନଙ୍କ ନିକଟରୁ ଆଳି ବିଡ଼ିଓ ଅବିନାଶ ବିଶ୍ୱଜିତ ସେଠୀ ଦାବିପତ୍ର ଗ୍ରହଣ କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ବନ୍ୟା ପ୍ରଭାବିତ କୁରୁଡ଼ିହା ପଞ୍ଚାୟତ ପରିଦର୍ଶନ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

**ବାଲେଶ୍ୱର:**
ବାଲେଶ୍ୱର ସଦର ବ୍ଲକ୍ ଅନ୍ତର୍ଗତ କୁରୁଡ଼ିହା ଗ୍ରାମ ପଞ୍ଚାୟତର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି ରାଜ୍ୟ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା। ବନ୍ୟା ପରିସ୍ଥିତିର ପ୍ରତ୍ୟକ୍ଷ ସମୀକ୍ଷା କରିବା ସହ ବିପନ୍ନଙ୍କ ପାଖରେ ତୁରନ୍ତ ସହାୟତା ପହଞ୍ଚାଇବା ନେଇ ସେ ଗୁରୁତ୍ୱାରୋପ କରିଛନ୍ତି।ପରିଦର୍ଶନ ସମୟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାବିତ ଲୋକମାନଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟା, ସ୍ୱାସ୍ଥ୍ୟାବସ୍ଥା ଓ ଆବଶ୍ୟକତା ବାବଦରେ ପଚାରି ବୁଝିଥିଲେ। ବନ୍ୟା ଦ୍ୱାରା ହୋଇଥିବା କ୍ଷୟକ୍ଷତିର ଭରଣା ଏବଂ ନିତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେବା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧ ବୋଲି ସେ ଲୋକଙ୍କୁ ଆଶ୍ୱାସନା ଦେଇଛନ୍ତି।ଏହାସହ ପ୍ରଶାସନିକ ଅଧିକାରୀମାନଙ୍କୁ ପ୍ରଭାବିତ ଅଞ୍ଚଳରେ ତୁରନ୍ତ ରିଲିଫ ସାମଗ୍ରୀ, ବିଶୁଦ୍ଧ ପାନୀୟ ଜଳ, ଓ ରନ୍ଧା ଖାଦ୍ୟ ଯୋଗାଇ ଦେବା ସହ କୌଣସି ବିପନ୍ନ ଯେପରି ସହାୟତାରୁ ବଞ୍ଚିତ ନହୁଅନ୍ତି, ସେଥିପ୍ରତି ସଜାଗ ରହିବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

## ଅସହାୟ ବୃଦ୍ଧଙ୍କୁ ଉଦ୍ଧାର କଲା ବ୍ୟାସ ଫାଉଣ୍ଡେସନ




**ପାରାଦୀପ,(ମହାଭାରତ):** ବନ୍ଦର ସହର ପାରାଦୀପ ରେ ବିଭିନ୍ନ କମ୍ପାନୀ ରେ ଠିକା ଶ୍ରମିକ ଭାବେ କାର୍ଯ୍ୟକରି, ବୟସ ର ଅପରାହ୍ନ ରେ ପଦାର୍ପଣ କରିବାପରେ ବଳରାମ ଖିଲାର ନାମକ ଜଣେ ୭୧ ବର୍ଷୀୟ ବୃଦ୍ଧ, ଯେତେବେଳେ କିଛି କାମ କରିପାରିଲେ ନାହିଁ , ସେତେବେଳେ କେହି ଲୋକ ତାଙ୍କୁ ଗଣ୍ଡାଏ ଖାଇବାକୁ ଦେବାତ ଦୂରର କଥା ତାଙ୍କୁ ମୁଣ୍ଡଗୁଞ୍ଜିବାକୁ ଆଶ୍ରୟ ମଧ୍ୟ ଦେଇନଥିଲେ । କ୍ରମଶଃ ସେ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ, ଭୋକ ଉପାସରେ ଭାଗ୍ୟକୁ ଆଦରି ପଡିରହିଥିଲେ । ଏହି ଦୁଖଦଃ ଘଟଣା ଟି ସମାଜସେବୀ ବିଭୁତିଭୂଷଣ ସ୍ୱାଇଁ, ଚିନ୍ମୟ ଦାସ, ଯୀଶୁ ପ୍ରସାଦ ସ୍ୱାଇଁ, ସୁଜି କୁମାର ତ୍ରିପାଠୀଙ୍କ ନଜର କୁ ଆସିଥିଲା । ସେମାନେ ଏ ସମ୍ପର୍କରେ ବ୍ୟାସଫାଉଣ୍ଡେସନ ର ଅଧକ୍ଷା ତଥା ଜଣାଶୁଣା ସମାଜସେବୀ ସ୍ନେହମୟୀ ଆଚାର୍ଯ୍ୟ ଙ୍କୁ ଅବଗତ କରାଇଥିଲେ । ଶ୍ରୀମତୀ ଆଚାର୍ଯ୍ୟ ବିପନ୍ନ ଅବସ୍ଥାରେ ଜୀବନ ବିତାଉଥିବା ବଳରାମ ଖିଲାର ଙ୍କୁ ସେଠାରୁ ଉଦ୍ଧାର କରି ରଘୁଥାନପୁର ସ୍ଥିତ ମୋ ଘର ବୃଦ୍ଧାଶ୍ରମରେ ପ୍ରଦୀପ କୁମାର ଜେନାଙ୍କ ଉପସ୍ଥିତିରେ ଅବସ୍ଥାପିତ କରାଇଥିଲେ। ଏଠାରେ ସୂଚନା ଥାଉକି, ବନ୍ଦର ସହର ପାରାଦୀପରେ ଯେତେବେଳେ ଅସହାୟ ମାନିସିକ ଭିନ୍ନକ୍ଷମ ମାନଙ୍କ ସଂଖ୍ୟା ବୃଦ୍ଧି ପାଇ ସାଧାରଣରେ ଚିନ୍ତାର କାରଣ ପାଲଟିଥିଲା, ସେତେବେଳେ ସ୍ନେହମୟୀ ଏବଂ ତାଙ୍କ ସଂଗଠନର ସଦସ୍ୟ ମାନେ ସେମାନଙ୍କୁ ଉଦ୍ଧାର କରି ପୁରୀର କଣାସ ଠାରେ ଅବସ୍ଥାପିତ କରାଇ ଚିକିତ୍ସା କରାଇ ଅନେକଙ୍କୁ ସୁସ୍ଥ କରାଇଥିବା ଦେଖିବାକୁ ମିଳିଛି । ତେବେ ସେବା କ୍ଷେତ୍ରରେ ତାଙ୍କର ନିରବଚ୍ଛିନ୍ନ ପ୍ରୟାସ କୁ ସର୍ବସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଥିବା ବେଳେ ତାଙ୍କୁ ରାଷ୍ଟ୍ରପତି ପୁରସ୍କାର ପ୍ରଦାନ ନିମନ୍ତେ ସାଧାରଣରେ ଆଲୋଚନା ହେଉଛି ।

## ଜିଲ୍ଲାରେ ବିକ୍ରୀ ଆରମ୍ଭ ହେଲା ଶ୍ରାବଣ ଛତୁ,କେଜି ୬୦୦ଟଙ୍କା



**ମାଲକାନଗିରି,(ମହାଭାରତ):**
ପ୍ରକୃତି ମେଲିଦେଇଛି ଜଙ୍ଗଲଜାତର ପସରା ଆଉ ଯୋଗାଇ ଦେଇଛି ବର୍ଷକ ୧୨ ମାସପାଇଁ ପେଟକୁ ଦାନା । ଗତ କିଛିଦିନହେଲା ମାଲକାନଗିରି ଜିଲ୍ଲାରେ ବର୍ଷା ଲାଗିରହିଥିବାରୁ ପାହଡ, ଜଙ୍ଗଲରେ ପ୍ରଚୁରପରିମାଣରେ ଶ୍ରାବଣ ଛତୁ ଫୁଟୁଛି, ମାଲକାନଗିରି ବଜାରରେ ଏହି ଛତୁ ପ୍ରଥମେ ହଜାର ଟଙ୍କା ଲେଖାରେ ପରେ ୬୦୦ ଟଙ୍କାରେ ବିକ୍ରୀ ହେଉଥିବାରୁ ଗ୍ରାହକ ମାନେ ନିଜ ନିଜଘରକୁ ଅନନ୍ଦରେ ଛତୁ କିଣିନେଉଛନ୍ତି । ଛତୁ ବେପାରି ମାନଙ୍କ ନିକଟରେ ପ୍ରବଳ ଗ୍ରାହକ ମାନଙ୍କ ଭିଡ ଲାଗୁଛି । ଛତୁବେପାରି ମାନେ ମଧ ଛତୁକୁ କିଣି ଆଣି ତାକୁ ବଜାରରେ କିଲୋ ହିସାବରେ ବିକ୍ରୀ କରି ବେସ ଦୁଇପଇସା ଲାଭପାଉଛନ୍ତି । ଆଜି ମାଲକାନଗିରି ଡିଏନକେ ଛକ ଓ ହନୁମାନ ମନ୍ଦିର ଛକ ଠାରେ ବହୁପରିମାଣ ର ଶ୍ରାବଣ ଛତୁ ବିକ୍ରୀର ହେଉଥିବାର ଦେଖିବା କୁ ମିଳିଥିଲା। ବେସ ଦୁଇପଇସା ରୋଜଗାର କରୁଛନ୍ତି । ଏବେ କିଛି ସାଧାରଣ ଯୁବକ ମାନେ ଛତୁ ବେପାରକୁ ଏକ ଲାଭବାନ ବ୍ୟବସାୟ ଭାବେ ଆଦରି ନେଇଛନ୍ତି ଗାଁ ଗାଁ ବୁଲି ଆଦିବାସୀ ଲୋକମାନଙ୍କ ଠାରୁ ବିଡା ହିସାବ ରେ ଅନ୍ୟାନ ସ୍ଥାନରେ ପ୍ରଥମ ଶ୍ରାବଣ ଛତୁ କେଜି ୧୦୦୦ଟଙ୍କାରେ ବିକ୍ରି ହେଉଥିବା ବେଳେ ଆଜି ଗ୍ରାହକ ମାନଙ୍କୁ ୬୦୦ ଟଙ୍କାରେ ସୁଲଭ ମୁଲ୍ୟରେ ବିକ୍ରି କରିଥିବାରୁ ଛତୁ ଶୀଘ୍ର ସରିଯାଇଥିଲା । ଅନ୍ୟାନ ଛତୁ ଠାରୁ ଏହା ଅତ୍ୟନ୍ତ ସୁସ୍ୱାଦୁ ଥିବାରୁ ହାଟବଜାରରେ ଶ୍ରାବଣ ଛତୁର ଚାହିଦା ଅଧିକ ଦାମରେ ବିକ୍ରୀହୋଇଥାଏ । ସୃଷ୍ଟିର ବିଚିତ୍ର ନିତିରେ ଗରିବ ଆଦିବାସୀ ଲୋକମାନଙ୍କ ପାଇଁ ସୃଷ୍ଟିକର୍ତା ସବୁପ୍ରକାର ଗଛ, ଫୁଲ, ଫଳ, ମୂଳ ଓ ଛତୁ ଜଙ୍ଗଲରେ ଖଞ୍ଜିଦେଇଛି ।ଗରିବ ଲୋକମାନେ ଜଙ୍ଗଲ ଜାତ ଦ୍ରବ୍ୟ ଉପରେ ନିର୍ଭରକରି ନିଜର ପରିବାର ପ୍ରତିପୋଷଣ କେଉଁ ଆବାହନକାଳରୁ କରିଆସୁଛନ୍ତି ।

## ଅବହେଳିତ ଅବସ୍ଥାରେ ଏମ୍.ଭି-୯୬ ଗ୍ରାମରେ ଥିବା ବସ୍ ଷ୍ଟପ୍




**ମାଲକାନଗିରି,(ମହାଭାରତ)**
ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଭୁବନପଲ୍ଲୀ ପଞ୍ଚାୟତର ଏମ୍.ଭି-୯୬ ଗ୍ରାମରେ ଥିବା ବସ୍‌ଷ୍ଟପଟି ଦୀର୍ଘଦିନ ହେବ ଅବହେଳିତ ଅବସ୍ଥାରେ ପଡ଼ି ରହିଛି। ରକ୍ଷଣାବେକ୍ଷଣର ଅଭାବରୁ ଏହି ବସ୍ ଷ୍ଟାଣ୍ଡଟି ଏବେ ଜରାଜୀର୍ଣ୍ଣ ହୋଇ ପଡ଼ିଥିବା ବେଳେ ଚାରିପଟେ ଜଙ୍ଗଲ ଓ ଆବର୍ଜନା ଭରି ରହି ଏକ ଭୟଜନକ ପରିବେଶ ସୃଷ୍ଟି ହୋଇଛି।ସ୍ଥାନୀୟ ଗ୍ରାମବାସୀଙ୍କ କହିବା ଅନୁଯାୟୀ, ନିର୍ମାଣ ପରଠାରୁ ଏହି ବସ୍ ଷ୍ଟାଣ୍ଡର କୌଣସି ପ୍ରକାର ମରାମତି କିମ୍ବା ରକ୍ଷଣାବେକ୍ଷଣ କରାଯାଇନାହିଁ। ଫଳରେ ଏହା କ୍ରମଶଃ ଜଙ୍ଗଲ ଅବସ୍ଥାରେ ଥିବାବେଳେ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଦିନେ କିମ୍ବା ଖରା ସମୟରେ ଯାତ୍ରୀମାନେ ବସକୁ ଅପେକ୍ଷା କରିବା ପାଇଁ ଆଶ୍ରୟସ୍ଥଳୀ ଅଭାବରୁ ବାହାରେ ବା ରାସ୍ତା କଡ଼ରେ ଠିଆ ହେବାକୁ ବାଧ ହେଉଛନ୍ତି।ଏହି ସମସ୍ୟା ସମ୍ପର୍କରେ କାଳିମେଳା ବ୍ଲକ୍ ଉନ୍ନୟନ ଅଧିକାରୀ (ବି.ଡି.ଓ.) ଙ୍କୁ ପଚାରିବାରୁ ସେ ପ୍ରତିକ୍ରିୟା ରଖି କହିଛନ୍ତି, ଖୁବ୍ ଶୀଘ୍ର ଏହାର ସମୀକ୍ଷା କରାଯାଇ ବସ୍ ଷ୍ଟାଣ୍ଡର ମରାମତି କରାଯିବ। ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଗଲେ ଗ୍ରାମବାସୀ ଏବଂ ଯାତ୍ରୀମାନେ ବହୁତ ଉପକୃତ ହୋଇପାରିବେ ବୋଲି ଆଶା କରାଯାଉଛି।

## ଲ୍ୟାଣ୍ଡମାଇନ୍ ଧମାକାରେ କମ୍ପିଲା ଏଲଓସି, ୨ ଯବାନଙ୍କ ଗୁରୁତର

ଜାମ୍ମୁ-କାଶ୍ମୀର : ଜାମ୍ମୁ-କାଶ୍ମୀରର ପୁଞ୍ଛ ଜିଲ୍ଲାରେ ନିୟନ୍ତ୍ରଣ ରେଖା (ଏଲଓସି) ନିକଟରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଘଟି ୨ ଜଣ ସେନା ଯବାନ ଗୁରୁତର ଆହତ ହୋଇଛନ୍ତି । ଏହି ଘଟଣା ମେନ୍ଧର ସେକ୍ଟରର କାଙ୍ଗା ଗଲି ଅଞ୍ଚଳରେ ଘଟିଛି । ସୂଚନା ଅନୁସାରେ, ଏଲଓସି ନିକଟରେ ଅନୁପ୍ରବେଶ ରୋକିବା ପାଇଁ ବିଛାଯାଇଥିବା କିଛି ଲ୍ୟାଣ୍ଡମାଇନ୍ ପ୍ରବଳ ବର୍ଷା ଓ ଭୂସ୍ଖଳନ ଯୋଗୁଁ ନିଜ ସ୍ଥାନରୁ ଭାସି ଆସିଥିଲା । ପେଟ୍ରୋଲିଂ କରୁଥିବା ସେନା ଦଳ ଏହାକୁ ଚିହ୍ନଟ କରିବା ପରେ ନିଷ୍କ୍ରିୟ କରିବା ପାଇଁ ବିଶେଷଜ୍ଞ ଦଳକୁ ଡକାଯାଇଥିଲା । ଲ୍ୟାଣ୍ଡମାଇନ୍‌କୁ ନିଷ୍କ୍ରିୟ କରିବା ପ୍ରକ୍ରିୟା ଚାଲିଥିବା ସମୟରେ ହଠାତ୍ ବିସ୍ଫୋରଣ ଘଟିଥିଲା । ଏଥିରେ ଦୁଇଜଣ ଯବାନ ଗୁରୁତର ଆହତ ହୋଇଥିଲେ । ବିସ୍ଫୋରଣ ପରେ ଆହତ ଯବାନମାନଙ୍କୁ ତୁରନ୍ତ ଉଦ୍ଧାର କରି ସେନା ହସ୍ପିଟାଲକୁ ନିଆଯାଇଛି । ସେମାନଙ୍କ ଚିକିତ୍ସା ଚାଲିଥିବା ବେଳେ ଘଟଣା ସମ୍ପର୍କରେ ସେନା ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି ।

## ଗୁଗଲ ଡାଟା ସେଣ୍ଟର ପ୍ରକଳ୍ପକୁ ବିରୋଧ

ନୂଆଦିଲ୍ଲୀ: ଆନ୍ଧ୍ରପ୍ରଦେଶରେ ଗୁଗଲର ଡାଟା ସେଣ୍ଟର ପ୍ରକଳ୍ପକୁ ବିରୋଧ ଆରମ୍ଭ ହୋଇଛି । ପରିବେଶବିତ୍‌ମାନେ ଏକାଠି ହୋଇ ବିଶାଖାପାଟଣାରେ ଶୋଭାଯାତ୍ରା କରିଥିଲେ । 'ଆମେ ଡାଟା ପିଇପାରିବୁ ନାହିଁ' ପ୍ଲାକାର୍ଡ ଧରିଥିଲେ ଓ ନିଜ ହାତରେ ଗୁଗଲର ଲୋଗୋ ଲାଗିଥିବା ହାତକଡ଼ି ଲଗାଇଥିଲେ । ଏହି ପ୍ରକଳ୍ପ ଦ୍ୱାରା ଜଳସ୍ତର ଓ ପରିବେଶ ଉପରେ ପ୍ରଭାବ ପଡ଼ିବ ବୋଲି ସେମାନେ କହିଛନ୍ତି । ଗ୍ରିନ ବିଶାଖା ନାମକ ସଂସ୍ଥାର ପ୍ରତିଷ୍ଠାତା ରାଜା ରାମ ମୋହନ ରାୟ କହିଛନ୍ତି ଯେ ଲୋକମାନଙ୍କ ଜୀବନଜୀବିକା ବଦଳରେ ବିକାଶ ଗ୍ରହଣୀୟ ନୁହେଁ । ଏନେଇ ମାମଲା ଆନ୍ଧ୍ରପ୍ରଦେଶ ହାଇକୋର୍ଟରେ ପହଞ୍ଚିଛି । ପରିବେଶକର୍ମୀମାନେ କରିଥିବା ଅଭିଯୋଗ ଉପରେ ଜବାବ ଦାଖଲ କରିବାକୁ କୋର୍ଟ ସରକାରଙ୍କୁ କହିଛନ୍ତି । ତେବେ ସରକାରଙ୍କ ମତ ହେଉଛି ପ୍ରତିବାଦ କରିବା ଏକ ଗଣତାନ୍ତ୍ରିକ ଅଧିକାର । ସେମାନଙ୍କ ଅଭିଯୋଗରେ ଯଦି କିଛି ବି ସତ୍ୟତା ଥିବ ତେବେ ସେ ନେଇ ଆଲୋଚନା ହେବ ଓ ସମସ୍ୟାର ସମାଧାନ କରାଯିବ । ତେବେ ଗୁଗଲ ପ୍ରକଳ୍ପକୁ ନେଇ ପରିବେଶକର୍ମୀମାନେ କରିଥିବା ଆପତ୍ତି ଭୁଲ ଓ ବିଭ୍ରାନ୍ତିକର ବୋଲି ସରକାରଙ୍କ ସୂତ୍ରରୁ ଗଣମାଧ୍ୟମକୁ କୁହାଯାଇଛି । ଗୁଗଲ ଏହି ପ୍ରକଳ୍ପରେ ୧୫ ବିଲିଅନ ଡଲାର ନିବେଶ କରୁଛି ଯାହା ଭାରତରେ ହେଉଛି କମ୍ପାନିର ସର୍ବବୃହତ୍ ନିବେଶ । ଏହି ପ୍ରକଳ୍ପକୁ ଆଦାନୀ ଗ୍ରୁପ୍ ନିର୍ମାଣ କରିବ । ହାଇକୋର୍ଟରେ ରୁଜୁ ହୋଇଥିବା ଜନସ୍ୱାର୍ଥ ମାମଲାରେ ଅଭିଯୋଗ କରାଯାଇଛି ଯେ ବଡ଼ ଧରଣର ନିର୍ମାଣ କାର୍ଯ୍ୟ ଓ ଶବ୍ଦ ପ୍ରଦୂଷଣ ଦ୍ୱାରା ପ୍ରକଳ୍ପ ସ୍ଥଳଠାରୁ ମାତ୍ର ୮୬୦ ମିଟର ଦୂରରେ ଥିବା କମ୍ବଳକୋଣ୍ଡା ବନ୍ୟଜନ୍ତୁ ଅଭୟାରଣ୍ୟରେ ଥିବା, ବିଶେଷ କରି ଚିତାବାଘ ଓ ବଜ୍ରକାପ୍ତାମାନେ ପ୍ରଭାବିତ ହେବ । ଏହାର ଉତ୍ତରରେ ସରକାର କହିଛନ୍ତି ଯେ ଶବ୍ଦ ପ୍ରଦୂଷଣ ରୋକିବାକୁ ବ୍ୟବସ୍ଥା କରାଯିବ ।

## ଶ୍ରୀଲଙ୍କା ଜଳସୀମାରେ ୧୧ ମତ୍ସ୍ୟଜୀବୀଙ୍କୁ ନେଇ ଭାରତୀୟ ଟ୍ରଲର୍ ଦୁର୍ଘଟଣାଗ୍ରସ୍ତ

ନୂଆଦିଲ୍ଲୀ : ଶ୍ରୀଲଙ୍କା ଜଳସୀମାର ଡେଲଫ୍ଟ ଦ୍ୱୀପ ନିକଟରେ ୧୧ ଜଣ ମତ୍ସ୍ୟଜୀବୀ ଥିବା ଏକ ଭାରତୀୟ ମାଛଧରା ଟ୍ରଲର ଦୁର୍ଘଟଣାଗ୍ରସ୍ତ ହୋଇଛି । ଟ୍ରଲରଟି ଦୁର୍ଘଟଣାଗ୍ରସ୍ତ ହେବା ପରେ ଶ୍ରୀଲଙ୍କା ନେସେନା ପକ୍ଷରୁ ଉଦ୍ଧାର କାର୍ଯ୍ୟ ଚାଲିଛି । ଟ୍ରଲର୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ ମଧ୍ୟ ମତ୍ସ୍ୟଜୀବୀମାନେ ସୁରକ୍ଷିତ ଅଛନ୍ତି । ନୌସେନା କହିଛି ଯେ, ଟ୍ରଲରଟି ଶ୍ରୀଲଙ୍କା ଜଳ ସୀମା ପାର କରି ଆସିଥିଲା ଓ ଦୁର୍ଘଟଣା ପୂର୍ବରୁ ବେଆଇନ ଭାବେ ମାଛଧରା କାର୍ଯ୍ୟରେ ନିୟୋଜିତ ଥିଲା । ସମୁଦ୍ର ଗର୍ଭରେ ଏକ ବଡ଼ ଜାଲ ଟାଣି ମାଛ ଧରିବା ସମୟରେ ଟ୍ରଲରଟି ଏକ ଅଗଭୀର ପଥୁରିଆ ଅଞ୍ଚଳରେ ଫସି ଯାଇଥିଲା । ଶ୍ରୀଲଙ୍କା ନୌସେନା କହିଛି ଯେ, ଏହି ଘଟଣା ବୁଧବାର ଘଟିଥିଲା ଓ ମତ୍ସ୍ୟଜୀବୀମାନେ ସୁରକ୍ଷିତ ଅଛନ୍ତି । ଟ୍ରଲରଟି ବିପଜ୍ଜନକ ସ୍ଥିତିରେ ନାହିଁ ଓ ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରିବାକୁ ଉଦ୍ଧାରକାରୀ ୟୁନିଟ୍‌କୁ ପଠାଯାଇଛି । ଏହାପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଶ୍ରୀଲଙ୍କାର ଉତ୍ତର ଉପକୂଳରେ ଥିବା ପାକ୍ ପ୍ରଣାଳୀରେ ଡେଲଫ୍ଟ ଦ୍ୱୀପ, ଯାହାକୁ ନେଦୁନ୍ଥୀଭୁ ମଧ୍ୟ କୁହାଯାଏ । ପାକ୍ ପ୍ରଣାଳୀ ତାମିଲନାଡୁ ଓ ଶ୍ରୀଲଙ୍କାକୁ ଅଲଗା କରିଥିବାବେଳେ ଏହି ସଂକୀର୍ଣ୍ଣ ଅଞ୍ଚଳରେ ପ୍ରବଳ ମାଛ ମିଳୁଥିବାରୁ ଉଭୟ ଦେଶର ମତ୍ସ୍ୟଜୀବୀ ଅନ୍ୟର ଜଳସୀମା ଅତିକ୍ରମ କରି ଅନେକ ସମୟରେ ଗିରଫ ହୋଇଥାନ୍ତି ।

## ବ୍ରିଟିଶ ସେନା ତାଲିମ କଲେଜରେ ନାବାଳିକା କ୍ୟାଡେଟଙ୍କୁ ଯୌନ ନିର୍ଯାତନା ଅଭିଯୋଗ



ଲଣ୍ଡନ: ବ୍ରିଟେନର ଅନ୍ୟତମ ପ୍ରମୁଖ ସାମରିକ ତାଲିମ ଅନୁଷ୍ଠାନ ଆର୍ମି ଫାଉଣ୍ଡେସନ୍ କଲେଜ ବର୍ତ୍ତମାନ ଏକ ବଡ଼ ବିବାଦ ଘେରରେ ! ଉତ୍ତର ୟୋର୍କସାୟାରର ହାରୋଗେଟସ୍ଥିତ ଏହି ଆର୍ମି ସ୍କୁଲରେ ୧୯ ବର୍ଷରୁ କମ୍ ବୟସର ନାବାଳକ-ନାବାଳିକାମାନଙ୍କୁ ସୈନ୍ୟ ତାଲିମ ଦିଆଯାଉଥିବା ବେଳେ, ସେଠାରେ ଗାଙ୍ଗରେପ୍, ଯୌନ ନିର୍ଯାତନା ଏବଂ ଅଶ୍ଳୀଳ ବ୍ୟବହାର କରାଯାଉଥିବା ନେଇ ପୂର୍ବତନ ମହିଳା କ୍ୟାଡେଟମାନେ ସଙ୍ଗୀନ ଅଭିଯୋଗ ଆଣିଛନ୍ତି । ସୂଚନା ଅନୁଯାୟୀ, ଗତ ୫ ବର୍ଷ ମଧ୍ୟରେ ଏଠାରେ ୧୭ ବର୍ଷ ବୟସ୍କା ମହିଳା କ୍ୟାଡେଟମାନେ ସହଯୋଗୀ ସୈନିକ ଏବଂ ତାଲିମଦାତା ଷ୍ଟାଫଙ୍କ ଦ୍ୱାରା ଯୌନ ଶୋଷଣର ଶିକାର ହୋଇଛନ୍ତି । ମାନସିକ ଯନ୍ତ୍ରଣା ସହିନପାରି ଅନେକ ମହିଳା ସୈନିକ ସେନା ଚାକିରି ଛାଡ଼ିଦେଇଛନ୍ତି । ଜଣେ ପୀଡ଼ିତାଙ୍କ କହିବା ଅନୁଯାୟୀ, ତାଙ୍କୁ ଘଣ୍ଟା ଘଣ୍ଟା ଧରି ଗାଙ୍ଗରେପ୍ କରାଯାଇଥିଲା ଏବଂ ଏସବୁ ବିରୋଧରେ ସ୍ୱର ଉଠାଇବାରୁ କଲେଜର ପୁରୁଷ ଇନଷ୍ଟ୍ରକ୍ଟରମାନେ ସେମାନଙ୍କ ପ୍ରତି ଅଶ୍ଳୀଳ ଓ ମହିଳା ବିରୋଧୀ ସ୍ଲୋଗାନ ଦେଇଥିଲେ । ୨୦୧୮ ରୁ ୨୦୨୫ ମଧ୍ୟରେ ଏହି କଲେଜରେ ଅସଦାଚରଣ ନେଇ ୧୭୬ଟି ଅଭିଯୋଗ ଆସିଥିବା ବ୍ରିଟିଶ ପ୍ରତିରକ୍ଷା ମନ୍ତ୍ରଣାଳୟର ତଥ୍ୟରୁ ଜଣାପଡ଼ିଛି । ଏହି ଅଭିଯୋଗଗୁଡ଼ିକୁ ବ୍ରିଟିଶ ସେନା ଅତ୍ୟନ୍ତ ଗମ୍ଭୀର ବୋଲି ଗ୍ରହଣ କରିଛି । ଏହିପରି ଅପରାଧିକ କାର୍ଯ୍ୟକଳାପକୁ କଦାପି ବରଦାସ୍ତ କରାଯିବ ନାହିଁ ଏବଂ ପୀଡ଼ିତାମାନଙ୍କୁ ନ୍ୟାୟ ଦେବା ପାଇଁ ସେନାର ମୁଖ୍ୟ ଶୃଙ୍ଖଳା ବାହାରେ ଏକ ସ୍ୱତନ୍ତ୍ର ତଦନ୍ତ ସଂସ୍ଥା ଗଠନ କରାଯାଇଛି ବୋଲି ସେନା ପ୍ରବକ୍ତା ସ୍ପଷ୍ଟ କରିଛନ୍ତି ।

# ଦୁବାଇ ବିସ୍ଫୋରଣରେ କେରଳର ୨୭ ବର୍ଷୀୟ ଯୁବକ ମୃତ

ନୂଆଦିଲ୍ଲୀ : ଚଳିତ ସପ୍ତାହରେ ଦୁବାଇର ଏକ କାର୍ ସୋ'ରୁମ୍‌ରେ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣରେ ଜଣେ ୨୭ ବର୍ଷୀୟ ଭାରତୀୟ ଯୁବକଙ୍କ ମୃତ୍ୟୁ ଘଟିଛି । ଗଲ୍ଫ ନ୍ୟୁଜ୍‌ର ଏକ ରିପୋର୍ଟ ଅନୁଯାୟୀ, କେରଳର କୋଲ୍ଲମ ଜିଲ୍ଲାର କୋଟ୍ଟାରକ୍କାରାର ବାସିନ୍ଦା ଶିଜିନ୍ ପଲ୍ ଜଣେ ମଲ୍‌ଟିମିଡିଆ ମାର୍କେଟିଂ ବିଶେଷଜ୍ଞ ଥିଲେ ଓ ଦୁବାଇର ଶେଖ ଜାଏଦ ରୋଡ୍‌ରେ ଅବସ୍ଥିତ ଶୋ'ରୁମ୍‌ରେ ସୋସିଆଲ ମିଡିଆ ଓ ଭିଡିଓଗ୍ରାଫି ଦାୟିତ୍ୱରେ ଥିଲେ । ରିପୋର୍ଟ ଅନୁଯାୟୀ, ସମ୍ପୃକ୍ତ ବିସ୍ଫୋରଣରେ ଅନ୍ୟ ୫ ଜଣ ଆହତ ହୋଇଥିଲେ । ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଶିଜିନ୍‌ଙ୍କର ମୃତ୍ୟୁ ଘଟିଥିଲା । ତାଙ୍କର ବାପାମା' ଓ ପତ୍ନୀ ଅଛନ୍ତି । ଦୁବାଇସ୍ଥିତ ଭାରତୀୟ ବାଣିଜ୍ୟିକ ଦୂତାବାସ ପକ୍ଷରୁ କୁହାଯାଇଛି ଯେ, ଶିଜିନ୍ ପଲ୍‌ଙ୍କ ମୃତଦେହ ସ୍ୱଦେଶ ଫେରାଇ ଆଣିବାକୁ ଦୂତାବାସ ପକ୍ଷରୁ ତାଙ୍କ ପରିବାର ଓ



ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗରେ ଅଛି । ପଲ୍ ଗତବର୍ଷ ନଭେମ୍ବରରେ ଉକ୍ତ କମ୍ପାନିରେ ଯୋଗଦେଇଥିଲେ । ଏହି ଦୁଃଖଦ ଘଟଣାର ପ୍ରତ୍ୟକ୍ଷଦର୍ଶୀ ତାଙ୍କ ସହକର୍ମୀ ଆବିଦ ଗଲ୍ଫ ନ୍ୟୁଜକୁ କହିଛନ୍ତି ଯେ, ବିସ୍ଫୋରଣ ହେବା ପୂର୍ବରୁ ତାଙ୍କୁ ଓ ତାଙ୍କ ସହକର୍ମୀମାନଙ୍କୁ ପ୍ରଥମେ ପରିସରରେ ନିଆଁ ଲାଗିବା ବିଷୟରେ ସୂଚନା ଦିଆଯାଇଥିଲା । ଆବିଦ କହିଛନ୍ତି, ପଲ୍ ତାଙ୍କ ନିକଟରେ ଛିଡ଼ା ହୋଇଥିଲେ କିନ୍ତୁ ପରେ ସେ ବିସ୍ଫୋରଣର ଶିକାର ହୋଇଥିବା ଦେଖିବାକୁ ପାଇଲେ । ପଲ୍‌ଙ୍କର ଜଣେ ରୁମ୍‌ମେଟ୍ କହିଛନ୍ତି, ପଲ୍ ଏଥର ଛୁଟିରେ ଯାଇଥିଲେ ତାଙ୍କ ପତ୍ନୀ ଓ ଶିଶୁକୁ ଦୁବାଇ ବୁଲେଇ ଆଣିବାକୁ ଇଚ୍ଛା ରଖିଥିଲେ । ଉପସାଗରୀୟ ଦେଶରେ ଭାରତୀୟ ଶ୍ରମିକଙ୍କ ସୁରକ୍ଷା ନେଇ ଚିନ୍ତା ପ୍ରକାଶ ପାଉଥିବା ବେଳେ ଏହି ଘଟଣା ଘଟିଛି । ଭାରତ ସରକାରଙ୍କ ତଥ୍ୟ ଅନୁଯାୟୀ, ୨୦୨୩ ରୁ ୨୦୨୫ ମଧ୍ୟରେ ପ୍ରତି ସପ୍ତାହରେ ପ୍ରାୟ ତିନି ଜଣ ଭାରତୀୟଙ୍କର କାର୍ଯ୍ୟକ୍ଷେତ୍ର ଦୁର୍ଘଟଣାରେ ମୃତ୍ୟୁ ହୋଇଛି । ଭାରତର ବୈଦେଶିକ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ, ୨୦୨୩ ରୁ ୨୦୨୫ ମଧ୍ୟରେ ବିଦେଶରେ କାର୍ଯ୍ୟକ୍ଷେତ୍ରରେ ଦୁର୍ଘଟଣାରେ ୮୦୦ ରୁ ଅଧିକ ଭାରତୀୟ ନାଗରିକଙ୍କ ମୃତ୍ୟୁ ହୋଇଛି, ଯେଉଁଥିରେ ପ୍ରାୟ ୫୫ ପ୍ରତିଶତ ମୃତ୍ୟୁ ଉପସାଗରୀୟ ଦେଶଗୁଡ଼ିକରେ ଘଟିଛି । ତିନି ବର୍ଷ ମଧ୍ୟରେ ସାଉଦି ଆରବରେ ସର୍ବାଧିକ ୧୮୨ ଜଣଙ୍କ ମୃତ୍ୟୁ ହୋଇଛି, ଏହା ପରେ ୟୁଏଇରେ ୧୨୮ ଜଣଙ୍କ ମୃତ୍ୟୁ ହୋଇଛି ।

## ଲସ୍କର ଆତଙ୍କବାଦୀ ଲତିଫ ଉପରେ ୧୫ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା

ଜାମ୍ମୁ-କାଶ୍ମୀର : ଜାମ୍ମୁ-କାଶ୍ମୀରରେ ନିକଟରେ ଘଟିଥିବା ଦୁଇଟି ପୃଥକ୍ ଆତଙ୍କବାଦୀ ଆକ୍ରମଣ ପଛରେ ରହିଥିବା ଲସ୍କର-ଇ-ତୋଇବା ଆତଙ୍କବାଦୀ ମହମ୍ମଦ ଲତିଫ୍ ଭଟ୍ଟର ସୂଚନା ଦେବା ପାଇଁ ଜାମ୍ମୁ-କାଶ୍ମୀର ପୁଲିସ ୧୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଛି । ୨୨ ବର୍ଷୀୟ ଏହି ପଳାତକ ଆତଙ୍କବାଦୀଙ୍କୁ ଧରାଇବା ପାଇଁ ଶ୍ରୀନଗର ସମେତ କାଶ୍ମୀର ଉପତ୍ୟକାର ବିଭିନ୍ନ ପ୍ରମୁଖ ସ୍ଥାନଗୁଡ଼ିକରେ ତାଙ୍କର ଫଟୋ ଥିବା ପୋଷ୍ଟର ମାରି ଜନସାଧାରଣଙ୍କ ସହଯୋଗ ଲୋଡ଼ାଯାଇଛି । ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ଜୁଲାଇ ୨୨ରେ ଅନନ୍ତନାଗର ଲାଲଚୌକରେ ପୁଲିସ କର୍ମଚାରୀ ଆଶିକ୍ ହୁସେନ କୁରେଶୀଙ୍କୁ ହତ୍ୟା ଏବଂ ଜୁଲାଇ ୩୧ରେ କୁଲଗାମର ଏକ ଇଟା ଭାଟିରେ ଛତିଶଗଡ଼ର ଦୁଇଜଣ ଶ୍ରମିକଙ୍କୁ ହତ୍ୟା ଘଟଣାର ତଦନ୍ତ ବେଳେ ଲତିଫର ନାମ ସାମ୍ନାକୁ ଆସିଛି ।

## 'କ୍ୟା ବୋଲ୍‌ତି ପବ୍ଲିକ୍' :ଲୋକଙ୍କ ସମସ୍ୟା ବୁଝିବା ପାଇଁ ଦେଶବ୍ୟାପୀ ଜନସମ୍ପର୍କ ଅଭିଯାନ ଘୋଷଣା କଲେ ଅଭିଜିତ୍ ଦୀପକେ



ନୂଆଦିଲ୍ଲୀ: କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ପ୍ରତିଷ୍ଠାତା ଅଭିଜିତ୍ ଦୀପକେ ଏକ ଦେଶବ୍ୟାପୀ ଜନସମ୍ପର୍କ ଅଭିଯାନ, 'କ୍ୟା ବୋଲ୍ ?ତି ପବ୍ଲିକ୍' ଘୋଷଣା କରିଛନ୍ତି । ଏହି ପଦକ୍ଷେପର ଲକ୍ଷ୍ୟ ଜନତାଙ୍କ ସମସ୍ୟାକୁ ବୁଝିବା ବୋଲି ସେ କହିଛନ୍ତି । ଅଭିଯାନର ପ୍ରଥମ ଲକ୍ଷ୍ୟ ଶିକ୍ଷା ଉପରେ ରହିବ, କାରଣ ସ୍କୁଲ, କଲେଜ ଏବଂ କୋଚିଂ ଫି ବୃଦ୍ଧି ପାଇବା ଯୋଗୁଁ ଅନେକ ପରିବାର ଗୁଣାତ୍ମକ ଶିକ୍ଷା ପାଇପାରୁ ନାହାନ୍ତି ।

ଶିକ୍ଷା ସଂସ୍କାର ଆମର ପ୍ରଥମ ପ୍ରସଙ୍ଗ ହେବ ଯାହାକୁ ଆମେ ଗ୍ରହଣ କରିବାକୁ ଯାଉଛୁ । ଆମେ ଦେଖୁଛୁ ଦେଶରେ ଶିକ୍ଷା ବହୁମୂଲ୍ୟ ହୋଇପଡ଼ିଛି । ଡୋନେସନ ଟଙ୍କା ବ୍ୟତୀତ ପ୍ରଥମ ଶ୍ରେଣୀ ପାଇଁ ବାର୍ଷିକ ଫି ୧ ଲକ୍ଷ ରୁ ୨ ଲକ୍ଷ ପର୍ଯ୍ୟନ୍ତ ରହିଛି ।ମଧ୍ୟବିତ୍ତ ଏବଂ ନିମ୍ନ ଆୟ ପରିବାରଗୁଡ଼ିକ ଏପରି ଖର୍ଚ୍ଚ କିପରି ପରିଚାଳନା କରିବେ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି । ଯେଉଁ ପରିବାରଗୁଡ଼ିକର ଆୟ ଅଧିକ ନାହିଁ ସେମାନେ କେଉଁଠାରୁ ଟଙ୍କା ଆଣିବେ । ସେ ଅଭିଯୋଗ କରିଛନ୍ତି ଯେ କଲେଜ ଏବଂ କୋଚିଂ ଫି ବୃଦ୍ଧି ପରିବାରଗୁଡ଼ିକୁ ଋଣଗ୍ରସ୍ତ କରୁଛି । ଆମେ ଏହି ଆର୍ଥିକ ବୋଝକୁ ହାଲୁକା କରିବାକୁ ଚାହୁଁଛୁ । ଡକ୍ଟର ବି.ଆର. ଆମ୍ବେଦକରଙ୍କ ଅନୁସାରେ ଶିକ୍ଷା ଏକ ମୌଳିକ ଅଧିକାର । କିନ୍ତୁ ଗତ କିଛି ବର୍ଷ ମଧ୍ୟରେ ଶିକ୍ଷାର ବ୍ୟବସାୟିକରଣ କରାଯାଇଥିବା ସେ କହିଛନ୍ତି ।

## ଏଆଇ ପାଇଁ ବଡ଼ କମ୍ପାନିରେ ଚାକିରି କମିବ: ନିଲେକାନି

ନୂଆଦିଲ୍ଲୀ: ଭବିଷ୍ୟତରେ ଭାରତରେ ନୂଆ ନିଯୁକ୍ତି ଓ ରୋଜଗାରର ମୁଖ୍ୟ ମାଧ୍ୟମ ବଡ଼ ବଡ଼ କର୍ପୋରେଟ୍ କମ୍ପାନି ନୁହନ୍ତି, ବରଂ ଦେଶର କୋଟି କୋଟି କ୍ଷୁଦ୍ର ବ୍ୟବସାୟୀ ହେବେ । କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ପ୍ରଯୁକ୍ତିବିଦ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଥିବାରୁ ଅଧିକ ସଂଗଠିତ ଓ ନିୟମିତ କାର୍ଯ୍ୟ କରୁଥିବା ବଡ଼ କମ୍ପାନିଗୁଡ଼ିକରେ କାମ ସହଜରେ ଅଟୋମେସନ୍ ବା ମେସିନ୍ ଦ୍ୱାରା ହୋଇପାରିବ । ଫଳରେ ଏହି ବଡ଼ ସଂସ୍ଥାଗୁଡ଼ିକରେ ଚାକିରି ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଇବାର ଆଶଙ୍କା ରହିଛି ବୋଲି ଇନଫୋସିସର ସହ ପ୍ରତିଷ୍ଠାତା ନନ୍ଦନ ନିଲେକାନି କହିଛନ୍ତି । ନ୍ୟାସନାଲ୍ କାଉନ୍‌ସିଲ୍ ଅଫ୍ ଆପ୍ଲାଏଡ୍ ଇକୋନୋମିକ୍ ରିସର୍ଚ୍ଚ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖି ସେ ସ୍ପଷ୍ଟ କରିଛନ୍ତି ଯେ ବଡ଼ କମ୍ପାନିଗୁଡ଼ିକରେ ପ୍ରତ୍ୟେକ କର୍ମଚାରୀଙ୍କ କାର୍ଯ୍ୟପ୍ରଣାଳୀ ନିର୍ଦ୍ଦିଷ୍ଟ ଯାହାକୁ ଏଆଇ ମାଧ୍ୟମରେ କରିବା ବହୁତ ସହଜ । ଆଗାମୀ ଦିନରେ ଏହି ବଡ଼ କମ୍ପାନିଗୁଡ଼ିକରୁ ନିଯୁକ୍ତି ବଢ଼ିବା ପରିବର୍ତ୍ତେ କମିବ । ଅନ୍ୟପଟେ କ୍ଷୁଦ୍ର ବ୍ୟବସାୟଗୁଡ଼ିକରେ ଜଣେ କର୍ମଚାରୀଙ୍କୁ ଅନେକ ପ୍ରକାରର ଭିନ୍ନ ଭିନ୍ନ କାମ କରିବାକୁ ପଡ଼ିଥାଏ । ତେଣୁ ସେଠାରେ ଏଆଇ ସମ୍ପୂର୍ଣ୍ଣ ଭାବେ ମଣିଷର ସ୍ଥାନ ନେଇପାରିବ ନାହିଁ । ଏହି କାରଣରୁ ନୂଆ ନିଯୁକ୍ତି ସୃଷ୍ଟି କରିବା କ୍ଷେତ୍ରରେ କ୍ଷୁଦ୍ର ଓ ମଧ୍ୟମ



ଉଦ୍ୟୋଗଗୁଡ଼ିକ ହିଁ ଆଗାମୀ ଦିନରେ ଅର୍ଥବ୍ୟବସ୍ଥାର ମୁଖ୍ୟ ଆଧାର ହେବେ । ଏଥିପାଇଁ କ୍ଷୁଦ୍ର ବ୍ୟବସାୟୀଙ୍କୁ ସହଜରେ ଋଣ ଯୋଗାଇଦେବା, ସରଳ ନିୟମାବଳୀ ପ୍ରଣୟନ କରିବା ଓଏନଡିସି ପରି ଡିଜିଟାଲ୍ ମାଧ୍ୟମ ସହ ଯୋଡ଼ିବା ଆବଶ୍ୟକ ।

ଏହା ବ୍ୟତୀତ ଭାରତ କେବଳ ଚିପ୍, ଡାଟା ସେଣ୍ଟର କିମ୍ବା ବଡ଼ ଏଆଇ ମଡେଲ୍ ତିଆରି କରିବା ପରି ଭିତ୍ତିଭୂମି ପ୍ରତିଯୋଗିତାରେ ନ ପଶି ଏଆଇର ବ୍ୟାବହାରିକ ବ୍ୟବହାର ଉପରେ ଅଧିକ ଧ୍ୟାନ ଦେବା ଉଚିତ୍ ବୋଲି ସେ ମତ ଦେଇଛନ୍ତି । ସେ କହିଛନ୍ତି ଯେ ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି କ୍ଷେତ୍ରରେ ସାଧାରଣ ଲୋକଙ୍କ ଜୀବନଧାରଣକୁ ସହଜ କରିବା ପାଇଁ ଏଆଇକୁ ବ୍ୟବହାର କରାଯିବା ଦରକାର । ବିଶେଷ କରି ଇଂରାଜୀ ବଦଳରେ ଭାରତୀୟ ଆଞ୍ଚଳିକ ଭାଷା ଓ ଭଏସ୍ ଜରିଆରେ ଏଆଇ ଚଲାଇବାର ସୁବିଧା ହେଲେ ଦେଶର କୋଟି କୋଟି ନାଗରିକ ଏହାର ପ୍ରକୃତ ଫାଇଦା ପାଇପାରିବେ । କର୍ମଚାରୀଙ୍କ ସୁରକ୍ଷା ବିଷୟରେ ଆଲୋଚନା କରି ନିଲେକାନି କହିଛନ୍ତି ଯେ ଆଜିକାଲି ଲୋକମାନେ ପ୍ରାୟତଃ ଚାକିରି ବଦଳାଉଛନ୍ତି ଏବଂ ଗିଗ୍ କାମ ବଢ଼ୁଛି । ଏପରି ପରିସ୍ଥିତିରେ ଜଣେ ଶ୍ରମିକ କିମ୍ବା କର୍ମଚାରୀ ଗୋଟିଏ କମ୍ପାନି ଛାଡ଼ି ଅନ୍ୟ କମ୍ପାନିକୁ ଗଲେ ମଧ୍ୟ ତାଙ୍କର ପେନ୍‌ସନ୍, ସଞ୍ଚୟ, ବୀମା, ସ୍ୱାସ୍ଥ୍ୟସେବା ଏବଂ କାର୍ଯ୍ୟ ଅନୁଭବ ଯେପରି ସୁରକ୍ଷିତ ରହି ସାଙ୍ଗରେ ଯାଇପାରିବ ସେଥିପାଇଁ ଏକ ସାର୍ବଜନୀନ ଡିଜିଟାଲ୍ ବ୍ୟବସ୍ଥା ନିର୍ମାଣ କରିବା ଅତ୍ୟନ୍ତ ଜରୁରୀ ।

## 'ଗୋବରଧନ' ଯୋଜନା ପାଇଁ ମୋଟ୍ ଅଟକଳ ୨୩,୭୩୧ କୋଟି

ନୂଆଦିଲ୍ଲୀ, (ପିଆଇବି) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ କମିଟି ବୈଠକରେ କମ୍ପ୍ରେସ୍‌ଡ ବାୟୋଗ୍ୟାସ୍ ପାଇଁ ଗୋବରଧନ ଯୋଜନାକୁ ଅନୁମୋଦନ କରାଯାଇଛି । ୨୦୨୬-୨୭ରୁ ୨୦୩୫-୩୫ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନାର ମୋଟ୍ ଅଟକଳ ୨୩,୭୩୧ କୋଟି ଟଙ୍କା ରହିଛି । ଏହି ଯୋଜନାରେ କୃଷି ବଳକା, ଗୋବର, ମୁନିସପାଲିଟି ଅର୍ଗାନିକ ବର୍ଜ୍ୟ ଆଦିରୁ ସ୍ୱଚ୍ଛ ଇନ୍ଧନ ଉତ୍ପାଦନ କରାଯିବ । ଏହା ଅଧୀନରେ ଘରୋଇ କମ୍ପ୍ରେସଡ୍ ବାୟୋଗ୍ୟାସ୍ ଉତ୍ପାଦନରେ ୧୦ ଗୁଣା ବୃଦ୍ଧି ଆଣିବାକୁ ଲକ୍ଷ୍ୟ ରଖାଯାଇଛି । ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ପ୍ରାକୃତିକ ଗ୍ୟାସ୍ ଭଳି ସମାନ ଭାବେ ବାୟୋଗ୍ୟାସ୍ ପ୍ରଭାବଶାଳୀ । ତେଣୁ ଏହା ଘରେ ଅନ୍ୟ ଗ୍ୟାସ୍‌ର ସ୍ଥାନ ନେଇପାରିବ । ପ୍ରତିଟି କମ୍ପ୍ରେସ୍‌ଡ ବାୟୋଗ୍ୟାସ୍ (ସିବିଜି) ପ୍ଲାଣ୍ଟ ଦ୍ୱାରା ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହେବ । ଏହି ଯୋଜନାରେ ପ୍ରକଳ୍ପ ପାଇଁ ପୁଞ୍ଜି ସହାୟତା ପ୍ରଦାନ କରିବା, ପାଇପ୍‌ଲାଇନ ଭିତ୍ତିଭୂମି ବିକାଶ କରିବା ଓ ଋଣ ଗ୍ୟାରେଣ୍ଟି ସହାୟତା ମଧ୍ୟ ଦିଆଯିବ ।

# ଲକ୍ଷ୍ମୀପୁର ଖେରିରେ କୃଷକଙ୍କୁ ଗାଡ଼ି ମଡ଼ାଇ ମାରିବା ଘଟଣା ଅଭିଯୁକ୍ତ ଆଶିଷ ମିଶ୍ରାଙ୍କୁ ମିଳିଲାନି ଜାମିନ

ନୂଆଦିଲ୍ଲୀ : ଲଖୀମପୁର ଖେରୀ (୨୦୨୧) ହିଂସା ମାମଲାର ମୁଖ୍ୟ ଅଭିଯୁକ୍ତ ଆଶୀଷ ମିଶ୍ରଙ୍କୁ ସୁପ୍ରିମକୋର୍ଟରୁ ବଡ଼ ଝଟକା । ଜାମିନର ସର୍ତ୍ତରେ ଆହୁରି କୋହଳ କରିବାକୁ ସୁପ୍ରିମକୋର୍ଟ ଗୁରୁବାର (ଅଗଷ୍ଟ ୬) ମନା କରିଦେଇଛନ୍ତି । ନ୍ୟାୟମୂର୍ତ୍ତି ସୂର୍ଯ୍ୟକାନ୍ତ, ନ୍ୟାୟମୂର୍ତ୍ତି ଜୟମାଲ୍ୟ ବାଗଚୀ ଏବଂ ନ୍ୟାୟମୂର୍ତ୍ତି ଭି. ମୋହନାଙ୍କ ଖଣ୍ଡପୀଠ ସେହି ଆବେଦନକୁ ଖାରଜ କରିଛନ୍ତି, ଯେଉଁଥିରେ ଜାମିନର ସର୍ତ୍ତକୁ କୋହଳ କରିବା ସହ ପାରିବାରିକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ନିଜ ପୈତୃକ ସ୍ଥାନକୁ ଯିବାକୁ ଅନୁମତି ମାଗା ଯାଇଥିଲା । ଆଶୀଷ ମିଶ୍ରଙ୍କ ପକ୍ଷରୁ ଓକିଲ କହିଥିଲେ ଯେ, ବର୍ତ୍ତମାନର କଟକଣା ଯୋଗୁଁ ସେ ନିଜ ଝିଅଙ୍କ ଜନ୍ମଦିନ ପାଳନ ସମେତ ବିଭିନ୍ନ ପାରିବାରିକ କାର୍ଯ୍ୟକ୍ରମରେ ଯୋଗଦେଇ ପାରୁନାହାନ୍ତି । ଏହାର ଜବାବରେ ପ୍ରଧାନ ବିଚାରପତି କହିଥିଲେ, "ଏହି ମାମଲାରେ ବିଚାର କରିବା ପାଇଁ କୌଣସି ଆଧାର ନାହିଁ । ତେଣୁ ଆବେଦନକୁ ଖାରଜ କରାଯାଉଛି ।" ଶୁଣାଣି ସମୟରେ ପୀଡ଼ିତ କୃଷକମାନଙ୍କ ପକ୍ଷରୁ ଉପସ୍ଥିତ ବରିଷ୍ଠ



ଆଇନଜୀବୀ ପ୍ରଶାନ୍ତ ଭୂଷଣ ମଧ୍ୟ ମାମଲାର ବିଚାର ପ୍ରକ୍ରିୟାକୁ ନେଇ ଚିନ୍ତା ପ୍ରକାଶ କରିଥିଲେ ।

ଲଖୀମପୁର ଖେରୀ ହିଂସା ମାମଲାର ଶୁଣାଣି ବେଳେ ପୀଡ଼ିତ କୃଷକମାନଙ୍କ ପକ୍ଷରୁ ଉପସ୍ଥିତ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଟ୍ରାଏଲ୍ ପ୍ରକ୍ରିୟାକୁ ନେଇ ଗୁରୁତର ପ୍ରଶ୍ନ ଉଠାଇଛନ୍ତି । ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ସେ ଅଭିଯୋଗ କରିଛନ୍ତି ଯେ ମାମଲାର ଦ୍ରୁତ ଶୁଣାଣି କାରଣରୁ ଅନେକ ଗୁରୁତ୍ୱପୂର୍ଣ୍ଣ ସାକ୍ଷୀ, ଯାହାଙ୍କ ମଧ୍ୟରେ ପ୍ରତ୍ୟକ୍ଷଦର୍ଶୀ ସାକ୍ଷୀ ମଧ୍ୟ ଅଛନ୍ତି, ସେମାନଙ୍କୁ ସାକ୍ଷୀ ତାଲିକାରୁ ବାଦ ଦିଆଯାଉଛି । ପ୍ରଶାନ୍ତ ଭୂଷଣ କହିଛନ୍ତି ଯେ ଟ୍ରାଏଲ୍ କେମିତି ଚାଲିଛି ତାହା ନେଇ ମଧ୍ୟ ସମସ୍ୟା ରହିଛି । ସେ କହିଥିଲେ, ଅନେକ ଗୁରୁତ୍ୱପୂର୍ଣ୍ଣ ସାକ୍ଷୀଙ୍କୁ ପରଦିନ ହାଜର ହେବାକୁ କୁହାଯାଉଛି । କିନ୍ତୁ ସେମାନେ କୌଣସି କାରଣରୁ ପରଦିନ ଆସିପାରିନଥିଲେ, ସେମାନଙ୍କୁ ସିଧାସଳଖ ସାକ୍ଷୀ ତାଲିକାରୁ ବାଦ ଦିଆଯାଉଛି । ଭୂଷଣ କହିଥିଲେ ଯେ ସେ ଏହି ପ୍ରସଙ୍ଗଗୁଡ଼ିକୁ ନେଇ ଏକ ଆବେଦନ ଦାଖଲ କରିବାକୁ ଚାହୁଁଛନ୍ତି । ଏହାର ଜବାବରେ ପ୍ରଧାନ ବିଚାରପତି କହିଥିଲେ ଯେ ଏଭଳି ଅଭିଯୋଗ ପ୍ରଥମେ ଟ୍ରାଏଲ୍ କୋର୍ଟ ସମ୍ମୁଖରେ ଉଠାଇବା ଉଚିତ । ଖଣ୍ଡପୀଠ କହିଥିଲେ ଯେ ସମ୍ପୃକ୍ତ ସାକ୍ଷୀମାନେ କାହିଁକି ଗୁରୁତ୍ୱପୂର୍ଣ୍ଣ ଏବଂ କେଉଁ ପ୍ରସଙ୍ଗ ସହ ଜଡ଼ିତ, ତାହା ଟ୍ରାଏଲ୍ କୋର୍ଟକୁ ଜଣାଇବା ଦରକାର । ଭୂଷଣ ଆହୁରି କହିଥିଲେ ଯେ କିଛି ଦଲିଲର ଅନୁବାଦ କାମ ଚାଲିଛି । ସେ ଏକ ଅଲଗା ମାମଲାର ଉଲ୍ଲେଖ କରି କହିଥିଲେ ଯେ ଜଣେ ବ୍ୟକ୍ତିଙ୍କ ବିରୋଧରେ ସାକ୍ଷୀଙ୍କୁ ପ୍ରଭାବିତ କରିବା ଅଭିଯୋଗରେ ଚାର୍ଜଶିଟ୍ ଦାଖଲ ହୋଇଥିଲା । ଯେଉଁ ସାକ୍ଷୀଙ୍କୁ ଧମକ ଦିଆଯାଇଥିବା ଅଭିଯୋଗ ଥିଲା, ପରେ ତାଙ୍କୁ ସାକ୍ଷୀ ତାଲିକାରୁ ବାଦ ଦିଆଯାଇଥିଲା । ବର୍ତ୍ତମାନ ସେ ଟ୍ରାଏଲରେ ସାମିଲ ହେବା ପାଇଁ ଆବେଦନ କରିଛନ୍ତି । ଏହା ଉପରେ ଖଣ୍ଡପୀଠ ବିଚାର କରିବେ ବୋଲି କହିଛନ୍ତି । ସୂଚନାଯୋଗ୍ୟ ଯେ, ୩ ଅକ୍ଟୋବର ୨୦୨୧ରେ ଉତ୍ତର ପ୍ରଦେଶର ଲଖୀମପୁର ଖେରୀ ଜିଲ୍ଲାର ତିକୁନିଆ ଅଞ୍ଚଳରେ ତତ୍କାଳୀନ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟଙ୍କ ଗସ୍ତକୁ ବିରୋଧ କରି କୃଷକମାନେ ପ୍ରଦର୍ଶନ କରୁଥିଲେ । ସେହି ସମୟରେ ଏକ ଏସୟୁଭି ଗାଡ଼ି ଚାରିଜଣ କୃଷକଙ୍କୁ ଧକ୍କା ଦେଇ ଚାପି ଦେଇଥିବା ଅଭିଯୋଗ ହୋଇଥିଲା । ପରବର୍ତ୍ତୀ ହିଂସାରେ ମୋଟ ୮ ଜଣଙ୍କ ମୃତ୍ୟୁ ଘଟିଥିଲା । ଏଥିରେ ଚାରିଜଣ କୃଷକ, ଜଣେ ଚାଳକ, ଦୁଇଜଣ ବିଜେପି କର୍ମୀ ଓ ଜଣେ ସାମ୍ବାଦିକ ଅନ୍ତର୍ଭୁକ୍ତ ଥିଲେ ।

# ବୈଭବଙ୍କ ଉପରେ ପଡ଼ିପାରେ ଅତିରିକ୍ତ ଚାପ

ନୂଆଦିଲ୍ଲୀ,୦୬/୦୮: ବୈଭବ ସୂର୍ଯ୍ୟବଂଶୀଙ୍କୁ ନେଇ ଏବେ ସବୁଠି ଚର୍ଚ୍ଚା । କିଛି ଦିନ ତଳେ ସେ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିଲେ । ମାତ୍ର ୧୫ବର୍ଷରେ ଟି୨୦ମୁକାବିଲା ଖେଳି ଇତିହାସ ରଚିଥିଲେ । ସର୍ବକନିଷ୍ଠ ଖେଳାଳି ଭାବେ ତାଙ୍କର ଏହି ରେକର୍ଡ ଅନେକ ବର୍ଷ ଯାଏଁ ଅନବ୍ରେକେବଲ୍ ରହିବା ନିଶ୍ଚିତ । ନିକଟରେ ଜିମ୍ବାୱେ ବିପକ୍ଷ ଟି୨୦ସିରିଜରେ ବୈଭବ ଦମଦାର ବ୍ୟାଟିଂ କରିଥିଲେ । ମ୍ୟାନ୍ ଅଫ୍ ଦି ସିରିଜ୍ ପୁରସ୍କାର ତାଙ୍କୁ ମିଳିଥିଲା । ଏବେ ତାଙ୍କୁ ଆଉ ଏକ ବଡ ଦାୟିତ୍ୱ ମିଳିଛି ।

ଦୁଲୀପ ଟ୍ରଫି ଟୁର୍ଣ୍ଣାମେଣ୍ଟରେ ବୈଭବଙ୍କୁ ଇଷ୍ଟ୍ ଜୋନ୍ ଟିମରେ ଜାଗା ମିଳିଛି । ଖାଲି ଜାଗା ମିଳିନି ସେ ଉପ ଅଧିନାୟକ ଦାୟିତ୍ୱ ତୁଲାଇବେ । ଟିମର ନେତୃତ୍ୱ ନେବେ ଇଶାନ କିଷାନ । ଯାହାକୁ ନେଇ ବିବାଦ ଦେଖାଦେଇଛି । କେହି କେହି ଏହାକୁ ପସନ୍ଦ କରୁଥିବା ବେଳେ ଆଉ କେହି ନାପସନ୍ଦ କରିଛନ୍ତି ।

ଇଷ୍ଟ୍ ଜୋନର ଚୟନକର୍ତ୍ତା ପ୍ରରଞ୍ଜନ୍ ମଲିକ କହିଛନ୍ତି ଯେ, ବୈଭବଙ୍କୁ ଦାୟିତ୍ୱ ଦେଲେ ସେ ଅଧିକ ପରିପକ୍ୱ ହେବେ । ଫଳରେ ଭବିଷ୍ୟତରେ ସେ ଭାରତୀୟ ଦଳର ଅଧିନାୟକ ମଧ୍ୟ ହୋଇପାରିବେ । ଇଶାନ କିଷାନ ୱିକେଟ୍



କିପର୍ ରହିବେ । ସେ ହିଁ ସମସ୍ତ ମୁଖ୍ୟ ନିଷ୍ପତ୍ତି ନେବେ । ତେଣୁ ବୈଭବଙ୍କ ଉପରେ ବେଶି ବୋଝ ପଡିବ ନାହିଁ । କିନ୍ତୁ ପ୍ରରଞ୍ଜନଙ୍କ ବୟାନ ପରେ ବି ଅନେକ ପ୍ରଶ୍ନ ସୃଷ୍ଟି ହେଉଛି ।

ଦେଖିବାକୁ ଗଲେ ଏତେ ଶୀଘ୍ର ଆଗକୁ ବଢିବା ବୈଭବଙ୍କ ପାଇଁ ଠିକ୍ ନୁହେଁ । ତାଙ୍କର କଳା ଏବଂ ସ୍କିଲ୍ ଉପରେ କାହାରି ସନ୍ଦେହ ନାହିଁ । ସେ ଯେଉଁଳି ଭାବେ ବଲକୁ ଟାଇମ୍ କରନ୍ତି ତାହା ଖୁବ୍ ଚମତ୍କାର । ହେଲେ ଅଧିନାୟକ କିମ୍ବା ଉପ ଅଧିନାୟକ ପଦ କେବଳ ଏକ ଦାୟିତ୍ୱ କିମ୍ବା ପୁରସ୍କାର ନୁହେଁ ବରଂ ଏହା ରଣନୀତିକୁ ବୁଝିବା, ବିରୋଧୀଙ୍କ ଚାଲକୁ ମାତ୍ ଦେବା ଏବଂ ଧୈର୍ଯ୍ୟ ରଖିବାର କଳା । ଯେଉଁ ବୟସରେ ବୈଭବଙ୍କ ନଜର କେବଳ ଖେଳ ଉପରେ ରହିବା କଥା ସେହି ବୟସରେ ସେ ଉପ ଅଧିନାୟକ ଦାୟିତ୍ୱ ନେଲେ ମାନସିକ ଚାପ ବଢିବ ।ରେକର୍ଡ ଉପରେ ନଜର ପକାଇଲେ ଆଇପିଏଲରେ ବୈଭବଙ୍କ ଷ୍ଟ୍ରାଇକ୍ ରେଟ୍୨୦୦ଉପରେ ରହିଛି । କିନ୍ତୁ ରେଡ୍ ବଲ କ୍ରିକେଟରେ ତାଙ୍କ ଆଭରେଜ୍ ଏବେବି୧୭-୧୮ରହିଛି । ଏଥିରୁ ଚାରି ଦିବସୀୟ ଖେଳରେ ସେ ଅନେକ କିଛି ଶିଖିବା ବାକି ରହିଥିବା ଜଣାପଡେ । ଖେଉଁଠି କାହାକୁ ଫିଲ୍ଡିଂ ଦିଆଯିବ, କିଏ ବୋଲିଂ କରିବ ତାହା ଶିଖିବା ସହଜ କଥା ନୁହେଁ ।

ଉପ ଅଧିନାୟକ ପୋଷ୍ଟ୍ ଦେଇ ଚୟନକର୍ତ୍ତା ବୈଭବଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରୁଥିବା ଯୁକ୍ତି କରୁଛନ୍ତି । କିନ୍ତୁ ସେ ଏବେ ମାତ୍ର୧୫ବର୍ଷର ଅଟନ୍ତି । କଣ ବିସିସିଆଇ ତାଙ୍କୁ୧୮ବର୍ଷ ବୟସରେ ଟିମ୍ ଇଣ୍ଡିଆ ଅଧିନାୟକ କରିବ କି ବୋଲି କେହି କେହି ପଚାରୁଛନ୍ତି । ଯଦି ଏବେଠୁ ତାଙ୍କ ମୁଣ୍ଡରେ ଲିଡରସିପ୍ ଭର୍ତ୍ତି କରାଯାଏ ସେ ଖେଳ ଉପରେ ଫୋକସ କରିପାରିବେ ନାହିଁ । ଇତିହାସ ସାକ୍ଷୀ ଅଛି ଯେ, ବିସିସିଆଇ ପରବର୍ତ୍ତୀ ସଚିନ ତେନ୍ଦୁଲକର ଗଢିବା ପାଇଁ ଅନେକ ପ୍ରତିଭାଙ୍କୁ ଦାବି ଦେଇଛି । କିଛି ଦିନ ଭଲ ଖେଳିବା ପରେ ଅନେକ ଭଲ ବ୍ୟାଟର ଏବେ ହଜି ଗଲେଣି । ପୃଥ୍ୱୀ ଶାହ କମ୍ ବୟସରୁ କିଛି ସଫଳତା ପାଇଥିଲେ । ଏହାପରେ କିନ୍ତୁ ସେ ଖେଳରେ ମନ ଦେଲେନି । ଯାହା ପରେ ତାଙ୍କର ପତନ ଆରମ୍ଭ ହୋଇଯାଇଥିଲା । ବୈଭବଙ୍କ ସହ ଏପରି ନଘଟୁ ବୋଲି ଫ୍ୟାନ୍ସମାନେ ଆଶା କରୁଛନ୍ତି ।

## ଅଭ୍ୟାସବେଳେ ଗିଲ୍ ଆହତ

ନୂଆଦିଲ୍ଲୀ,୬।୮: ଶୁବମନ ଗିଲଙ୍କ ନେତୃତ୍ୱରେ ଟିମ ଇଣ୍ଡିଆ ଅଗଷ୍ଟ ୧୫ରୁ ଶ୍ରୀଲଙ୍କାରେ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାକୁ ଯାଉଛି । ଏହା ପୂର୍ବରୁ, 'ମେନ ଇନ ବ୍ଲୁ' ଅଗଷ୍ଟ ୭ ରୁ ଶ୍ରୀଲଙ୍କା ଏକାଦଶ ବିପକ୍ଷରେ ଏକ ତିନି ଦିନିଆ ମ୍ୟାଚ ଖେଳିବ । ତଥାପି, ସିରିଜ ଏବଂ ଅଭ୍ୟାସ ମ୍ୟାଚ ପୂର୍ବରୁ ଭାରତୀୟ ଅଧିନାୟକ ଶୁବମନ ଗିଲଙ୍କ ଆଘାତ ଚିନ୍ତାର କାରଣ ହୋଇଛି । ରିପୋର୍ଟ ଅନୁଯାୟୀ, ଦଳ କଲମ୍ବୋରେ ଅଭ୍ୟାସ କରୁଥିବା ସମୟରେ ଗିଲ ତାଙ୍କ ଡାହାଣ ହାତର ଆଙ୍ଗୁଠିରେ ଆଘାତ ପାଇଥିଲେ । ଏହି ଆଘାତ ଏତେ ଗୁରୁତ୍ୱପୂର୍ଣ୍ଣ ଥିଲା ଯେ ତାଙ୍କୁ ବ୍ୟାଟିଂ ବନ୍ଦ କରିବାକୁ ଏବଂ ଡାକ୍ତରୀ ଦଳର ଧ୍ୟାନ ଆକର୍ଷଣ କରିବାକୁ ବାଧ୍ୟ କରିଥିଲା । କିନ୍ତୁ ଏକ ସକାରାତ୍ମକ କଥା ହେଉଛି, ଚିକିତ୍ସା ପରେ ଗିଲ ପୁଣି ବ୍ୟାଟିଂ ଆରମ୍ଭ କରିବାକୁ ନେଟ୍ସକୁ ଫେରିଥିଲେ । ଆଘାତକୁ ଗୁରୁତର ବୋଲି ବିବେଚନା କରାଯାଇ ନାହିଁ; ତଥାପି, ଏହା ସ୍ପଷ୍ଟ ନୁହେଁ ଯେ ସେ ପ୍ରଥମ ଟେଷ୍ଟ କିମ୍ବା ଅଭ୍ୟାସ ମ୍ୟାଚ ହରାଇବେ କି ନାହିଁ ।

ରିପୋର୍ଟ ଅନୁଯାୟୀ, ଫିଲ୍ଡିଂ ଅଭ୍ୟାସ ସମୟରେ ବଲ ବାଜିବା ପରେ ଗିଲଙ୍କ ହାତରେ ଆଘାତ ଲାଗିଥିଲା । ପରେ ସେ ଡାକ୍ତରୀ ଦଳ ସହିତ ପରାମର୍ଶ କରିଥିଲେ । ଘଟଣା ପରେ ସେ ଫିଲ୍ଡିଂ ଦାୟିତ୍ୱରେ ଫେରିଲେ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ ।

ବର୍ତ୍ତମାନ ପର୍ଯ୍ୟନ୍ତ, ଗିଲ ସିରିଜରେ କୌଣସି ମ୍ୟାଚ ହରାଇବେ କି ନାହିଁ ସେ ବିଷୟରେ କୌଣସି ସରକାରୀ ନିଶ୍ଚିତକରଣ ନାହିଁ । ତଥାପି, ପ୍ରଶ୍ନ ଉଠୁଛି: ଯଦି ଗିଲ ଖେଳିପାରିବେ ନାହିଁ ତେବେ କିଏ ଅଧିନାୟକ ଦାୟିତ୍ୱ ନେବେ ସୂଚନାଯୋଗ୍ୟ, ୱିକେଟକିପର କେଏଲ ରାହୁଲଙ୍କୁ ଗିଲଙ୍କ ଉପ-ଅଧିନାୟକ ଭାବରେ ନିଯୁକ୍ତ କରାଯାଇଛି , ତେଣୁ ଗିଲଙ୍କ ଅନୁପସ୍ଥିତିରେ ସେ ଦଳର ଦାୟିତ୍ୱ ନେବେ ।

## ଦିନିକିଆ ବିଶ୍ୱକପ୍ ୨୦୨୭

# ଫେବ୍ରୁଆରୀରୁ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ

ଦୁବାଇ, ୦୬/୦୮: ଆସନ୍ତା ବର୍ଷ ଆୟୋଜିତ ହେବ ଦିନିକିଆ ବିଶ୍ୱକପ୍ । ଏହା ପୂର୍ବରୁ ଆଇସିସି ଏକ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବ ।




ଆସନ୍ତା ଫେବ୍ରୁଆରୀ ୨୨ ତାରିଖରୁ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇ ମାର୍ଚ୍ଚ ୨୩ ତାରିଖରେ ଶେଷ ହେବ । ମୋଟ୍ ୧୦ଟି ଦଳକୁ ନେଇ ଆୟୋଜିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ଦଳ ବିଶ୍ୱକପକୁ ସିଧା ସଳଖ ଯୋଗ୍ୟତା ଅର୍ଜନ କରିବ । ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନ ଦଖଲ କରିଥିବା ଦଳ ବିଶ୍ୱକପ୍ର ପ୍ରଥମ ରାଉଣ୍ଡ ଖେଳିବେ । ଏହି ରାଉଣ୍ଡର ନାମ ରଖା ଯାଇଛି ସୁପର ସିରିଜ । ସୁପର ସିରିଜର ଚାମ୍ପିଅନ ଦଳ ବିଶ୍ୱକପ୍ର ମୁଖ୍ୟ ଡ୍ର'ରେ ପ୍ରବେଶ କରିବେ ।ଏଥର ବିଶ୍ୱକପ୍ ପାଇଁ ପ୍ରସ୍ତୁତ କରାଯାଇଥିବା ଫର୍ମାଟ୍ ଅନୁଯାୟୀ ମୋଟ୍ ୧୪ଟି ଦେଶ ବିଶ୍ୱକପ୍ରେ ଭାଗ ନେବେ । ମାନ୍ୟତା ତାଲିକାର ୧ରୁ ୧୦ ମଧ୍ୟରେ ରହିଥିବା ଦଳ ସିଧା ସଳଖ ବିଶ୍ୱକପ୍ ଟିକେଟ୍ ହାସଲ କରିବେ । ବାକି ୪ଟି ଦଳ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରୁ ବିଶ୍ୱକପ୍ରେ ପ୍ରବେଶ କରିବେ ।

ବିଶ୍ୱକପ୍ର ୧୪ତମ ସଂସ୍କରଣକୁ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମିବିୟା ମିଳିତ ଭାବେ ଆୟୋଜନ କରୁଛନ୍ତି । ମୋଟ୍ ୧୪ଟି ଦଳକୁ ନେଇ ବିଶ୍ୱକପ୍ ଆୟୋଜନ କରାଯିବ । ଏଥର ବିଶ୍ୱକପ୍ରେ ମୋଟ୍ ୫୭ଟି ମ୍ୟାଚ ରହିଛି । ୩ଆୟୋଜକ ଦେଶର ୮ଟି ସହରରେ ସମସ୍ତ ମ୍ୟାଚ ଆୟୋଜନ କରାଯିବ । ଦକ୍ଷିଣ ଆଫ୍ରିକାର ୮ଟି, ଜିମ୍ବାୱେର ୩ଟି ଓ ନାମିବିୟାର ଗୋଟିଏ ଷ୍ଟାଡିୟମ୍ରେ ଖେଳାଯିବ ସମସ୍ତ ମ୍ୟାଚ । ୧୦ଟି ଦଳକୁ ନେଇ ଯୋଗ୍ୟତା ପର୍ଯ୍ୟାୟ ଖେଳାଯିବ । ଚାମ୍ପିଅନ ଦଳ ସିଧା ସଳଖ ମୁଖ୍ୟ ଡ୍ର'କୁ ଉନ୍ନୀତ ହେବେ । ମୁଖ୍ୟ ଡ୍ର'ରେ ଦଳ ସଂଖ୍ୟା ୧୧ରେ ପହଞ୍ଚିବ । ଏହାପରେ ୩ଟି ପର୍ଯ୍ୟାୟରେ ବିଶ୍ୱକପ୍ ଖେଳାଯିବ । ଯୋଗ୍ୟତା ପର୍ଯ୍ୟାୟରେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ସ୍ଥାନ ଦଖଲ କରିଥିବା ୩ଟି ଦଳ ମଧ୍ୟରେ ଏକ ସୁପର ସିରିଜ ଖେଳାଯିବ । ବିଜୟୀ ଦଳ ମୁଖ୍ୟ ଡ୍ର'ରେ ପ୍ରବେଶ କରିବେ । ମାନ୍ୟତାର ୧ରୁ ୧୧ ମଧ୍ୟରେ ରହିଥିବା ଦଳଗୁଡିକ ସହ ସୁପରସିରିଜ ବିଜେତା ଯୋଗ ଦେବେ । ୧୨ଟି ଦଳକୁ ୨ଟି ଗ୍ରୁପରେ ଭାଗ କରାଯିବ । ପ୍ରତି ଗ୍ରୁପ୍ରେ ୬ଟି ଲେଖାଏଁ ଦଳ ରହିବେ । ରାଉଣ୍ଡ ରବିନ ଫର୍ମାଟରେ ଗ୍ରୁପ୍ ପର୍ଯ୍ୟାୟ ଖେଳାଯିବ । ଉଭୟ ଗ୍ରୁପ୍ରୁ ଶ୍ରେଷ୍ଠ ୩ଟି ଲେଖାଏଁ ଦଳ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହେବେ । ଏମାନଙ୍କ ସହ ଶ୍ରେଷ୍ଠ ଚତୁର୍ଥ ସ୍ଥାନରେ ରହିଥିବା ଦଳ ମଧ୍ୟ ପରବର୍ତ୍ତୀ ରାଉଣ୍ଡ୍ରେ ପ୍ରବେଶ କରିବ । ଫଳରେ ମୋଟ୍ ୭ଟି ଦଳକୁ ନେଇ ସୁପର ସେଭେନ ରାଉଣ୍ଡ ଖେଳାଯିବ । ଏହି ରାଉଣ୍ଡ୍ରେ ମୋଟ୍ ୨୧ଟି ମ୍ୟାଚ ରହିଛି । ଶେଷରେ ଶ୍ରେଷ୍ଠ ୪ଟି ଦଳ ସେମି ଫାଇନାଲ୍ରେ ପ୍ରବେଶ କରିବେ ।

## ଜାତୀୟ କନିଷ୍ଠ ହକି: ଫାଇନାଲ୍ରେ ଓଡିଶା

କୋଏମ୍ବାଟୁର,୬।୮: ଏଠାରେ ଚାଲିଥିବା ଜାତୀୟ କନିଷ୍ଠ ପୁରୁଷ ହକି ପ୍ରତିଯୋଗିତାର ଫାଇନାଲ୍ରେ ଓଡିଶା ପ୍ରବେଶ କରିଛି । ଗୁରୁବାର କଡା ସଂଘର୍ଷପୂର୍ଣ୍ଣ ସେମିଫାଇନାଲ୍ରେ ଓଡିଶା ୬-୪ ଗୋଲ୍ରେ ପଞ୍ଜାବକୁ ପରାସ୍ତ କରିଛି । ମ୍ୟାଚ୍ର ସପ୍ତମ ଓ ଅଷ୍ଟମ ମିନିଟ୍ରେ ପଞ୍ଜାବ ଲଗାତାର ୨ଟି ଗୋଲ୍ ଲଦି ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା । ଅମନଦୀପ ଓ ମନଦୀପ ସିଂହ ଏହି ଦୁଇ ଗୋଲ୍ କରିଥିଲେ । ୧୧ତମ ମିନିଟ୍ରେ ଆଲୋକ କୁଜୁରଙ୍କ ଗୋଲ୍ରେ ଓଡିଶା ପ୍ରଥମ କ୍ୱାର୍ଟରକୁ ୧-୨ରେ ଶେଷ କରିଥିଲା । ଦ୍ୱିତୀୟ କ୍ୱାର୍ଟରରେ ବିକ୍ରମ ଓରାମ (୨୮ ମିନିଟ୍)ଙ୍କ ଗୋଲ୍ରେ ସ୍ଥିତି ସମାନ କରିଥିଲା ଓଡିଶା ।ତୃତୀୟ କ୍ୱାର୍ଟରରେ ଅଜୟ ପାଲ୍ (୩୪ ମିନିଟ୍)ଙ୍କ ଗୋଲ୍ରେ ପଞ୍ଜାବ ପୁଣି ଆଗୁଆ ହୋଇଯାଇଥିଲ । ୩୭ତମ ମିନିଟ୍ରେ ଅଧିନାୟକ ଦୀପକ ପ୍ରଧାନଙ୍କ ଫିଲ୍ଡ ଗୋଲ୍ରେ ସ୍ଥିତି ସମାନ ହୋଇଥିଲା । ୪୧ତମ ମିନିଟ୍ରେ ଓଡିଶାକୁ ମିଳିଥିବା ପେନାଲ୍ଟିକର୍ଣ୍ଣରକୁ ଗୋଲ୍ରେ ପରିଣତ କରି ବିକ୍ରମ ଓଡିଶାକୁ ଆଗୁଆ କରିଥିଲେ । ଏହାପର ମିନିଟ୍ରେ ଅମନଦୀପ (୪୨ ମିନିଟ୍) ବ୍ୟକ୍ତିଗତ ଦ୍ୱିତୀୟ ସଫଳତା ପାଇବା ସହ ସ୍ଥିତି ସମାନ କରିଥିଲେ ।

# ଓଡ଼ିଶାର ପ୍ରଥମ ମହିଳା ପର୍ବତାରୋହୀ ଦଳର ୟୁନାମ ଶିଖରକୁ ଐତିହାସିକ ଯାତ୍ରା

ଭୁବନେଶ୍ୱର,୬।୮: ଓଡ଼ିଶାର କ୍ରୀଡ଼ା ଇତିହାସରେ ଯୋଡ଼ି ହେବାକୁ ଯାଉଛି ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ । ରାଜ୍ୟର ପ୍ରଥମ ସମ୍ପୂର୍ଣ୍ଣ ମହିଳା ନେତୃତ୍ୱାଧୀନ ପର୍ବତାରୋହୀ ଦଳ ହିମାଚଳ ପ୍ରଦେଶର ୨୦,୧୦୦ ଫୁଟ ଉଚ୍ଚ ମାଉଣ୍ଟ ୟୁନାମ ଶିଖର ଆରୋହଣ ଭଳି ଏକ ଐତିହାସିକ ଅଭିଯାନରେ ସାମିଲ ହେବାକୁ ଯାଉଛି । ରାଜ୍ୟର ୧୧ ଜଣ ନିର୍ଭୀକ ମହିଳା ନିଜର ସାହସ, ଆତ୍ମବିଶ୍ୱାସ ଓ ଦେଶପ୍ରେମର ପ୍ରତୀକ ସ୍ୱରୂପ ହିମାଳୟ ଶିଖରରେ ୮୦ ମିଟର ଲମ୍ବ ଜାତୀୟ ପତାକା




ଉତ୍ତୋଳନ କରିବାର ସଙ୍କଳ୍ପ ନେଇ ଏହି ଅଭିଯାନ ଆରମ୍ଭ କରିଛନ୍ତି । ଆଜି ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍ର ଟେନିସ୍ ଅଡିଟୋରିଅମ୍ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ଅଭିଯାନର ଔପଚାରିକ ଘୋଷଣା କରାଯାଇଛି । କାର୍ଯ୍ୟକ୍ରମରେ ଆସୋସିଏସନ୍ ଫର୍ ଆଡ୍ଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟିଜ୍ର ସମ୍ପାଦକ ଗଣେଶ ଜେନା, ଉପ-ସଭାପତି ହରେଶ କୁମାର ମିଶ୍ର, ଅତିରିକ୍ତ ସଚିବ ସୁଧାକର ନାୟକ ଏବଂ ସଙ୍କେତ କମ୍ୟୁନିକେସନ୍ସର ପରିଚାଳନା ନିର୍ଦ୍ଦେଶକ ଶୁଭାଶିଷ ତ୍ରିପାଠୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ଆସୋସିଏସନ୍ ଫର୍ ଆଡ୍ଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟିଜ୍ (ଇଏଏସଏ) ଦ୍ୱାରା ଆୟୋଜିତ ଏବଂ ରାଜ୍ୟର ଅଗ୍ରଣୀ ବିଜ୍ଞାପନ, ଡିଜିଟାଲ୍ ଓ ଇଭେଣ୍ଟ୍ ମ୍ୟାନେଜମେଣ୍ଟ ସଂସ୍ଥା ସଙ୍କେତ କମ୍ୟୁନିକେସନ୍ସର ସହଯୋଗରେ ଏହି ଅଭିଯାନ ଅଗଷ୍ଟ ୭ ତାରିଖରେ ଭୁବନେଶ୍ୱରରୁ ଆରମ୍ଭ ହେବ । ୧୫ ଅଗଷ୍ଟ ଭାରତର ୮୦ତମ ସ୍ୱାଧୀନତା ଦିବସ ଅବସରରେ ଏହି ଦଳ ହିମାଚଳର ମାଉଣ୍ଟ ୟୁନାମ ଶିଖରରେ ପହଞ୍ଚି ୮୦ ମିଟର ତ୍ରିରଙ୍ଗା ଉତ୍ତୋଳନ କରିବ । ୧୧ ସଦସ୍ୟ ବିଶିଷ୍ଟ ଏହି ମହିଳା ଦଳରେ ୫ ଜଣ ଅଭିଜ୍ଞ ପର୍ବତାରୋହୀଙ୍କ ସହ ୫ ଜଣ ସଦସ୍ୟ ନୂତନ ଭାବେ ଯୋଗ ଦେଉଛନ୍ତି । ସେମାନଙ୍କ ମଧ୍ୟରେ ୧୩ ବର୍ଷୀୟା ଆରାଧ୍ୟା ଜେନାଙ୍କ ଉପସ୍ଥିତି ଏହି ଅଭିଯାନକୁ ଆହୁରି ସ୍ୱତନ୍ତ୍ରତା ପ୍ରଦାନ କରୁଅଛି, ଯାହାକି ଓଡ଼ିଶାର ନୂତନ ପିଢିର ସାହସ, ସ୍ୱପ୍ନ ଓ ଆତ୍ମବିଶ୍ୱାସର ପ୍ରତୀକ ।

ଅଭିଯାନଟି ହିମାଚଳ ପ୍ରଦେଶର ସୋଲାଙ୍ଗ ଉପତ୍ୟକା, ଜିସ୍ପା ଓ ଭରତପୁର ଦେଇ ପର୍ଯ୍ୟାୟକ୍ରମେ ଅଗ୍ରସର ହେବ । ଶିବିର-୧ ସ୍ଥାପନ ପରେ ଦଳ ଶିଖର ଆରୋହଣ ପାଇଁ ଶେଷ ପ୍ରସ୍ତୁତି କରିବ । ସମଗ୍ର ଅଭିଯାନରେ ସୁରକ୍ଷା, ଶୃଙ୍ଖଳା ଓ ପରିବେଶର ସୁରକ୍ଷା ଓ ଦଳଗତ ସହଯୋଗକୁ ଗୁରୁତ୍ୱ ଦିଆଯିବ ।ଦଳନେତ୍ରୀ ଅନିତା ସ୍ୱାଇଁ କହିଛନ୍ତି ଯେ, ଆମ ପାଇଁ ମାଉଣ୍ଟ ୟୁନାମ କେବଳ ଏକ ପର୍ବତ ଶିଖର ନୁହେଁ, ବରଂ ଓଡ଼ିଶାର ଆତ୍ମବିଶ୍ୱାସକୁ ହିମାଳୟର ଉଚ୍ଚତାରେ ପହଞ୍ଚାଇବାର ଏକ ସୁଯୋଗ । ରାଜ୍ୟର ପ୍ରତ୍ୟେକ ଯୁବତୀ ବଡ଼ ସ୍ୱପ୍ନ ଦେଖିବାର ସାହାସ ରଖନ୍ତୁ । ସ୍ୱାଧୀନତା ଦିବସରେ ୮୦ ମିଟର ତ୍ରିରଙ୍ଗାକୁ ପର୍ବତ ଶିଖରରେ ଉତ୍ତୋଳନ କରିବା ଆମ ଜାତି ପ୍ରତି ସର୍ବୋଚ୍ଚ ଶ୍ରଦ୍ଧାଞ୍ଜଳି ହେବ । 'ଆଶା'ର ସମ୍ପାଦକ ତଥା ପର୍ବତାରୋହୀ ଗଣେଶ ଜେନା କହିଛନ୍ତି ଯେ, ଗତ କିଛି ମାସ ଧରି ଦଳ ଫିଟ୍ନେସ୍, ସହନଶୀଳତା, ଉଚ୍ଚତା ଅନୁକୂଳ ଏବଂ ପର୍ବତାରୋହଣ ଶୃଙ୍ଖଳା ଉପରେ କଠିନ ପ୍ରଶିକ୍ଷଣ ନେଇଛି । ପ୍ରତ୍ୟେକ ପର୍ଯ୍ୟାୟ ପାଇଁ ସୁଚିନ୍ତିତ ଭାବେ ଯୋଜନା ପ୍ରସ୍ତୁତ କରାଯାଇଛି । ଦଳ ପୂର୍ଣ୍ଣ ଆତ୍ମବିଶ୍ୱାସ ଓ ଦାୟିତ୍ୱବୋଧ ସହ ଏହି ଚ୍ୟାଲେଞ୍ଜ୍ ପାଇଁ ପ୍ରସ୍ତୁତ । ସଙ୍କେତ କମ୍ୟୁନିକେସନ୍ସର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଶୁଭାଶିଷ ତ୍ରିପାଠୀ କହିଛନ୍ତି ଯେ, କିଛି ଯାତ୍ରା କେବଳ ପ୍ରଂଶସାର ନୁହେଁ, ଦୃଢ ସମର୍ଥନର ମଧ୍ୟ ହକ୍ଦାର । ଏହି ଅଭିଯାନ ସାହସ, ଦେଶପ୍ରେମ ଓ ଲକ୍ଷ୍ୟକୁ ଏକ ସୂତ୍ରରେ ବାନ୍ଧିଛି । ଆମର ବିଶ୍ୱାସ, ଏହି ମହିଳାମାନେ କେବଳ ଏକ ସଫଳ ଶିଖର ଆରୋହଣର କାହାଣୀ ନୁହେଁ ବରଂ ଓଡ଼ିଶା ଯୁବପିଢି ପାଇଁ ପ୍ରେରଣାର ଏକ ନୂତନ ଅଧ୍ୟାୟ ନେଇ ଫେରିବେ ।

# ସାକିବ ହଲ୍ ହାସନଙ୍କ ଘର ଉପରକୁ ପେଟ୍ରୋଲ ବୋମାମାଡ଼

ନୂଆଦିଲ୍ଲୀ,୬।୮: କିମ୍ବଦନ୍ତୀ ବାଂଲାଦେଶୀ କ୍ରିକେଟର ଏବଂ ପୂର୍ବତନ ଅଧିନାୟକ ସାକିବ ଅଲ ହାସନଙ୍କ ଘର ଉପରେ ପେଟ୍ରୋଲ ବୋମା ମାଡ଼ କରାଯାଇଛି । ବାଂଲାଦେଶର ସବୁଠାରୁ ସଫଳ କ୍ରିକେଟରମାନଙ୍କ ମଧ୍ୟରୁ ଜଣେ ସାକିବଙ୍କୁ ଦେଶରେ ବୁଧବାର ପୂର୍ବତନ ବାଂଲାଦେଶୀ ପ୍ରଧାନମନ୍ତ୍ରୀ ଶେଖ ହସିନା ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ । ଏଥିରେ ସାକିବ ଅଲ ହାସନ ଭର୍ଚୁଆଲ ଭାବରେ ଯୋଗ ଦେଇଥିଲେ । ଏହାର କିଛି ଘଣ୍ଟା ପରେ ସାକିବଙ୍କ ବାସଭବନରେ ଏକ ପେଟ୍ରୋଲ ବୋମା ଫିଙ୍ଗାଯାଇଛି । ବୋମା ବିସ୍ଫୋରଣ ବ୍ୟତୀତ ତାଙ୍କ ଘରେ ଭଙ୍ଗାରୁଜା କରିଥିଲେ ।



ସାକିବ ଅଲ ହାସନ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କ ନେତୃତ୍ୱାଧୀନ ରାଜନୈତିକ ଦଳ ଆୱାମୀ ଲିଗର ସଦସ୍ୟ । ସେ ମାଗୁରା-୧ ନିର୍ବାଚନମଣ୍ଡଳୀରୁ ଆୱାମୀ ଲିଗ ଟିକେଟରେ ୨୦୨୪ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ଏବଂ ସଫଳତାର ସହ ସଂସଦ ସଦସ୍ୟ ଭାବରେ ନିର୍ବାଚିତ ହୋଇଥିଲେ । ସେହି ବର୍ଷ ବାଂଲାଦେଶରେ ଏକ ଛାତ୍ର ଆନ୍ଦୋଳନ ବ୍ୟାପକ ଦଙ୍ଗାରେ ପରିଣତ ହୋଇଥିଲା । ସରକାର ବିରୋଧୀ ରାସ୍ତା ପ୍ରତିବାଦ ମଧ୍ୟରେ ପରିସ୍ଥିତି ଏତେ ଖରାପ ହୋଇଗଲା ଯେ, ପ୍ରଧାନମନ୍ତ୍ରୀ ଶେଖ ହସିନା ଦେଶ ଛାଡି ପଳାୟନ କରି ଭାରତରେ ଆଶ୍ରୟ ନେବାକୁ ବାଧ୍ୟ ହୋଇଥିଲେ । ସେହି ସମୟରେ ସେ ଏବଂ ତାଙ୍କର ଅନେକ ସମର୍ଥକ ଅଭିଯୋଗର ଏକ ଲମ୍ବା ତାଲିକାର ସମ୍ମୁଖୀନ ହୋଇଥିଲେ ।

ସାକିବ ଅଲ ହାସନଙ୍କୁ ମଧ୍ୟ ଏହି ଯାଞ୍ଚରୁ ବାଦ ଦିଆଯାଇ ନ ଥିଲା । ୨୦୨୪ର ହିଂସାତ୍ମକ ପ୍ରତିବାଦ ପରେ ତାଙ୍କୁ ରୁବେଲ ହୋସେନ ନାମକ ଜଣେ ବ୍ୟକ୍ତିଙ୍କ ହତ୍ୟା ପାଇଁ ପ୍ରୋତ୍ସାହିତ କରିବାର ଅଭିଯୋଗ କରାଯାଇଥିଲା । ଏଫଆଇଆରରେ ରୁବେଲଙ୍କ ବାପା ଅଭିଯୋଗ କରିଛନ୍ତି ଯେ, ସାକିବ ଅଲ ହାସନ ଏବଂ ଅନ୍ୟ ଆୱାମୀ ଲିଗ ନେତାଙ୍କ ନିର୍ଦ୍ଦେଶରେ ପ୍ରଦର୍ଶନକାରୀଙ୍କ ଉପରେ ଗୁଳିଚାଳନା କରାଯାଇଥିଲା । ଘଟଣା ସମୟରେ ସାକିବ ଅଲ ହାସନ ବାଂଲାଦେଶରେ ମଧ୍ୟ ନ ଥିଲେ । ସେ କାନାଡାରେ ଗ୍ଲୋବାଲ ଟି୨୦ ଲିଗ ଖେଳୁଥିଲେ ।

# ପରିବାର ସହ ସମୟ କାଟୁଛନ୍ତି ସୂର୍ଯ୍ୟକୁମାର

ନୂଆଦିଲ୍ଲୀ,୬।୮(ଏଜେନ୍ସି): ଆଇପିଏଲ୍ ପରେ ଭାରତୀୟ ଦଳରେ ସ୍ଥାନ ପାଉ ନଥିବା ଟ୍ୱେଣ୍ଟି-୨୦ ବିଶ୍ୱ ବିଜେତା ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏବେ ପରିବାର ସହ ବେଶୀ ସମୟ କାଟୁଛନ୍ତି । ଚଳିତ ମେ' ୭ ତାରିଖରେ ପ୍ରଥମ ଥର ପିତା ହୋଇଥିବା ସୂର୍ଯ୍ୟକୁମାର କ୍ରିକେଟ୍ ଅପେକ୍ଷା ଘରେ ଝିଅ ରିଦ୍ଧିମା ଓ ପତ୍ନୀ ଦେବୀଶା ସେଟ୍ଟୀଙ୍କ ସହ ଖୁସିର ମୁହୂର୍ତ୍ତ ବାଣ୍ଟିବାରେ ବ୍ୟସ୍ତ ରହୁଛନ୍ତି । କେତେବେଳେ ଝିଅ କାନ୍ଦୁଥିଲା ବେଳେ ବାହୁରେ ଧରି ବୁଝାଉଛନ୍ତି ତ କେତେବେଳେ ପାନିଆରେ ଝିଅର ଚୁଟି କୁଣ୍ଡାଇ ଦେଉଛନ୍ତି । ଏହା ବାଦ୍ ବେବି ୱାକର୍ରେ ଝିଅକୁ ବାହାରକୁ ବୁଲାଇବାକୁ ନେଉଛନ୍ତି । ଏହି ସବୁ ହୃଦୟସ୍ପର୍ଶୀ ମୁହୂର୍ତ୍ତର ଫଟୋ ସ୍କାଏ ସାମଜିକ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି । ଯାହାକୁ ପ୍ରଶଂସକମାନେ ଲାଇକ୍ କରିଛନ୍ତି । ଜୁଲାଇରେ ସୂର୍ଯ୍ୟକୁମାର ଓ ଦେବିଶା ବିବାହର ୧୦ ବର୍ଷ ପୂର୍ତ୍ତି ୨ମାସର ଝିଅ ସହ ପାଳନ କରିଥିଲେ ।

# ୧୧୦୫ ଦିନ ପରେ ପାକିସ୍ତାନର ଟେଷ୍ଟ ବିଜୟ

ନୂଆଦିଲ୍ଲୀ,୬।୮(ଏଜେନ୍ସି): ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ରେ ପାକିସ୍ତାନ ୱେଷ୍ଟଇଣ୍ଡିଜକୁ ୮ ଉଇକେଟ୍ରେ ପରାସ୍ତ କରିଛି । ଚତୁର୍ଥ ଇନିଂସ୍ରେ ମାତ୍ର ୭୪ ରନ୍ରେ ଲକ୍ଷ୍ୟ ପିଛା କରି ପାକିସ୍ତାନ ସହଜରେ ଲକ୍ଷ୍ୟ ହାସଲ କରିଛି । ଫଳସ୍ୱରୂପ, ଦୁଇ ମ୍ୟାଚ୍ର ଟେଷ୍ଟ ସିରିଜ ୧-୧ରେ ଡ୍ର' ହୋଇଥିଲା । ଯଦିଓ ସିରିଜ ସମାନ ସ୍ତରରେ ଶେଷ ହୋଇଥିଲା, ପାକିସ୍ତାନ ବିଦେଶୀ ମାଟିରେ ୧୧୦୫ ଦିନ ଧରି ଚାଲିଥିବା ବିଜୟହୀନ ଧାରା ଭାଙ୍ଗିଛି ।



ୱେଷ୍ଟଇଣ୍ଡିଜ ଦଳ ସେମାନଙ୍କର ପ୍ରଥମ ଇନିଂସ୍ରେ ୩୪୪ ରନ ସ୍କୋର କରିଥିଲା । ଜବାବରେ ଅବଦୁଲ୍ଲା ଶଫିକଙ୍କ ଐତିହାସିକ ଶତକ ବଳରେ ପାକିସ୍ତାନ ୩୮୭ ରନ କରିଥିଲା । ୪୩ ରନ୍ର ଅଗ୍ରଣୀ ହାସଲ କରିଥିଲା । ଦ୍ୱିତୀୟ ଇନିଂସ୍ରେ ଅଲି ଉସମାନ ଏବଂ ସାଜିଦ ଖାନ ମିଳିତ ଭାବରେ ୮ ଉଇକେଟ ନେଇ କାରିବିଆନ ଦଳକୁ ୧୧୭ ରନ୍ରେ ଅଲଆଉଟ କରିଥିଲେ । ପାକିସ୍ତାନକୁ ମାତ୍ର ୭୪ ରନ୍ର ଲକ୍ଷ୍ୟ ଦିଆଯାଇଥିଲା । ବାବର ଆଜମ ଏବଂ ଅବଦୁଲ୍ଲା ଶଫିକ ପ୍ରତ୍ୟେକ ୨୪ ରନ୍ରେ ଅପରାଜିତ ରହିଥିଲେ ।

ପ୍ରାୟ ତିନି ବର୍ଷ ଧରି, ପାକିସ୍ତାନ ଦଳ ବିଦେଶୀ ମାଟିରେ ଏକ ଟେଷ୍ଟ ମ୍ୟାଚ ଜିତିବାରେ ବିଫଳ ହୋଇଥିଲା । ସେମାନଙ୍କର ଶେଷ ବିଦେଶ ବିଜୟ ୨୭ ଜୁଲାଇ, ୨୦୨୩ ରେ ଶ୍ରୀଲଙ୍କା ବିପକ୍ଷରେ ହୋଇଥିଲା । ସେମାନେ ଘରୋଇ ଦଳକୁ ଏକ ଇନିଂସ ଏବଂ ୨୨୨ ରନରେ ପରାସ୍ତ କରିଥିଲେ । ସେବେଠାରୁ, ପାକିସ୍ତାନ ବିଦେଶରେ ଟେଷ୍ଟ ବିଜୟ ହାସଲ ନକରି ୧,୧୦୫ ଦିନ ବିତିଯାଇଥିଲା ।

ଶେଷରେ, ବାବର ଆଜମଙ୍କ ଅଧିନାୟକତ୍ୱରେ, ପାକିସ୍ତାନ ଦ୍ୱିତୀୟ ଟେଷ୍ଟରେ ୱେଷ୍ଟଇଣ୍ଡିଜକୁ ୮ ଉଇକେଟରେ ପରାସ୍ତ କରି ତିନି ବର୍ଷର ବିଜୟହୀନ ମରୁଡ଼ିର ଅନ୍ତ ଘଟାଇଥିଲା । ଉଲ୍ଲେଖନୀୟ ଭାବରେ, ତିନି ବର୍ଷ ପୂର୍ବ ଶ୍ରୀଲଙ୍କା ବିପକ୍ଷରେ ବିଜୟ ମଧ୍ୟ ବାବର ଆଜମଙ୍କ ନେତୃତ୍ୱରେ ଆସିଥିଲା । ଏହା ଉଲ୍ଲେଖନୀୟ ଯେ ଚଉଇ ସମ୍ପ୍ରତି ଶାନ ମାସୁଦଙ୍କୁ ଟେଷ୍ଟ ଅଧିନାୟକତ୍ୱରୁ ହଟାଇ ବାବର ଆଜମଙ୍କୁ ରେଡ-ବଲ ଦଳର ଅଧିନାୟକ ଭାବରେ ପୁନଃନିଯୁକ୍ତ କରିଛି ।

## କନିଷ୍ଠ ମହିଳା ଏସିଆ କପ୍ ପାଇଁ ୧୮ ଜଣିଆ ଦଳ

ଭୁବନେଶ୍ୱର,୬।୮(ଏଜେନସି): ମିଡଫିଲ୍ଡର ଖାଇଦେମ୍ ସିଲେଇମା ଚାନୁଙ୍କ ନେତୃତ୍ୱରେ ଆଗାମୀ କନିଷ୍ଠ ମହିଳା ଏସିଆ କପ୍ ଲାଗି ୧୮ ଜଣିଆ ଦଳ ଘୋଷିତ ହୋଇଛି । ଚୀନ୍ର ମୋଙ୍ଗ୍ରେ ଚଳିତ ମାସ ୩୦ରୁ ସେପ୍ଟେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ପ୍ରତିଯୋଗିତା ଲାଗି ଘୋଷିତ ଏହି ଦଳରେ ଓଡିଶାରୁ ୩ ଜଣ ଗୋଲି ଏଞ୍ଜେଲ ହର୍ଷ ରାଣୀ ମିଞ୍ଜ, ଡିଫେଣ୍ଡର ପୂଜା ସାହୁ ଓ ମିଡଫିଲ୍ଡର ତନୁଜା ଟୋପ୍ନୋ ସ୍ଥାନ ପାଇଛନ୍ତି । ଏହି ମହାଦେଶୀୟ ପ୍ରତିଯୋଗିତା ଲାଗି ନୂଆ ମୁଖ୍ୟ ପ୍ରଶିକ୍ଷକ ଟିମ୍ ହ୍ୱାଇଟ୍ଙ୍କ ତତ୍ତ୍ୱାବଧାନରେ ଦଳ ପ୍ରସ୍ତୁତ ହୋଇଛି । ଭାରତୀୟ ଦଳ: ଗୋଲି-ନିଧି, ଏଞ୍ଜେଲ ହର୍ଷ ରାଣୀ ମିଞ୍ଜ, ଡିଫେଣ୍ଡର- ପୂଜା ସାହୁ, ସୁପ୍ରିୟା, ପୂଜା ମଲ୍ଲିକ, ପାର୍ବତୀ ଟୋପ୍ନୋ, ମଧୁ, ମିଡଫିଲ୍ଡର-ଖାଇଦେମ ସିଲେଇମା ଚାନୁ (ଅଧିନାୟିକା), ତନୁଜା ଟୋପ୍ନୋ, ବିନିମା ଧାନ୍, ରୋଶନୀ ଏକ୍କା, ଗୀତା ଯାଦବ, ଫରୱାର୍ଡ- ଲାଲଥେନ୍ତୁଲି, ପୂର୍ଣ୍ଣିମା ଯାଦବ, ସୁଖବୀର କୌର, କ୍ରିଷ୍ଣା ଶର୍ମା, ସନିକା ଚନ୍ଦ୍ରକାନ୍ତ ମାନେ, ମଧୁ ସିଦାର । ଷ୍ଟାଣ୍ଡ ବାଇ-ଏଫ୍ ଲାଲଡିକ୍ସିଆମି, ତନୁଶ୍ରୀ ଦିନେଶ କଡୁ ।

# ବିସିସିଆଇ ଚୟନକର୍ତ୍ତା ଓ ଗମ୍ଭୀରଙ୍କୁ ସାମିଙ୍କ ପକ୍ଷରୁ ବଡ଼ ବାର୍ତ୍ତା

ନୂଆଦିଲ୍ଲୀ,୬।୮(ଏଜେନସି): ଭାରତୀୟ ଦଳର ଅଭିଜ୍ଞ ଦ୍ରୁତ ବୋଲର ମହମ୍ମଦ ସାମି ୨୦୨୫ ଚାମ୍ପିଅନ୍ସ ଟ୍ରଫି ପରଠାରୁ ଜାତୀୟ ଦଳରୁ ବାହାରେ ଅଛନ୍ତି । ୨୦୨୩ ଦିନିକିଆ ବିଶ୍ୱକପରେ ସର୍ବାଧିକ ୱିକେଟ୍ ହାସଲ କରିବା ଏବଂ ଘରୋଇ କ୍ରିକେଟ୍ରେ ଜବରଦସ୍ତ ପ୍ରଦର୍ଶନ କରିବା ସତ୍ତ୍ୱେ ନିକଟ ଅତୀତରେ ବିସିସିଆଇ ଚୟନକର୍ତ୍ତା ଓ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ପସନ୍ଦ ତାଲିକାରେ ସେ ନାହାନ୍ତି । ତଥାପି, ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ସାମି ଆଶା ଛାଡ଼ିନାହାନ୍ତି । ତାଙ୍କ ପିଲାଦିନର କୋଚ୍ ମହମ୍ମଦ ବଦ୍ରୁଦ୍ଦିନ୍ ପ୍ରକାଶ କରିଛନ୍ତି ଯେ, ସାମି ଆଗାମୀ ସିଜନ୍ ପାଇଁ ନିଜକୁ ସମ୍ପୂର୍ଣ୍ଣ ଫିଟ୍ ରଖିବାକୁ ୫ କିଲୋଗ୍ରାମ ଓଜନ କମାଇଛନ୍ତି ।



ସାମିଙ୍କ ମନୋବଳ ଦୃଢ଼ ଅଛି ଏବଂ ଆଗାମୀ ସିଜନ୍ ପାଇଁ ସେ ବେଶ୍ ଉତ୍ସାହିତ ଅଛନ୍ତି । ତାଙ୍କ ଭିତରେ ଏବେ ବି ଯଥେଷ୍ଟ କ୍ରିକେଟ୍ ବାକି ଅଛି । ଦେଶ ପାଇଁ ଯେତେବେଳେ ବି ତାଙ୍କର ଆବଶ୍ୟକତା ପଡ଼ିବ, ସେ ସେବା ଯୋଗାଇବାକୁ ପ୍ରସ୍ତୁତ ଅଛନ୍ତି । ଗତ ସିଜନ୍ରେ ସାମି ରଣଜୀ ଟ୍ରଫିର ୭ଟି ମ୍ୟାଚ୍ରୁ ୩୭ଟି ୱିକେଟ୍ ଏବଂ ବିଜୟ ହଜାରେ ଟ୍ରଫିର ୭ଟି ମ୍ୟାଚ୍ରୁ ୧୫ଟି ୱିକେଟ୍ ହାସଲ କରି ନିଜର ଦକ୍ଷତା ପ୍ରମାଣିତ କରିଥିଲେ ।ହର୍ଷିତ ରାଣା ଓ ପ୍ରସିଦ୍ଧ କୃଷ୍ଣାଙ୍କ ଭଳି ଯୁବ ବୋଲରମାନେ ଆଘାତ ସମସ୍ୟା ଦେଇ ଗତି କରୁଥିବା ବେଳେ ବଦ୍ରୁଦ୍ଦିନ୍ କହିଛନ୍ତି ଯେ, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ଭଳି ବିଦେଶୀ ମାଟିରେ ବୋଲିଂ କରିବା ସହଜ ନୁହେଁ । ୨୦୨୭ ଦିନିକିଆ ବିଶ୍ୱକପ୍ ଦକ୍ଷିଣ ଆଫ୍ରିକାରେ ହେବାକୁ ଥିବାରୁ ସେଠାରେ ସାମିଙ୍କ ଭଳି ଅଭିଜ୍ଞ ବୋଲର ଭାରତ ପାଇଁ ବହୁତ ଲାଭଦାୟକ ପ୍ରମାଣିତ ହୋଇପାରିବେ ।

ଏହା ପୂର୍ବରୁ ଭାରତୀୟ କ୍ରିକେଟର ଅଜିଙ୍କ୍ୟ ରାହାଣେ ସବୁ ଫର୍ମାଟରୁ ଅବସର ଘୋଷଣା କରିବା ପରେ ସାମି ତାଙ୍କର ପ୍ରଶଂସା କରିଥିଲେ । ସାମି ନିଜ ଇନ୍ଷ୍ଟାଗ୍ରାମ୍ ଷ୍ଟୋରୀରେ ଲେଖିଥିଲେ, 'ଶୃଙ୍ଖଳା, ଆନୁଗତ୍ୟ ଏବଂ ସମର୍ପଣ ଭିତ୍ତିରେ ଗଢ଼ିଉଠିଥିବା ଏକ କ୍ୟାରିୟରରେ ଆଜି ପୂର୍ଣ୍ଣଚ୍ଛେଦ ପଡ଼ିଛି । ଭାରତୀୟ ଜର୍ସିରେ ପ୍ରତ୍ୟେକ ରନ୍, ସଂଘର୍ଷ ଏବଂ ଅଭୁଲା ମୁହୂର୍ତ୍ତ ପାଇଁ ଧନ୍ୟବାଦ । ଆପଣଙ୍କ ପରବର୍ତ୍ତୀ କାର୍ଯ୍ୟ ପାଇଁ ଶୁଭକାମନା ।'

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982